

ସାହିତ୍ୟ

ସଂପାଦକ — [illegible]

# ଜନ-ସାହିତ୍ୟ

ଏକମାତ୍ର ଉପନ୍ୟାସ ମାସିକ

| | | |
|---|---|---|
| ୪ର୍ଥ ଭାଗ | ମେ | ପଚସ୍ତରି |
| ୧୨ଶ ସଂଖ୍ୟା | ୧୯୫୯ | ନୂଆ ପଇସା |


## ଦୁହିଁଙ୍କ ଲକ୍ଷ୍ୟ—ଏକ

ଗତ ସାଧାରଣ ନିର୍ବାଚନରେ କୌଣସି ଗୋଟିଏ ଦଳ ସଂଖ୍ୟାଗରିଷ୍ଠ ହୋଇ ନିର୍ବାଚିତ ନ ହେବାରୁ ଓଡ଼ିଶାରେ ଶାସନ ସଙ୍କଟ ଦେଖା ଦେଇଥିଲା କିନ୍ତୁ କଂଗ୍ରେସ ଦଳ ନାନା ଘୃଣ୍ୟ ପନ୍ଥାର ଆଶ୍ରୟ ନେଇ ବିଭିନ୍ନ ଦଳରୁ ସଭ୍ୟ କିଣାବିକା କରି ଆପଣାମାନଙ୍କ ହାତରେ ସରକାର ଗଢ଼ିଲେ କିନ୍ତୁ ବିରୋଧୀଦଳର ସଭ୍ୟମାନଙ୍କୁ ନାନା ପ୍ରଲୋଭନ ଦେଖାଇ ଅକ୍ତିଆର କଲେ ସୁଦ୍ଧା, ସେମାନଙ୍କ ଦାବି ଦାନ୍ତୁଡ଼ନ ସୀମା ଅତିକ୍ରମ କରିବାରୁ ଓ ଉପନିର୍ବାଚନରେ ପରାଜୟ ହେବାରୁ ଶେଷରେ କଂଗ୍ରେସ ଦଳ ଭିତରେ କନ୍ଦଳ ସୃଷ୍ଟି ହେଲା । ଆଉ ଥରେ ଶାସନ ସଙ୍କଟ ସୃଷ୍ଟି ହେଲା କିନ୍ତୁ ଶାସକ ଦଳ ନାନା ଅଗଣତାନ୍ତ୍ରିକ ପନ୍ଥାର ଆଶ୍ରୟ ନେଇ ଗଦି ଛାଡ଼ିଲେ ନାହିଁ । ବେଳକୁ ବେଳ ତାହା ଜଟିଳ ହେବାରୁ ଏବେ ଗଣତନ୍ତ୍ର ଦଳ ସହିତ ମିଳିତ ସରକାର ଗଢ଼ିବାକୁ କଟକଠାରୁ ଦିଲ୍ଲୀ ପାଏ କଳ୍ପନା ଜଳ୍ପନା ଓ ପ୍ରସ୍ତାବ ଆଲୋଚନା ଚାଲିଛି । ଗଣତନ୍ତ୍ର ଦଳ ଅତୀତରେ ପ୍ରଜା-ସୋସଲିଷ୍ଟ ଦଳ ସହିତ ହୋଇଥିବା ମେଣ୍ଟର ବିରୁଦ୍ଧାଚରଣ କରି ଅମଣ୍ଡା ଲୋଭରେ ମିଳିତ ସରକାର ଗଠନରେ ସ୍ୱୀକୃତ ଦେଇଛନ୍ତି । ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ କମିଟି ମଧ୍ୟ ଏ ନେଇ ସିଦ୍ଧାନ୍ତ ଗ୍ରହଣ କରି ସାରିଛି । କଂଗ୍ରେସ ହାଇ କମାଣ୍ଡ ନିର୍ଦ୍ଦେଶ ମାତ୍ରେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ହେବ । ହୁଏତ ଏ ସରକାର ଆସନ୍ତା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦୃଢ଼ ଭାବରେ ରହିପାରେ । କିନ୍ତୁ ପରବର୍ତ୍ତୀ ନିର୍ବାଚନରେ ଏ ଦୁଇଟି ଦଳ ଭିତରୁ କିଏ କାହାକୁ ଆତ୍ମସାତ କରିବ, ତାହାହିଁ ଦେଖିବାକୁ ବାକି ରହିଲା ।

# କାଲି ଟୋପି ଲାଲ ରୁମାଲ

ନିର୍ମାତା—ଜନତା ଚିତ୍ର, ନିର୍ଦ୍ଦେଶକ—ତାରା ହରିଶ, କଥା—ଦେବୀ ଶର୍ମା, ଗୀତକାର—ମଜରୁହ ସୁଲତାନ ପୁରୀ। କଳାକାର—ଶକିଲା ଚନ୍ଦ୍ରଶେଖର, ଆଗା, କେ. ଏନ. ସିଂହ, ନଜ୍ମା ଆଦି।

ଶଙ୍କର (ଚନ୍ଦ୍ରଶେଖର)ର ବନ୍ଧୁ ରାଜା (ଆଗା) କିନ୍ତୁ ଦୁହିଙ୍କ ମତରେ ଆକାଶ ପାତାଳ ପ୍ରଭେଦ। ଜଣେ ପରିଶ୍ରମ କରି ଜୀଇବାକୁ ଚାହେଁ ତ, ଆଉ ଜଣେ ପର ଧନରେ ଜୀବନ ନିର୍ବାହ କରେ। ଶଙ୍କର ଜୁଆକୁ ଘୃଣା କରେ, ରାଜା ଜୁଆକୁ ଭଲପାଏ। ତେବେ ବି ଦୁହେଁ ଦୁହିଙ୍କ ବନ୍ଧୁ। ଜଣକର ଆପଦରେ ଜଣେ ଜୀବନ ଦେଇ ଦେବାକୁ ତିଆର। ସାଧାରଣତଃ ସିନେମାରେ ଯେପରି ହୋଇଥାଏ, ସେଇପରି ଶଙ୍କର ଚମ୍ପା ପ୍ରତି, ରାଜା ରାଣୀ (କୁମକୁମ) ପ୍ରତି ଅନୁରକ୍ତ। କିନ୍ତୁ ରାଣୀର ଭାଇ ଜଗ୍ଗୁ (କେ. ଏନ. ସିଂହ) ଜେଲରୁ ଖଲାସ ହେବା ପରେ ସବୁ ଓଲଟ ପାଲଟ ହୋଇ ଯାଏ। ଜଗ୍ଗୁ ନିଜ ଭଉଣୀକୁ ରାଜା ସହିତ ଦେଖିଲେ ରାଜାକୁ ଖୁବ୍ ପିଟେ। ଶଙ୍କର ତାର ପ୍ରତିଶୋଧ ନିଏ। ପରେ ଆକସ୍ମିକ ଭାବରେ ଜଗ୍ଗୁ ଶଙ୍କରକୁ ଆକ୍ରମଣ କରେ ଏବଂ ଅଚେତ ଅବସ୍ଥାରେ ତାକୁ ପାଣିରେ ଭସାଇ ଦିଏ। ଫଳରେ ଶଙ୍କରର ସ୍ମୃତି ଲୋପହୁଏ।

କିନ୍ତୁ ଶଙ୍କର ପରି ମୁହଁ ଥିବା ଅଭିନେତାର ମୃତ୍ୟୁ ହୋଇ ଥିବାରୁ, ଉକ୍ତ ଚିତ୍ରର ନିର୍ମାତା ଶଙ୍କରକୁ ନେଇ ଚିତ୍ରଟି ସୁଟିଂ କରନ୍ତି। ଚିତ୍ରର ନାୟିକା ମାଲା (ନଜ୍ମା) ତାକୁ ବିବାହ କରିବାକୁ ଚେଷ୍ଟା କରେ।

ରାଣୀର ବାପା ଚମ୍ପାକୁ ଝିଅ ଭଳି ପାଳିଥିଲା। ରାଣୀ ମଧ୍ୟ ତାକୁ ବଡ଼ ଭଉଣୀ ଭଳି ସ୍ନେହ ଶ୍ରଦ୍ଧା କରେ। ଜଗ୍ଗୁ ସହିତ ଚମ୍ପାର ବିବାହ ହେବାରୁ ରାଣୀ ପ୍ରତିବାଦ କରେ। ଚମ୍ପା ପରିବର୍ତ୍ତେ ନିଜେ ହେବାକୁ ପ୍ରସ୍ତୁତ ହୁଏ।

ରାଜା, ରାଣୀ, ଚମ୍ପା ଖବର ପାଆନ୍ତି ଶଙ୍କର ଜୀଇଛି। ସେମାନେ ସହରକୁ ଯାଉଛନ୍ତି କିନ୍ତୁ ଶଙ୍କର ସେମାନଙ୍କୁ ଚିହ୍ନି ପାରୁନି। ଅତୀତର ଅନେକ କଥା ତା ଆଗରେ ପ୍ରକାଶ କଲାରୁ ସେ ସମସ୍ତଙ୍କୁ ଚିହ୍ନେ। ଶଙ୍କର ଚମ୍ପାକୁ, ରାଜା ରାଣୀକୁ ପାଆନ୍ତି। ଜଗ୍ଗୁ କର୍ମର ପରିଣାମ ଭୋଗକରେ।

ଚିତ୍ରଟିରେ ଶକିଲାର ଅଭିନୟ ଖୁବ ଉଚ୍ଚ କୋଟିର ହୋଇଥିଲେହେଁ ଏପର୍ଯ୍ୟନ୍ତ ତାଙ୍କୁ ପ୍ରଥମ ଶ୍ରେଣୀ ଦିଆ ହୋଇ ପାରୁନି। ସଙ୍ଗୀତ ସେତେ ହୃଦୟଗ୍ରାହୀ ହୋଇନି।

—*—

ଅଜର ସାବଲୁଦ ଓ ଅତୀତର ସାବଲୁଦର
ଏକ ତୁଳନାତ୍ମକ କାହାଣୀ ।

# ବିଭ୍ରାନ୍ତ

ଶ୍ରୀ ଭାଗୀରଥି ନେପାକ

ଉତ୍କଳ ସଂଘ ଲାଇବ୍ରେରୀ
ନଂ ୨/୧୩୪
ତା 1 JUL 1959
ରାଉରକେଲା

ଜନସାହିତ୍ୟ ପ୍ରକାଶନ

## ଜନ-ସାହିତ୍ୟ ଗ୍ରାହକମାନଙ୍କ ଜାଣିବା ପାଇଁ

୧। 'ଜନ-ସାହିତ୍ୟ'ର ବାର୍ଷିକ ମୂଲ୍ୟ ଟ୨॥, ଷାଣ୍ମାସିକ ,ଟ ୪। ଖଣ୍ଡି ଟ୦ଏ। ରେଜେଷ୍ଟ୍ରି ଡାକରେ ଅଧିକା ବାର୍ଷିକ ଟ୬୧ ଅଗ୍ରୀମ ଜମାଦିଅନ୍ତୁ।

୨। ଜନ-ସାହିତ୍ୟ ପ୍ରତି ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଏ।

୩। ଗ୍ରାହକମାନଙ୍କ ପାଖକୁ ସାର୍ଟିଫିକେଟ ଅଫ୍ ପୋଷ୍ଟିଂରେ ପଠା ଯାଉଥିବାରୁ ଡାକରେ ହଜିବା କପି ବଦଳରେ ବିନା ଦାମରେ ଅନ୍ୟକପି ଦିଆଯାଏ ନାହିଁ।

୪। ଯେଉଁ ସ୍ଥାନରେ ଜନ-ସାହିତ୍ୟର ଏଜେଣ୍ଟ ଥିବେ ସେଠାରେ ଗ୍ରାହକମାନେ ଏଜେଣ୍ଟଙ୍କଠାରୁ ନିଜ କପି ନେଇ ପାରନ୍ତି।

## ଏଜେଣ୍ଟମାନଙ୍କ ଜାଣିବା ପାଇଁ

୧। ଏଜେଣ୍ଟମାନେ ଅନ୍ୟୁନ ୧୦ ଖଣ୍ଡ କପି ନେବେ।

୨। ଦଶଖଣ୍ଡ ବା ସେଥିରୁ କମ କପି ନେବା ଏଜେଣ୍ଟ ଖଣ୍ଡ ପିଛା ଟ୦୵୬ କମିଶନ ପାଇବେ। ଦଶ ଖଣ୍ଡରୁ ଊର୍ଦ୍ଧ୍ୱ କପି ନେବା ଏଜେଣ୍ଟ ଶତକଡ଼ା ୨୫ କମିଶନ ପାଇବେ।

୩। ପ୍ରତି ଖଣ୍ଡ ପିଛା ଟ୦ଏ ଜମା ଦେଲା ପରେ ହିଁ ଏଜେଣ୍ଟ ଶ୍ରେଣୀଭୁକ୍ତ ହୋଇ ପାରିବେ।

୪। ପ୍ରତି ମାସର ବିକ୍ରୟ ଟଙ୍କା କମିଶନ ବାଦ ଉକ୍ତ ମାସର ୨୫ ତାରିଖ ସୁଦ୍ଧା ନ ପାଇଲେ ପରବର୍ତ୍ତୀ ସଂଖ୍ୟା ପଠାଯିବ ନାହିଁ।

## ଲେଖକମାନଙ୍କ ଜାଣିବା ପାଇଁ

୧। ଜନ-ସାହିତ୍ୟରେ ରାଜନୈତିକ, ସାମାଜିକ, ଐତିହାସିକ ଓ ରହସ୍ୟମୂଳକ ଉପନ୍ୟାସ ପ୍ରକାଶ ପାଏ। ଏହାଛଡ଼ା ଉତ୍କୃଷ୍ଟ ଅନୁବାଦ ସାହିତ୍ୟ ମଧ୍ୟ ପ୍ରକାଶ ପାଏ।

୨। ଜନ-ସାହିତ୍ୟରେ ପ୍ରକାଶ ପାଇଁ ଯେଉଁ ଲେଖକମାନେ ଲେଖା ପଠାଇବେ, ସେଗୁଡ଼ିକ ଡେମି ପେପର ୧୦୦ ପୃଷ୍ଠା ଭିତରେ ହେବ, ସେଥିପ୍ରତି ଦୃଷ୍ଟି ଦେବେ। ନୂତନ ଲେଖକମାନଙ୍କ ଲେଖା ଗ୍ରହଣ କରାଯାଏ ଏବଂ ମନୋନୀତ ହେଲେ ପ୍ରକାଶ କରାଯାଏ।

—*—

ନଖକୁ ପ୍ରଜାପତି ଭଙ୍ଗିରେ ସଜାଇ, ମୁଣ୍ଡର ହିପ୍ପିଲା ବେଣିରେ ରେଶମୀଫୁଲ ଆଉ ନାଇଲନ୍ ଫିତା ବାନ୍ଧି, ସର୍ବାଙ୍ଗରେ ହିମାଳୟା ପାଉଡ଼ର ଆଉ ମୁହଁ ଗୋଟିକରେ ଭେନିସିଙ୍ଗ୍ ପୋଣ୍ଡ୍‌ସ୍‌ର ହାଲ୍‌କା ଅଥଚ ସୁରଭିତ ପ୍ରଲେପ ବୋଳି ହୋଇ, ବାଟା କମ୍ପାନିର ମଧୁବାଲା ବ୍ରାଣ୍ଡ ହାଇହିଲ୍ ଜୋତା ଅଥବା ନର୍ଗିସ୍ ବ୍ରାଣ୍ଡ୍‌ର ହାଲୁକା ଚପଲରେ ରକ୍ତରଞ୍ଜିତ ପାଦ-ଦୁଇଟିକୁ ଆବୃତ କରି, ମଠେଇ ମଠେଇ ହଲ ଦୋହଲ ମନ୍ଥର ଗତିରେ ଆଳସ୍ୟ ଆଉ ଉନ୍ମାଦନା ଖେଳାଇ, ରାଜପଥର ଜଣା ଅଜଣା ଅଗଣନ ନରନାରୀଙ୍କ ଉପରେ ଭସାଣିଆ ଆଖିର ତନ୍ଦ୍ରାତାଳି, ଲିପ୍‌ଷ୍ଟିକ୍ ବୋଳା ଓଠ ଦୁଇଟିରେ ମୁକ୍ତିହସର ମନଭୁଲା ପାଖୁଡ଼ା ମେଲି ମେଲି ଯେଉଁ ତନ୍ୱୀ, ରୂପସୀ, ଷୋଡ଼ଶୀଟି ସ୍ୱପ୍ନ ବୁଣି ଚାଲି ଯାଏ—ତାଙ୍କ ନାଁ ଶ୍ରୀମତୀ ଛନ୍ଦା !!!

ଛନ୍ଦାଙ୍କୁ କେନ୍ଦ୍ର କରି ରାସ୍ତାଘାଟରେ ନାନାପ୍ରକାର ଗୁଜବ ହୁଏ । ତାଙ୍କ ବୟସ ଆଉ ରୂପ ନେଇ ଆଲୋଚନା ଚାଲେ । ତାଙ୍କର ଅନାର୍‌କଲି ଶାଢ଼ୀର ରଙ୍ଗ କିଏ ପ୍ରଶଂସା କରେତ, କିଏ ମଖମଲ ବ୍ଲାଉଜ୍‌ର ତାରିଫ୍ କରେ । କିଏ କହେ ଶରୀର ତାଙ୍କର ଧଳା ମର୍ମର ପରି, ଆଉ କିଏ କହେ ଗଢ଼ଣ ଅଜନ୍ତା ମୂର୍ତ୍ତି ପରି । କିଏ ବେଣୀ ପସନ୍ଦ କରେ ତ, କାହାର ପସନ୍ଦକୁ ଆସେ ଆଖିର ବହଳିଆ ଅଥଚ ଲମ୍ବାଳିଆ ଭ୍ରୂଲତା । ସବୁ ତାଙ୍କର ସୁନ୍ଦର । ଦେହ, ଆଖି, ନାକ କାନ, ବେକ, ଶାଢ଼ୀ, ଜୋତା ସବୁ କିଛି ।

କିନ୍ତୁ ଶ୍ରୀମତୀ ଛନ୍ଦାଙ୍କର ମନ ? ତାହା ଶରୀରର ଅନୁ[illegible]ରେ— ଲୋକ ଲୋଚନର [illegible]

ଦରଜୀ ପାଖକୁ ଗଲେ କହେ, ଆଃ ଛନ୍ଦାଦେବୀ ଅଲଟିକିଏ ହେଲେ ଏଇଠି ଛିଡ଼ା ହୋଇ କଥା ହେଉଥିଲେ, ବ୍ଲାଉଜ୍ ବରାଦ ଦେଉଥିଲେ । ଆପଣ [illegible] ଆସିଲାବେଳକୁ ସେ ଗଲେ ଯାଇଥିଲେ କୋଉଁଠି [illegible] ସେ ଏଇଠିକି [illegible] । ତାଙ୍କର ସମସ୍ତ ବରାଦ ଏଇ ଦୋକାନରେ । ଦୋକାନର ନାଁ ଅଛି କିନା ! ଦୋକାନୀ ହସେ ।

ଆଉ ଗୋଟିଏ ଦରଜୀ କହେ, ତାଙ୍କର ସେହି ବେକକଟା, ଫୁଲମରା ବ୍ଲାଉଜ୍‌ଟି ଦେଖିନାହାନ୍ତି ? ପିଠି ଅଧ ଆଉ ହାତ ଅଧେରୁ ଟିକିଏ ବେଶି— ଲାଲ ଟହଟହ ରଙ୍ଗ ନିତଦିନ ସଞ୍ଜବେଳେ ପିନ୍ଧି ବୁଲନ୍ତି । ଲୋକଙ୍କର ଆଖିପତା ଅଟକି ରହେ । ଆପଣ ଜାଣିଛନ୍ତି, ସେହି ବ୍ଲାଉଜ୍‌ଟି ତିଆରି କରାଇଥିଲେ ଆମର ଦୋକାନରେ । ମୁଁ ପରା ନିଜ ହାତରେ କଣାକାଟି ସିଲାଇ କରିଥିଲି !

ଶାଢ଼ୀ କିଣିବାକୁ ମାରୱାଡ଼ୀ ଦୋକାନକୁ ଗଲେ ପେଟ ଆଉଁସି ଆଉଁସି ଗୋରା ତକ୍‌ତକ୍ ମାରୱାଡ଼ୀ ଯୁବକ କହେ, ବାବୁ କେଉଁ ଶାଢ଼ୀ ଆପଣଙ୍କର ଦରକାର ? ଅନାରକଲି, ଆର୍ଗାଣ୍ଡି ନା ଶାନ୍ତିପୁରୀ ? କିନ୍ତୁ ଛନ୍ଦାଦେବୀଙ୍କର ପସନ୍ଦ ଏହି ଅନାରକଲି ଶାଢ଼ୀ ଉପରେ । ନୂଆ ରଙ୍ଗ ନୂଆ ଡିଜାଇନ୍ କିନା ! କହିବେତ ତହିଁରୁ ଯୋଡ଼ାଏ ବାନ୍ଧି ଦେବି । ଏଇ କାଲିତ ଛନ୍ଦାଦେବୀ ଆସିଥିଲେ ଦୋକାନକୁ । ସେଇ ଅନାରକଲିରୁ ବାଛି ଶାଢ଼ୀ ଖଣ୍ଡିଏ ନେଇ ଯାଇଛନ୍ତି । କହିଛନ୍ତି ଆଜି ସଞ୍ଜବେଳେ ଆସିବେ । ସେ ସବୁବେଳେ ଆମର ଦୋକାନରୁ ଶାଢ଼ୀ ନିଅନ୍ତି ।

ଛନ୍ଦାଦେବୀଙ୍କର ଅପେକ୍ଷାରେ ବସିଛି ମାରୱାଡ଼ି ଯୁବକ । ପାନ ଚୋବାଇ ନାଲିପିକରେ ସଡ଼କ ରଙ୍ଗେଇ ଦେଲାଣି । ଛୋଟ ମୁହଁରେ ପାଉଡରର ପ୍ରଲେପ ଅଣ୍ଟ ଖାଏ ଛିଡ଼ା ଦେଖାଗଲାଣି । ତଥାପି ସେ ପ୍ରତୀକ୍ଷାରେ

ମଗ୍ନ । ଛନ୍ଦା ଦେବୀ ଆସିବେ । ପଦେ ପଦେ ମହୁଆ କଥା ତାଙ୍କ ଶାଢ଼ୀ କିଣିବେ । ହସି ହସି ବ୍ଲାଉଜ୍‌କନା ଦେଖିବେ । ଭଲରୁ ଭଲ ରଙ୍ଗ ଆଉ ଡିଜାଇନ୍ । କନା ଆଉ ଶାଢ଼ୀଦର ତାଙ୍କ ପାଇଁ କମିଯିବ । ପୁଣି ତାଙ୍କର ନାମମିଶା ସେହି ଏକାରଙ୍ଗ ଆଉ ଡିଜାଇନ୍‌ର ଶାଢ଼ୀ ନୂଆ ଗ୍ରାହକ ଆଗରେ ଦାମିକା ହୋଇଯିବ—ଛନ୍ଦା ଦେବୀ ସେହି ଶାଢ଼ୀ ପିନ୍ଧନ୍ତି । ପଣତ ଅଗରୁ ଅଲଟ କୁଣ୍ଡେଇ ଛାତି କଡ଼କୁ ଛାଟି ଦେଇ ଥାଆନ୍ତି । ପବନ ବାଜି ପଣତ ଥରି ଉଠେ । ଥରି ଥରି ଖସିଯାଏ ବେଳେବେଳେ । ଛନ୍ଦା ଦେବୀ ରହି ରହି ସେଇଟିକୁ ଆଉଥରେ ଠିକ କରନ୍ତି ବେକ ମୂଳକୁ । ସତେକି ଅଲକ୍ଷ୍ୟରେ ପଡ଼ି ଯାଇଥିଲା । ବେକତଳେ ଚୁନାଚୁନା ବାଳ ଶାଢ଼ୀ ତଳେ ଢାଙ୍କି ହୋଇଯାଏ । ଶାଢ଼ୀର ଧଡ଼ିଟି ଯାଇ ବେଣୀଜଡ଼ାର ଲାଲଆ ଫିତା ଉପରେ ଅଟକି ରହେ । ଧଡ଼ିଉପରେ ହଂସ ହଂସୁଣୀର କଣ୍ଠଲଗ୍ନ ଛବି । ବେଣୀ ମଝିରେ ଅତି ସୁନ୍ଦର ଦେଖାଯାଏ ।

ଦୋକାନ ବଜାରର ଗହଳି ହଠାତ୍ ବଢ଼ିଯାଏ ଛନ୍ଦା ଦେବୀଙ୍କର ଆଗମନରେ । ଲୋକେ ଅନାଇ ରହନ୍ତି । ସତେକି ମୂର୍ତ୍ତିମନ୍ତ ସ୍ୱପ୍ନଟିଏ । ରକ୍ତ ମାଂସରେ ସଜୀବ ହୋଇ ଉଠିଛି । ଛନ୍ଦା ଦେବୀଙ୍କର ରୂପ ଆଉ ସାଜସଜ୍ଜା ଆଖିବାଟେ ପିଇଯାନ୍ତି ତୃଷିତ ଜନତା—ତାଙ୍କରି ଦର୍ଶନରେ ନୟନମନ ପୂରି ଉଠେ । ଲାଲଆ ଅଧରର କଅଁଳ କଥା ପଦେ ଶୁଣିବାକୁ ପଛରେ ଚାଲେ ଶୋଭାଯାତ୍ରା । ଯୁବକ ଦଳ ହଠାତ୍ ଯେମିତି ଚଞ୍ଚଳ ହୋଇ ପଡ଼ନ୍ତି । ସମସ୍ତଙ୍କର ଜରୁରୀ କାମ—ଶେଷକରି ସାଙ୍ଗେ ସାଙ୍ଗେ ଫେରିବେ ।

ଦରଜୀ ଦରଜୀ ଭିତରେ ଯୁକ୍ତି ହୁଏ । ଜଣେ କହେ ଛନ୍ଦା ଦେବୀଙ୍କର ସୁନ୍ଦର ବେକକଟା ସେମିଜଟି ସେହି ତିଆରି କରିଥିଲା । ଆଉ ଜଣକ କହେ ଲମ୍ବା ହାତ ଓ ସାମନା ଫୁଲ ବୋତାମ ଲଗା ସେବଜୀ ଓ କମଳା ରଙ୍ଗ ମିଶାମିଶି ବ୍ଲାଉଜ୍‌ଟି ତାହାରି ଦ୍ୱାରା ତିଆରି ହୋଇଥିଲା । ସେଇଟା ବେକକଟା ସେମିଜଠୁଁ ଆହୁରି ସୁନ୍ଦର, ଆହୁରି ଲୋଭନୀୟ ।

ଶାଢ଼ୀ ଦୋକାନୀ, ଦରଜୀ ଠୋକା, ମନୋହରୀ ଦୋକାନୀ ଆଉ ଫେରିବାଲା ପଞ୍ଜାବୀ ଲୋକଟି ଛନ୍ଦା ଦେବୀଙ୍କର ନିହାତି ଦରକାରୀ କଥା

କେଇପଦ ଶୁଣି କୃତାର୍ଥ ହୁଅନ୍ତି । ହେଉ ପଛେ ତା' କହାତ ସାଧାରଣ ସାଧାରଣ ଆଉ ହାଲୁକା କଥା । ଛନ୍ଦା ଦେବୀଙ୍କର ତ ! କେତେ ସୁନ୍ଦର ! କେତେ ମିଠା !! କହୁଥିବେଳେ କପାଳକୁ କୁଞ୍ଚିତ କରନ୍ତି—ନାକ ଫୁଲାଇ ରହିରହି ପବନ ଛାଡ଼ନ୍ତି । ଭ୍ରୂଲତା ମୃଦୁ ଥରଉଠେ । ତୋଳା ଦୁଇଟି ଛଳଛଳ ହୋଇଯାଏ । ଗୋଟିଏ ସୁନ୍ଦର ଛବିର ସ୍ୱଭାବମୟ ବିକାଶ ! ବୋକାମା ମୁହଁକୁ ଅନ୍ଧାର ଅନାଉ ହସ୍ତାବରେ ଭୁଲ୍ କରେ ।

ଶ୍ରୀମତୀ ଛନ୍ଦା ସବୁ ଜାଣନ୍ତି । ପୁଣି ଜାଣିଶୁଣି ନ ଜାଣିଲା ଭଳି ସବୁ କଥାକୁ ତୋଳି ନିଅନ୍ତି । ଅଳ୍ପ ହସି ରୁମାଲରେ ମୁହଁ ପୋଛନ୍ତି—ସତେ ଯେମିତି ଥକି ପଡ଼ିଛନ୍ତି । କିନ୍ତୁ ସେକ୍ଷଣରେ ଲକ୍ଷେ ହୃଦୟ ଏକାବେଳକେ ଚହଲି ଉଠେ—ହାୟ !

ଶ୍ରୀମତୀ ଛନ୍ଦା ପ୍ରକୃତରେ ଥକି ଯାଆନ୍ତି । ହୀରାକୁଦ କଲୋନୀ ଭିତରେ କେତେ ଲୋକ । କେତେ ରୂପ ଆଉ ରଙ୍ଗ । ହଜାରେ ଢଙ୍ଗ । ସେ ଭିତରୁ କିଏ ଚାଲି ଯାଉଥିଲେ ଜନତା ହେଜିବାକୁ ଆଖିରେ ଅନାଏ ନାହିଁ ତ ! କିନ୍ତୁ ତାଙ୍କୁ କାହିଁକି ଚାହେଁ ! ଛିଃ, କି କଦର୍ଯ୍ୟ ମନୋଭାବ ସେ ଆଖିରେ ! ଖାଲି ଗୋଟିଏ ଶସ୍ତା ନିମନ୍ତ୍ରଣର ଭଙ୍ଗୀ । ଆସ, ପାଖକୁ ଆସ । ଆହୁରି ପାଖକୁ ଲଗାଇ ଆସ । ତୁମର ରୂପମଦିରାକୁ ଆକଣ୍ଠ ପିଇଯାଏଁ ।

ସତେ କଣ ସେ ଏତେ ରୂପସୀ ?

ତାର ଏତେ ଗୁଣ ଥିଲା ?

ଛନ୍ଦା ଦେବୀଙ୍କର ଛାତି କୁଣ୍ଡେ ମୋଟ ହୋଇଯାଏ । ଆତ୍ମଗର୍ବରେ ଫୁଲି ଉଠନ୍ତି ବେଲୁନ୍ ଭଳି । ନିଜର ପରିଚ୍ଛଦ ଉପରେ ଆଖି ବୁଲାନ୍ତି । ହାତକୁ ଗୋଡ଼କୁ ଦେଖି ନିଅନ୍ତି । ଛାତି ଉପର ଲୁଗାକୁ ଆଉ ଟିକିଏ ଭିଡ଼ି ନିଅନ୍ତି । ଆଖିରେ ଆଖିରେ ହର୍ଷର ବନ୍ୟା । ଗତି ତାଙ୍କର ଧୀରେମଇ ପଡ଼େ ।

ଜନତା ସହସ୍ର ଆଖିର ଅଭିଳାଷ ନେଇ ଅନାଇ ରହେ । ପଲକ ପଡ଼େନି । ଖାଲି ପିଇଯାଏ । ହୀରାକୁଦର କର୍ମମୁଖର ବାତାବରଣ ଭିତରେ ଗୋଟିଏ ସ୍ୱସ୍ତିର ନିଶ୍ୱାସ ଏହି ଛନ୍ଦା ଦେବୀ । ଗୋଟିଏ ସଫଳ ସ୍ୱପ୍ନର ଭାଷା ।

ଛନ୍ଦା ନିଜକୁ ଅପୂର୍ବ ବେଶରେ ସଜାଇଛି ।

ସର୍ପଛନ୍ଦା ବେଣୀରେ ତାର ଦରଫୁଟା ମଲ୍ଲୀଫୁଲର ଗଭା । ନୀଳମେଘୀ ବ୍ଲାଉଜ ଉପରେ ଈଷତ୍ ଧୂସର ଶାଢ଼ୀଟିଏ । କଜ୍ଜଳରେଖା ଆଖି ଦୁଇଟିରେ ଚପଳା କପୋତୀର ଚଞ୍ଚଳତା । ପ୍ରତ୍ୟେକ ଅଙ୍ଗରୁ ସତେ ଯେମିତି ଲାବଣ୍ୟ ଝରୁଛି ।

ବିକାଶବାବୁ ଖବର କାଗଜ ଉପରୁ ଆଖି ଉଠାଇ ଛନ୍ଦାକୁ ପଗୁରିଲା ଗୃହିଣୀଟିର ଅନେଇ ରହିଲେ ।

ଛନ୍ଦା ଗହଳ ବେଣୀର ଶେଷାଂଶକୁ ବେକ ପାଖରୁ ଖସାଇ ଆଣିଥାଏ ଛାତି ଉପରକୁ । ସେଇଟି ବର୍ତ୍ତୁଳ ଉରଜ ଉପରେ ମୂର୍ଚ୍ଛିତ ସର୍ପସମ ଢାଳେଇ ପଡ଼ିଥାଏ ।

ବିକାଶବାବୁ ବୁଝିଲେ ଛନ୍ଦା କିଛି ଗୋଟିଏ ପ୍ରସ୍ତାବ ବାଢ଼ି ତାକୁ ସମର୍ଥନ କରିବାକୁ ଜିଦ୍ ଧରିବ । ଆଗରୁ ଏ ଅଭିଜ୍ଞତା ତାଙ୍କର ରହିଛି ।

ଛନ୍ଦା ବିକାଶବାବୁଙ୍କ ପାଖକୁ ଲାଗିଆସି ଚଉକିର ହାତ ଉପରେ ଭରାଦେଇ ଛିଡ଼ାହେଲା ।

ବିକାଶବାବୁ ନ ଜାଣିଲାଭଳି ଖବର କାଗଜ ଉପରେ ଆଖିଦେଲେ ।

ଛନ୍ଦା ସତେକି ଅଭିମାନରେ ଫାଟି ପଡ଼ିଲା । ଅନ୍ୟଦିନ ହୋଇଥିଲେ ସେ ଘରୁ ସେ ଘର ଯାଇ ଥାଆନ୍ତା । କିନ୍ତୁ ଆଜି ବୋଧହୁଏ ଗୋଟିଏ ବଡ଼ ରକମର ପ୍ରସ୍ତାବ ଆଣିଛି । ବିକାଶବାବୁ ଲକ୍ଷ୍ୟକଲେ ଛନ୍ଦା ଫେରି ନ ଯାଇ ସଳଖ ହୋଇ ଛିଡ଼ା ହୋଇଛି ।

ଶୁଣୁଛ ?

କଅଣ ?

ମୁଁ ଆଜି ଗୋଟିଏ ଜାଗାକୁ ଯିବି—

ଯାଉନ—

ନା, ଟିକିଏ ଫେରିଲାବେଳକୁ ରାତି ହୋଇ ଯାଇପାରେ । ମୋ' ପାଇଁ ଅପେକ୍ଷା ରଖିବନି । ଖାଇଦେଇ ତମର ତମେ ଶୋଇଥିବ । ଯଦି ଅଧିକ ରାତି ହୁଏ ସକାଳୁ ଫେରିବି ।

କାହିଁକି ? ତମେ ନ ଗଲେ କଣ ଚଳିବନି ଛନ୍ଦା ?

ଚଳିବନି ? ମୋ ପାଇଁ ପିକ୍‌ନିକ୍‌ଟା କଣ ବନ୍ଦ ହୋଇଯିବ ? କିନ୍ତୁ ମୁଁ କଥା ଦେଇ ସାରିଛି । ମୋତେ ଯିବାକୁହିଁ ହେବ ।

ତେବେ ପଚାରିବାର ଉଦ୍ଦେଶ୍ୟ ?

ଏହାର ଉତ୍ତର ଦେବାକୁ ମୁଁ ପ୍ରସ୍ତୁତ ନୁହେଁ । ତୁମକୁ କହିବା ଉଚିତ ଭାବି କହିଦେଲି । କିନ୍ତୁ ତାର କୈଫିୟତ୍ ଦେଇ ପାରିବି ନାହିଁ ।

ତାହାହେଲେ ବେଶ ତମେ ଯାଇପାର ।

ଧନ୍ୟବାଦ ! କହି ତୀର ବେଗରେ ଚାଲିଗଲା ଛନ୍ଦା ।

ବିକାଶବାବୁ ଅନେଇ ରହିଥାନ୍ତି ।

ଆସନ୍ନ ସଂଧ୍ୟାର ଅନ୍ଧାର ମାଡ଼ି ଆସୁଛି । ଦୀର୍ଘ ଦିନର ଆୟୁଷ ସରିସରି ଆସୁଛି ।

ବିକାଶବାବୁ ପୁଣିଥରେ ଖବର କାଗଜ ଉପରେ ଦୃଷ୍ଟି ପକାଇଲେ । ପଢ଼ିବାକୁ ମୋଟେ ମନ ହେଉନି । ଖବର କାଗଜ ଆଗରେ ଖୋଲି ଯାଉଛି ଅତୀତର ଚିତ୍ରଟିଏ । ଆଖି ଆଗରେ ଅକ୍ଷର ବଦଳରେ ଦିଶୁଛି ଅତୀତ ।

ଦୀର୍ଘ ସାତବର୍ଷ ତଳର ଅତୀତ ।

ସେ ଦିନ ବି' ଏମିତି ସନ୍ଧ୍ୟା ହୋଇ ଆସୁଥାଏ ।

କଲିକତା ନଗରୀ ହସି ଉଠୁଥାଏ ବିଜୁଳି ଆଲୁଅରେ ।

ହଠାତ୍ ଉପୁଜିଲା ତାଙ୍କ ଘରର ଆଲୁଅ ଲିଭିଗଲା । ଘର ଭିତରକୁ ପଶି ଆସିଲେ ପଞ୍ଚାଏ ନରରାକ୍ଷସ ପଠାଣ । ଆଖିରେ ତାଙ୍କର ରକ୍ତନିଆଁ । ହାତରେ ରକ୍ତମୁଖା ଛୁରୀ ।

ବିକାଶବାବୁ ନବବିବାହିତ ପତ୍ନୀ ରମା ସଙ୍ଗରେ ଗୋଟିଏ ପଲଙ୍କରେ ବସି କଥାବାର୍ତ୍ତା କରୁଥାନ୍ତି । ଶୁକର ଠୋକାଟି ବଜାରକୁ ଯାଇଥାଏ କାମରେ ।

ବିକାଶବାବୁଙ୍କର ଦେହ ବରଡ଼ା ପତ୍ର ଭଳି ଥରିବାକୁ ଲାଗିଲା । କିନ୍ତୁ ପରକ୍ଷଣରେ ନିଜକୁ ସେ ସଜାଡ଼ି ନେଇ ସବୁ ବଳ ଦେଇ ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେଲେ ।

କିନ୍ତୁ ଗୋଟିଏ ମଣିଷ ଗୁଡ଼ାଏ ପଶୁକୁ ପାରିବ କେମିତି ?

ନରହନ୍ତା ପଠାଣ କେଇଜଣ ମୂର୍ଚ୍ଛାହତ ପତ୍ନୀଙ୍କୁ ତାଙ୍କର ନିର୍ମମ ଭାବରେ କାଟି ପକାଇଲେ ।

ବିକାଶବାବୁ ସେହି ତୀକ୍ଷ୍ଣ ରକ୍ତାକ୍ତ ଅସ୍ତ୍ରରେ କେବଳ ଗୋଟିଏ ଆତତାୟୀର ଜୀବନ ନେଇଥିଲେ ।

ଠିକ୍ ସେତିକିବେଳେ ଦେଶ ସ୍ୱାଧୀନ ହୋଇଥାଏ । ହିନ୍ଦୁସ୍ଥାନ ପାକିସ୍ଥାନ ଭାଗଭାଗ ହୋଇ ସାରିଥାଏ । ସାରା ଭାରତରେ ଗୋଟିଏ ରକ୍ତାକ୍ତ ବିପ୍ଳବର ସୂତ୍ରପାତ ହେଉଥାଏ ।

ବିକାଶବାବୁ ସର୍ବହରା ହେଲେ । ନିଜର ପ୍ରିୟତମା ପତ୍ନୀଙ୍କ ବିୟୋଗ ସହ୍ୟକରି ନ ପାରି ସେ ହେଲେ ପଳାତକ । କଲିକତାରେ ଘରଦ୍ୱାର କିଣି ରହିବେ ବୋଲି ଓଡ଼ିଶା ମାଟିର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସେ ବିକ୍ରିକରି ସାରିଥିଲେ । ତେଣୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନର ମୋହ ତାଙ୍କର ନ ଥିଲା । ତଥାପି ଗୋଟିଏ ଖିଆଲରେ ପୁରୀ ଚାଲିଆସି ସମୁଦ୍ର ବେଳାଭୂମି ଉପରେ ଥିବା ହୋଟେଲମାନଙ୍କରେ ରହିବା ପାଇଁ ବନ୍ଦୋବସ୍ତ କରୁଥିଲେ ।

ସେଠାରେ ହଠାତ୍ ଦେଖାହେଲା ଛନ୍ଦା ସହିତ ।

[ ସାତ

କଲିକତାର ପ୍ରତିବେଶିନୀ ଛନ୍ଦାକୁ ସେ ଭଲରୂପେ ଚିହ୍ନି ପାରିଲେ । ଛନ୍ଦା ମଧ୍ୟ ବିକାଶବାବୁଙ୍କୁ ଚିହ୍ନିପାରି ନମସ୍କାର ଜଣାଇଲା ।

ବିକାଶବାବୁ ଦେଖିଲେ ଛନ୍ଦା ହାତରେ କାଚ ନାହିଁ, କି ସୀମନ୍ତରେ ସିନ୍ଦୁର ନାହିଁ ।

ଛନ୍ଦା ହୋଟେଲ ଭିତର ନିଜର ରୁମକୁ ଡାକିନେଇ ତା ଜୀବନରେ ଘଟିଯାଇଥିବା ସମସ୍ତ ବିପଦ କଥା ଶୁଣାଇଲା ।

ଆଖିରେ ସେଦିନ ଅଶ୍ରୁର ବନ୍ୟା ଛୁଟି ଥିଲା ।

ପତ୍ନୀ ରମା ଦିନେ କହିଥିଲା ଛନ୍ଦାଦେବୀ ଖୁବ ଭଲ । ତୁମେ ତୁମଙ୍କର ସାଙ୍ଗ । ଖୁବ ଘନିଷ୍ଠତା ରହିଛି ।

ଛନ୍ଦାକୁ ରକ୍ଷା କରିବାକୁ ଯାଇ ସ୍ୱାମୀ ପ୍ରାଣ ହରାଇଛନ୍ତି । ଛନ୍ଦାର ମଧ୍ୟ ମୃତ୍ୟୁ ହୋଇଥାନ୍ତା । କିନ୍ତୁ କେତେକ ସାହସୀ ହିନ୍ଦୁ ଆସି ପହଞ୍ଚିବାରୁ ଅର୍ଦ୍ଧମୃତ ଛନ୍ଦା ବଞ୍ଚିଗଲା ।

ଛନ୍ଦାର ଯାହାକିଛି ପଇସାପତ୍ର ଥିଲା ସେତିକ ଧରି ଏକୁଟିଆ ପୁରୀ ଚାଲି ଆସିଛି ।

ବିକାଶବାବୁଙ୍କର ଆଖିରୁ ଲୁହ ଝରୁଥାଏ ।

ବିକାଶବାବୁ ବିବାହିତ ପତ୍ନୀକୁ ହରାଇ ଆଜି ସର୍ବହରା ।

ଛନ୍ଦା ବିବାହିତ ସ୍ୱାମୀଙ୍କୁ ହରାଇ ପଥହରା ।

ଛନ୍ଦା ଆଉ ବିକାଶ ଗୋଟିଏ ନୀଡ଼ରେ ଆବଦ୍ଧ ହେଲେ ।

ଖୁବ ସୁନ୍ଦର ଭାବରେ ମାସ କେଇଟି କଟାଇଲା ପରେ ହାସ୍ୟବୁଦ ଆସି ଆସ୍ଥାନ ଜମାଇଛନ୍ତି ତୁମେ ।

ବିକାଶବାବୁ ଭାବୁଥିଲେ ଛନ୍ଦା କେତେଶୀଘ୍ର ବଦଳି ଯାଇଛି । ଏ ଛନ୍ଦା ନା ଛନ୍ଦାର ଛାଇ ? କିଏ ଏହି ଛଳନାମୟୀ ଛନ୍ଦା ?

କିଏ ଏଇ ଛନ୍ଦା ! ତାର ରହସ୍ୟମୟ ଜୀବନର ଆଲୋଚନା ହୁଏ ବନ୍ଧୁ ମହଲରେ । ଅଗଣିତ ନରନାରୀଙ୍କର ଅସୁମାର ମାଧ୍ୟାକର୍ଷଣର କେନ୍ଦ୍ରସ୍ଥଳ ଏଇ ଛନ୍ଦା । ତାରେକ ଏଁ କହେ ପଞ୍ଜାବରେ ତାର ଜନ୍ମ । କର୍ତ୍ତାର ଏଁ କହେ କାଶ୍ମୀରରେ ତାର ଘର, ଆଉ ଓ୍ୱାର୍କସପ୍‌ର ଦତ୍ତବାବୁ କହନ୍ତି କଲକତାର ଚିତ୍‌ପୁର ରୋଡ଼ରେ ତାର ବନ୍ଧୁବାନ୍ଧବଙ୍କ ଦୋକାନ ଥିବାର ସେ ଜାଣିଛନ୍ତି । କିନ୍ତୁ କେହି ସଠିକ ଭାବରେ ଜାଣନ୍ତିନି ତାର ପରିଚୟ । ଜାଣିବା ଲାଭ କଣ ! ସୁନ୍ଦରୀ ତରୁଣୀଟାଏ ! ଏତିକି ପରିଚୟ କଣ ଯଥେଷ୍ଟ ନୁହେଁ ? ସ୍ୱାର୍ଥକୁଦ ମାଟିର କର୍ମମୁଖର, କୋଳାହଳମୟ ଜୀବନ ଭିତରେ ଗୋଟିଏ ସୁନ୍ଦର ଲୀଳାପଦ୍ମ । ସୌନ୍ଦର୍ଯ୍ୟ ଅଛି—ଆଉ ଅଛି ସୌରଭ ।

ସ୍କୁଲର ସେଇ ତରୁଣୀ ମିଷ୍ଟ୍ରେସ୍ ବାଣୀଦତ୍ତ ଛନ୍ଦା ଦେବୀଙ୍କର ଷ୍ଟାଇଲରେ ମୁଣ୍ଡରେ ଜୁଡ଼ା ବାନ୍ଧିଲେଣି । ରିସାର୍ଚ୍ଚ ଆସିଷ୍ଟାଣ୍ଟ ଯଶୋଧାରା ଦେବୀ ଠିକ୍ ଛନ୍ଦା ଦେବୀଙ୍କ ଭଳି କଜଳ ଆଉ କୁଙ୍କୁମ ଲଗାନ୍ତି । ନର୍ସ ଗୀତା ପ୍ରଧାନର ପାଦରେ ଛନ୍ଦା ବ୍ରାଣ୍ଡର ଫୁଲପକା ଚପଲ । ଆଉ ପେଷାଦାର ଅଭିନେତ୍ରୀ ବାସନ୍ତୀ ଦେବୀ ତା ସାଧ୍ୟପର୍ଯ୍ୟନ୍ତ ଛନ୍ଦା ଦେବୀଙ୍କୁ ହିଁ ନକଲ କରିବାରେ ଲାଗିଛନ୍ତି ।

ସ୍କୁଲ୍ ଆଉ କଲେଜ ପିଲାଏ ଏକାଠି ଥିଲାବେଳେ ଆଲୋଚନା ଚାଲେ । ଛନ୍ଦାଦେବୀ ଠିକ୍ ଚିତ୍ରଜଗତର ମଧୁବାଲା ଭଳି । ଆଉ କିଏ କହେ ସେ ବୈଜୟନ୍ତୀମାଳା । ଅନ୍ୟ ଜଣକ ଆପତ୍ତି କରେ । କହେ ବେବୀନାଜ୍

ଭଲ ଚେତେହେବ ଖଣ୍ଡେ ପାଇଛି । କିନ୍ତୁ ଛନ୍ଦାଦେବୀ କାହାରି ଭଳି ନୁହନ୍ତି । ତାଙ୍କ ରୂପ ଆଉ ଗଢ଼ଣର ସ୍ୱାତନ୍ତ୍ର୍ୟ ଅଛି । ସେ ମଧୁବାଲା, ବୈଜୟନ୍ତୀମାଳା ଓ ବେବୀ ନାଜ୍‌ର ମିଶାମିଶି । ମଧୁବାଲାର ମସୃଣତା, ବୈଜୟନ୍ତୀମାଳାର ସୌଷ୍ଠବତା ଆଉ ବେବୀନାଜ୍‌ର ସୌନ୍ଦର୍ଯ୍ୟ ନିହିତ ହୋଇଛି ଛନ୍ଦା ଦେହରେ । ଶାଡ଼ କଦମ୍ବର ରୋମାଞ୍ଚ ନେଇ ସେ ବୁଲେ । ମହୁଆଲୁ କରେ ଉଦ୍‌ଗ୍ରୀବ ଜନତାକୁ । କଳକାରଖାନାର ଯାନ୍ତ୍ରିକ ମାନବ ହୃଦୟରେ ଭରିଦିଏ ଜୀବନର ମୂର୍ଚ୍ଛନା । ଈଶ୍ୱର ସୃଷ୍ଟିର ଅଦ୍ଭୁତ ସୃଜନ ଛନ୍ଦାଦେବୀ । ହାବୁଡ଼ୁବୁ ଶ୍ରମିକ ଆଖିପୂରାଇ ଦେଖିବାକୁ ବିକଳ ହୁଏ । କାମ ନଥିଲେ ବି ନାନା ଆଳରେ ଠେଲ ମାରେ । ସତେ ଯେମିତି କଣ ପାଟଗାରି ପକାଇଲା । ବେଳେବେଳେ ସାଣ୍ଡାଲର ଫିତା ଖୋଲିଯାଏ । ସାଇକଲ୍ ଉପରେ ବ୍ୟସ୍ତବସ୍ତ ହୋଇ ଡବଲ୍‌ଷ୍ଟାଣ୍ଡ୍‌ରେ ଚାଲି ଯାଉଥିବା ଅବିବାହିତ କ୍ଲାର୍କ ସରକାରର ସାଇକଲ ଚେକ୍‌ଙ୍କ ଉପରୁ ଚେନ୍ ଖସିପଡ଼େ । ତାହାକୁ ଫେରୁଥିବା କର୍ମକ୍ଳାନ୍ତ ମେକାନିକ୍ ହୃଦୟରେ ସହାନୁଭୂତି ସଞ୍ଚାର ହୁଏ । ଚାଲି ଯାଇଁ ଯାଇଁ ପଛରେ ପଡ଼ି ଯାଇଥିବା ସାଙ୍ଗକୁ ହଠାତ୍ ଅପେକ୍ଷା କରେ ରାସ୍ତା ଛକ ଉପରେ । ଛନ୍ଦାଦେବୀ ଆସୁଥିଲେ ପାନ ଦୋକାନରେ ହଠାତ୍ ଗହଳି ବଢ଼ିଯାଏ । ଠିଆ ହୋଇ ସିଗାରେଟ୍‌ରେ ନିଆଁ ଧରାଇ ପଞ୍ଝା ପଞ୍ଝା ଲୋକ ଭିଡ଼ ଜମାନ୍ତି ।

ଛନ୍ଦାଦେବୀ ସେହି ରାସ୍ତାଦେଇ ଚାଲି ଯାଆନ୍ତି । ତାଙ୍କ ଦେହର ଦାମିକା ସେଣ୍ଟ୍‌ର ସୁଗନ୍ଧ ହାଲୁକା ବାୟୁମଣ୍ଡଳକୁ ସତେଜ କରେ । ଅପେକ୍ଷାକାରୀ ଯୁବକଦଳର ଆଖି ଡୋଳାଟିମାନ ସ୍ଥିର ହୋଇ ରହିଯାଏ । ନାକପୁଡ଼ା ଫୁଲି ଫୁଲି ଆସେ । ଶେଷରେ ଗୋଟିଏ ଦୀର୍ଘ ନିଶ୍ୱାସ । ପ୍ରତୀକ୍ଷା ତାଙ୍କର ସାର୍ଥକ ହୋଇଛି । ରାସ୍ତାକଡ଼ର ଗହଳି ଭାଙ୍ଗେ ।

ଛନ୍ଦାଦେବୀ ଫୁଲଟଙ୍ଗା ଚପଲକୁ ଘୋଷାଡ଼ି ଘୋଷାଡ଼ି ଚାଲି ଯାଆନ୍ତି । ଛତା କେଣ୍ଟାଟି ଝୁଲି ଝୁଲି ମାଡ଼ିଯାଏ ଆଗକୁ । କାହାରି ଉପରେ ନିର୍ଦ୍ଦିଷ୍ଟ

ଦୃଷ୍ଟି ନାହିଁ —ଅଥଚ ଆଖିତୋଳା ସମସ୍ତଙ୍କ ଉପରେ ବୁଲି ଯାଉଛି । ଅରୁଳୁ ଥର ଶାଢ଼ୀ କୁଞ୍ଚ ଉପରେ ଦୃଷ୍ଟି । ଆଖି ବୁଲାଇଲାବେଳେ ଯାହା ଉପରେ ଅପେକ୍ଷାକୃତ ଟିକିଏ ବେଶୀ ସମୟ ଅନିର୍ଦ୍ଦିଷ୍ଟ ତୋଳା ଅଟକି ଯାଉଛି ସେ କୃତକୃତ୍ୟ ହୁଏ । ଶାଟ୍ କଲର୍ଟିକୁ ବେକ ଉପରକୁ ଟେକିନେଇ ଦ୍ୱିଗୁଣ ବେଗରେ ଧାଏଁ ଛନ୍ଦା ଦେବୀଙ୍କର ପଛେ ପଛେ । ହଠାତ ମନ ଭିତରେ ଉଦ୍ଭଟ ଭାବନା । ଛନ୍ଦାଦେବୀ ତାଙ୍କୁହିଁ ଲକ୍ଷ୍ୟ କରୁଥିଲେ ! ତାଙ୍କୁହିଁ ଦେଖି ହସୁଥିଲେ !!

ଛନ୍ଦାଦେବୀ ହସୁଥିଲେ । ସେ ହସ କେବଳ ଓଠରୁ ନୁହେଁ । ଆଖିରୁ ନୁହେଁ କି ମୁହଁରୁ ନୁହେଁ । ସାରା ଦେହ, ପ୍ରତି ଲୋମକୂପ ଯେପରି ଉଲ୍ଲାସରେ ହସି ଉଠୁଛି । ସେ ହସୁଛନ୍ତି । ତାଙ୍କ ହସ ଦେଖି ରାୟବାବୁ ମଧ୍ୟ ହସୁଛନ୍ତି । ସେ ହସର ଲହରି ଖେଳୁଛି ପବନରେ ।

ତରୁଣ ଡାକ୍ତର ରାୟବାବୁ ହସକୁଣ୍ଡ ଛନ୍ଦାର ରୂପଲାବଣ୍ୟକୁ ପିଇ ଯାଉଥିଲେ । ଛନ୍ଦାର ନର୍ତ୍ତିଳ ବକ୍ଷସଙ୍ଗେ ସମାନ ତାଳ ଦେଇ ଛାତି ଭିତର ତାଙ୍କର ଦୋହଲୁଥିଲା । ମନଭିତରେ ଗୋଟିଏ ଅହେତୁକ ଆକର୍ଷଣର ମାୟା ଚକାଭଉଁରୀ ଖେଳୁଛି ।

କେଡ଼େ ସୁନ୍ଦର ସତେ ଏ ଛନ୍ଦା !

କଲେଜ ଜୀବନରେ ଅନେକ ଛାତ୍ରୀ ଆଉ ଯୁବତୀ ନର୍ସଙ୍କ ସଂସ୍ପର୍ଶରେ ଆସିଛନ୍ତି । ଅନେକ ଦୁର୍ବଳ ମୁହୂର୍ତ୍ତ ତାଙ୍କର ତରୁଣୀ ଛାତ୍ରୀଙ୍କ ଉଚ୍ଛ୍ୱାସଭରା ପରିବେଷ୍ଟନୀ ମଧ୍ୟରେ କଟିଯାଇଛି । ଅନେକ କୁଳବଧୂଙ୍କ ଶଯ୍ୟା ପାଖରେ ବସି ଛାତିର ସ୍ପନ୍ଦନକୁ ଅନୁଭବ କରିଛନ୍ତି । କିନ୍ତୁ ଛନ୍ଦାଭଳି ତ କାହାରି ଆଗରେ ଏତେ ଦୁର୍ବଳ ହୋଇ ଉଠୁ ନଥିଲେ ! କଣ ହୋଇଛି ତାଙ୍କର !!

ନିଜର ଅଜାଣତରେ ସେ ଛନ୍ଦା ପ୍ରତି ଆକୃଷ୍ଟ ।

ଛନ୍ଦା ଜାଣିଲା ସେ ଜିଣିଛି । ଏତେ ଦିନର ଚେଷ୍ଟା ସାର୍ଥକ ହୋଇଛି ତାର । ସେ ଏହି ସୁଯୋଗର ପୂର୍ଣ୍ଣ ଉପଯୋଗ କରିବ । ପାରିଲେ ତାର ନାରୀ ଜୀବନରେ ସାର୍ଥକତା । ନ ପାରିଲେ ମଧ୍ୟ କିଛି ଯାଏ ଆସେ ନାହିଁ ।

ବାର ]

ଏ ଗୋଟିଏ ଖେଳ । ବୟସର ଅଙ୍କାବଙ୍କା ପାଣି ଭିତରେ ସନ୍ତର୍ପଣ । ଏକୂଳ ନ ହେଲେ ସେକୂଳ । ଗୋଟିଏ କୂଳରେ ରହି ରହି କମିତି ଗୋଟିଏ ଖାପ୍‌ଛଡ଼ା ଲାଗିଲାଣି । ନୂତନତ୍ୱର ସନ୍ଧାନ ନାହିଁ । ସେହି ଗୋଟିଏ ପୁରୁଣା ମୁହଁ ଆଉ ପରିସ୍ଥିତି । ରାୟବାବୁ ଅବିବାହିତା । ଦେହରେ ବୟସର ଆଖିଲଗା ଲହଡ଼ି । ଭବିଷ୍ୟତ ଉଜ୍ଜ୍ୱଳମୟ । ତାଙ୍କୁ କୌଣସି ମତେ ଠକାଇ ପାରିଲେ ଜୀବନ ଉପଭୋଗ କରି ହୁଅନ୍ତା ।

ଛନ୍ଦା ରାୟବାବୁଙ୍କ ଅତି ନିକଟକୁ ଘୁଞ୍ଚି ଆସିଲା । କହିଲା, ଦେଖନ୍ତୁତ ରାୟବାବୁ ! ଗୋପାଳବାବୁ କେଡ଼େ ଅଭଦ୍ର । ସାତଟାକୁ ମୋତେ ପଠାଇବେ ବୋଲି କହି ଏଯାଏ ଦେଖାନାହିଁ ।

ବୋଧହୁଏ ଆସୁଥିବେ—

ଆପଣ ତ ସବୁବେଳେ ଏଇୟା ! ତାଙ୍କର ତ ପୁଣି ସମୟଜ୍ଞାନ ଥିବା ଦରକାର । ବନ୍ଧୁ ବୋଲି ଆପଣ ଛାଡ଼ି ଦେଇ ପାରନ୍ତି—କିନ୍ତୁ ମୁଁ ଏହାର ଉଚିତ କୈଫିୟତ୍ ତଲବ କରିବି ।

ରାୟବାବୁ ଆଶ୍ଚର୍ଯ୍ୟ ହେଲେ ଛନ୍ଦାର କଥାରେ । କଣ୍ଟ୍ରାକ୍ଟର ଗୋପାଳ ବାବୁଙ୍କ ଆଗରେ ପୋଷା କୁକୁର ଭଳି ବ୍ୟବହାର କରେ, ଅଥଚ ଏବେ କୈଫିୟତ୍ ତଲବ କଥା କହୁଛି ।

ରାୟବାବୁଙ୍କ ନୀରବତାରେ କ୍ଷୁଣ୍ଣ ହେଲା ଭଳି ଅଭିନୟ କରି ଛନ୍ଦା ତାଙ୍କର ହାତ ପାପୁଲିକୁ ନିଜ ହାତ ଭିତରକୁ ଟାଣିଆଣି କହିଲା—ଆପଣ ମୋତେ ଏ ବିଷୟରେ ସାହାଯ୍ୟ କରିବେ ନା ?

ଛନ୍ଦାର ସ୍ପର୍ଶ ରାୟବାବୁଙ୍କ ମନରେ ମାୟା ରଚିଲା । ଛାତି ଭିତରଟା ଗୁଡ଼ୁ ଗୁଡ଼ୁ ଲାଗୁଛି । ମୁହଁ ଅଠା ଧରିଲାଣି । ଆଖିରେ ତାଙ୍କର ଗୋଟିଏ ଯୁଗର ତୃଷ୍ଣା ।

ଛନ୍ଦାର ଲହୁଣୀ ଭଳି କୋମଳ ଦେହକୁ ଆସ୍ତେ ଆସ୍ତେ ନିଜ ବାହୁ ଭିତରକୁ ଭିଡ଼ି ଆଣୁ ଆଣୁ ରାୟବାବୁ ଅତି ଗୃପାଗଳାରେ ରହି ରହି

[ ତେର

କହିଲେ—ନିଶ୍ଚୟ ସାହାଯ୍ୟ କରିବି ଛନ୍ଦା ! ତୁମକୁ ମୁଁ ନିଶ୍ଚୟ ସାହାଯ୍ୟ କରିବି !

ଛନ୍ଦା ରାଜୁବାବୁଙ୍କର କଣ୍ଠଲଗ୍ନା ହୋଇ କାନପାଖରେ କହିଲା—ସେ ବିଶ୍ୱାସ ମୋର ଅନେକ ଦିନରୁ ଅଛି ରାଜୁବାବୁ !

ଦୁଇଟି ଛାତିର ଗୋଟିଏ ସ୍ପନ୍ଦନ ଗୋଟିଏ ସୁଅରେ ଗଢ଼ିବାକୁ ଲାଗିଲା ।

ରାଜୁବାବୁ ଲାବଣ୍ୟମୟୀ ଛନ୍ଦାର ମାଂସଳ ଛାତି ଭିତରେ ଖୋଜୁଥିଲେ ନିଜ ବିଗତ ଜୀବନର ଗୋଟିଏ ସ୍ୱପ୍ନିଲ ସ୍ପର୍ଶ ।

ଆଉ ଛନ୍ଦା ! ରାଜୁବାବୁଙ୍କ ଛାତି ଭିତରେ ନାରୀତ୍ୱର ଦାବୀ ହାସଲ କରିବାରେ ବ୍ୟସ୍ତଥିଲା ।

ଅନେକକ୍ଷଣର ନୀରବତା ପରେ ଛନ୍ଦା ଆଖି ଖୋଲିଲା । ଦେହଟା କେମିତି ଅଳସୁଆ ଲାଗୁଛି । ମୁହଁର ସମସ୍ତ ମେକ୍ଅପ୍ ଧୋଇ ହୋଇ ଗଲାଣି ଝାଳରେ । ମୁଣ୍ଡ ବେଣୀର ଦୁଇଟିଯାକ ଫଳକ ବିପର୍ଯ୍ୟସ୍ତ ।

ସେ ସେଇଭଳି ଘୁମନ୍ତ ଢୋଳାରେ ଅନାଇଲା ରାଜୁବାବୁଙ୍କ ମୁହଁକୁ । ଆଖିପତାରେ ତାଙ୍କର ସ୍ୱପ୍ନ ଖେଳୁଛି । ଓଦ୍ରଳ ଭ୍ରୂଲତା ରହି ରହି ଥରୁଛି । ଆଖି ତେବେ ବି ଫିଟି ନାହିଁ ।

ଛନ୍ଦା ଜୋର୍‌ରେ ରାଜୁବାବୁଙ୍କ ହାତ ହଲାଇ ଦେଇ କହିଲା—

ଶୁଣୁଛ ?

ହୁଁ ?

ନାଁ ଆଉ ନୁହେଁ—ରାତି ଖୁବ୍ ହେଲାଣି ।

ରାତି ପାହିବାକୁ ଦିଅ ଛନ୍ଦା ।

ଛନ୍ଦା ଦେଖିଲା ରାଜୁବାବୁଙ୍କ ସ୍ୱପ୍ନ ଏବେ ବି ଭାଙ୍ଗିନାହିଁ । ସେ ନିଜର ବିପର୍ଯ୍ୟସ୍ତ ଅଙ୍ଗବାସକୁ ସଜାଡ଼ି ନେଇ, ରାଜୁବାବୁଙ୍କ ଅଳସ କ୍ଲାନ୍ତ ଅବୟବକୁ ଖାଟ୍ ଉପରେ ବିଶ୍ରାମ ଦେବାରେ ସାହାଯ୍ୟ କଲା । କବାଟ ଫିଟାଇ ପାଣି ଆଣି ନିଜର ଚେହେରାଟା ଧୋଇନେଲା ଭଲରୂପେ । ପୁଣି ଯାଇ ବାରଣ୍ଡାରେ ପଡ଼ିଥିବା ଚେୟାର ଉପରେ ବିଶ୍ରାମ କରୁ କରୁ ଗୋପାଳ ବାବୁଙ୍କୁ ଅପେକ୍ଷା କଲା ।

ଶେଷରେ ଗୋପାଳ ବାବୁଙ୍କ ଚକୋଲେଟ୍ ରଙ୍ଗର ଓଲକ୍ସ-ମୋଟର୍ ଧୂଳି ଉଡ଼ାଇ ଉଡ଼ାଇ ଆସି ହସ୍ପିଟାଲ କମ୍ପାଉଣ୍ଡ ଭିତରେ ପଶିଲା । ଛନ୍ଦା ଦେଖିଲା ରଘୁବାବୁ ସେ ପର୍ଯ୍ୟନ୍ତ ଶୋଇଛନ୍ତି । ନିଦ ଲାଗିଯାଇଛି ବୋଧହୁଏ ।

ଗୋପାଳବାବୁ ପହୁଞ୍ଚି ଛନ୍ଦାର ପାପୁଲିଟିକୁ ଚୁମ୍ବନ କରିବା ସଙ୍ଗେ ମୁହଁ ପାଖକୁ ନେଇ ନେଇ କହିଲେ—ତୁମେ ଇଠି ଛନ୍ଦା ! ମୁଁ ଯାଇ ତମ ବସା ପାଖରୁ ଫେରିଲିଣି । ତୁମର ଉପରେ ବିକାଶବାବୁ କଣ କହିଲେ ଶୁଣିବ ! କହିଲେ ତୁମେ ଅନେକ ଆଗରୁ ଚାଲି ଆସିଛ । ମୁହଁରେ କେମିତି ଗୋଟିଏ ଅସ୍ୱାଭାବିକ ଗମ୍ଭୀରତା ତାଙ୍କର । ସେ ବୋଧହୁଏ ଗୃହାନ୍ତ ତମେ ସୋସାଇଟିରେ ନ ମିଶି ତାଙ୍କର ଆଜ୍ଞାବହ ଭଳି ପାଖେ ପାଖେ ଥାଆନ୍ତ ! ଲୋକଟା କେଡ଼େ ନିର୍ବୋଧ !

ସମସ୍ତେ ଏଇଭଳି ଗୃହାନ୍ତ ଆଉ ନିର୍ବୋଧ ହୁଅନ୍ତି ଗୋପାଳବାବୁ !

ତାର ଅର୍ଥ !

ବୁଝି ପାରିଲେ ନି ? ଅର୍ଥ ତ ଖୁବ୍ ସହଜ । ଲୋକଟା ଖାଲି ନିର୍ବୋଧ ନୁହେ, ବଡ ପାଗଳ ମଧ୍ୟ । ଯାହା ତମ ଶକ୍ତିର ବାହାରେ ସେଥିପାଇଁ କସରତ୍ କର ଲାଭ ?

ଠିକ୍ ବୁଝିପାରୁ ନାହିଁ ଛନ୍ଦା !

ବୁଝନ୍ତୁ, ସେ ଗୃହାନ୍ତ—ମୁଁ ତାଙ୍କୁ ବିବାହ କରି ପତିବ୍ରତା ନବବଧୂ ଭଳି ଓଢ଼ଣା ଟାଣି ଘରଭିତରେ କବାଟ କଣରେ ପଡ଼ିରହେ ।

ତାହାହେଲେ ଆପଣ କଣ ବିକାଶବାବୁଙ୍କର ବିବାହିତ ପତ୍ନୀ ନୁହନ୍ତି ? ଆଶ୍ଚର୍ଯ୍ୟ !

ସମସ୍ତେ ସେଇଆ ଭାବନ୍ତି ଗୋପାଳବାବୁ ! ସେଇଆ ଭାବି ଭୁଲ୍ କରିବାର ସମସ୍ତଙ୍କର ଗୋଟିଏ ଅଭ୍ୟାସ ହୋଇ ଗଲାଣି ଏ ହୀରାକୁଦରେ । କିନ୍ତୁ ମୁଁ କାହାରି ପତ୍ନୀ ନୁହେଁ କି ଭଗିନୀ ନୁହେଁ । ମୁଁ ଛନ୍ଦା । କେବଳ ଛନ୍ଦା ! ବିକାଶବାବୁ ମୋର କେବଳ ଜଣେ ବନ୍ଧୁ ! ଏ ଯାଏ ବନ୍ଧୁତ୍ୱରେ ଆଞ୍ଚ ଆସିନି ବୋଲି ପାଖରେ ଅଛୁ । ମନ ହେଲେ ବାହାରି ଆସିବ । ଛନ୍ଦା

ପୁଣି ଟିକିଏ ନୀରବ ରହି କହିଲା—ଆପଣ ଯଦି ଆଗ୍ରହ ଦେଖାଇବେ ତ ପାଖରେ ରହିବି ଗୋପାଳବାବୁ !

ଗୋପାଳବାବୁଙ୍କ ଆଖିରେ କୁହୁକର ସ୍ପର୍ଶ । ସେ କଣେଇ କରି ଚାହିଁଲେ ଛନ୍ଦା ଓଠରେ ମୁକ୍ତି ହସର ଜୁଆର । ଅଳସୁଆ ଆଖିରେ ବିଷାକ୍ତ ଆକର୍ଷଣର ଇଙ୍ଗିତ ।

ଗୋପାଳବାବୁ ଛନ୍ଦାକୁ ନିରୋଳା ସ୍ଥାନରେ ଅତି ନିଜର କରି ଅନେକ ଥର ଅନାଇଛନ୍ତି । ଆଖିରେ ଆଖି ମିଶାଇ ନିଜର ତୃଷାର୍ତ୍ତ ମନକୁ ସନ୍ତୁଷ୍ଟ କରିଛନ୍ତି । କିନ୍ତୁ ସେ ଛନ୍ଦା ଏ ନୁହେ । ଏ ଆଉ ଗୋଟିଏ ଛନ୍ଦା । ଗୋଟିଏ ଉଚ୍ଛ୍ୱାସର ଭେଳା, ଅଥବା ମୂର୍ଚ୍ଛନାର ମୂର୍ତ୍ତି । ଛନ୍ଦା ବେକତଳେ ତଳେ ସେ ଗୋଟିଏ ଆବେଗମୟ ଚୁମ୍ବନ ଢାଳି ଦେଇ ଖୁବ୍ ଚଞ୍ଚଳ ହୋଇ ଉଠିଲେ ।

ମୂର୍ଚ୍ଛିତ ଛନ୍ଦାର ବହଳିଆ ଭ୍ରୂଲତା ତଳେ ଗହଳିଆ ଡୋଳା ଦୁଇଟି ଛନ୍ ଛନ ହେଉଛି ।

ସେ ଏହି ମଙ୍ଗଳପ୍ରାଣ ଲୋକଟିକୁ ଆଶ୍ୱସ୍ତ କରିବା ଉଦ୍ଦେଶ୍ୟରେ କହିଲା—ଗୋପାଳବାବୁ ଚାହିଁଲେ ! ରାମୁବାବୁ ଉପରେ ଶୋଇଛନ୍ତି ।

ତା'ପରେ ଛନ୍ଦା ରାମୁବାବୁଙ୍କୁ ଯାଇ ହଲାଇ ଦେଲା ।

ରାମୁବାବୁ ଆଖି ମଳି ମଳି ଉତ୍ତର ଦେଲେ—କଣ କେତେ ସମୟ ଯାଏ ଶୋଇ ପଡ଼ିଲି ଛନ୍ଦା ?

ଗୋପାଳବାବୁ ଆଉ ଛନ୍ଦା ହାତ ଧରା ଧରି ହୋଇ ହସୁଥାନ୍ତି । ରାମୁବାବୁ ପୋଷାକ ବଦଳାଇ ଗାଡ଼ିରେ ଆସି ବସିଲେ ।

ବିକାଶବାବୁ ପୋଷାକ ବଦଳାଇ ଗୁଲି ବାହାରିଲେ । ଏକୁଟିଆ ଖାଲି ଘରଟା ଭିତରେ ବସିବସି ବିରକ୍ତ ଲାଗୁଛି । ଯେତେବେଳେ ବୁଲି ଆସିଲେ ମନ-ପରିବର୍ତ୍ତନ ହୋଇଯିବ ।

ହୀରାକୁଦ ଓ୍ୱାର୍କସପ୍‌ର ସାଇରନ୍ ବାଜୁଛି । ବୋଧହୁଏ ସିଫ୍ଟ ଶେଷ ହେଲା ବୋଧହୁଏ !

ପାହାଡ଼ ଉପରେ ତିଆରି ହୋଇଥିବା ଦୁର୍ଗା ମଣ୍ଡପ ଆଉ ପାଣି ଟାଙ୍କି ଦିଶୁଛି । ସେଇଆଡ଼କୁ ମୁହାଁଇଲେ ବିକାଶ ବାବୁ ।

ହୀରାକୁଦ କଲୋନିରେ ନୂଆହୋଇ ଗଢ଼ାଯାଇଥିବା ଓ୍ୱାର୍କସପ୍ ଆଉ ଦୁର୍ଗାମଣ୍ଡପ ଭିତରେ ଯେଉଁ ଛୋଟିଆ ଛୋଟିଆ ଚୁନଚଲା ପଥରଘର କେଇଟି ମୁଣ୍ଡେକେ ଛିଡ଼ାହୋଇଛି, ତା ଭିତରେ ରହନ୍ତି ଓ୍ୱାର୍କସପ୍‌ରେ କାମ କରୁଥିବା ଅଧେ ଅଫିସର, ଅଧେ କୁଲି ଶ୍ରେଣୀୟ ଶ୍ରମିକ ପରିବାର । ଓଡ଼ିଟିରେ ଥିବା ବେଳେ କଳାବେଲଦିଆ ମସିଆ ଲୁଗା ପିନ୍ଧନ୍ତି । ଦେହରେ, ମୁହଁରେ କଳା ରଙ୍ଗର ଛିଟିକା । ମୁଣ୍ଡବାଳ ବିପର୍ଯ୍ୟସ୍ତ । ପାଦରେ ରବର ଟାୟାର୍‌ର ଚପଲ । ଏହି ଅବସ୍ଥାରେ ନୂଆଲୋକ ପ୍ରଥମ କରି ଦେଖିଲେ ଚିହ୍ନି ପାରେ ନାହିଁ । ଗାଁରୁ କେହି ଦେଖା କରିବାକୁ ଆସିଲେ ପାଖରେ ଗୁଲି ଯାଉଥିବା ନିଜ ଲୋକଟିକୁ ଦୋ ଦୋ ପାଞ୍ଚ ହୁଏ ଚିହ୍ନିବାକୁ । ତାପରେ ନାଁ ଧରି ବଡ଼ ପାଟିରେ ଡାକେ । ପାଖକୁ ଆସି କଥାହେଲେ କଣ୍ଠ ଠାବରାଇ ଚିହ୍ନେ । ସମସ୍ତେ ଏକାଭଳି ଦେଖାଯାନ୍ତି ।

ଅଧେ ପଶୁ ଅଧେ ମଣିଷ । ଯନ୍ତ୍ର ସାଙ୍ଗରେ ମିଶି ଯନ୍ତ୍ର ହୋଇ ଯାଇଛନ୍ତି । ଖାଲି ଜୀବନ ଟିକକ ଅଛି ବୋଲି ଟେକାହୁ ରହିଛି ।

ତଥାପି ସାବଧାନ ଜୀବନ ଲଢ଼େ ଯନ୍ତ୍ର ସଙ୍ଗରେ । ସବୁବେଳେ ସତର୍କ । ମନ ଉଡ଼ାଇଲେ ଜୀବନ ଉଡ଼ିଯିବ । ଏଭଳି ହୁଏ ବେଳେବେଳେ । ସକାଳେ କଥାବାର୍ତ୍ତା କରିଥିବ ଅଥଚ ଓ୍ୱାର୍କସପ୍ ଭିତରେ ପଶି ଆଉ ବାହାରି ପାରିବ ନାହିଁ । ବାହାରିବ ଜୀବନହୀନ

[ ସତର

ଶରୀର । ମୂର୍ଚ୍ଛାରହିବ । ବିପଦଘଣ୍ଟି ବାଜିଲେ ସାରା ଶ୍ରମିକ ପରିବାରରେ ଆତଙ୍କ ଖେଳି ଯାଏ । ମେଳିବାନ୍ଧି ଭେଳା ଭେଳା ହୋଇ ଧାଇଁବେ ଓ୍ୱାର୍କସପ୍ ଭିତରକୁ ।

ବିକାଶବାବୁ ସେଇ ବାଟ ଦେଇ ଗଲା ଯାଉ ଯାଉ ଅତୀତର ଏକ ଦୃଶ୍ୟ ଭାସି ଉଠିଲା ଆଖି ଆଗରେ । ଦୀର୍ଘ ନିଶ୍ୱାସ ଛାଡ଼ିଲେ ସେ ।

ଆଗରେ ଗୋଟିଏ ବଡ଼ ନାଳ । ପାହାଡ଼ର ସମସ୍ତ ବର୍ଷାପାଣି ସେଇ ନାଳ ଦେଇ ପ୍ରଧାନ ନର୍ଦ୍ଦମା ଭିତରେ ମିଶେ । ବେଳେବେଳେ ଅଧିକ ବର୍ଷାହେଲେ ନାଳଭର୍ତ୍ତି ହୋଇ ଏଇ ଚୂନଚଳା ପଥର ଘର ଭିତରେ ପଶେ ।

ବିକାଶବାବୁ ଯିବେ କି ନାହିଁ ଭାବୁଛନ୍ତି—ସାମନା ଘରୁ ଯଦୁ ପ୍ରଧାନ ଦଣ୍ଡବତ ଜଣାଇ ପଚାରିଲା—କାହାକୁ ଖୋଜୁଛନ୍ତି ବାବୁ ?

ବିକାଶବାବୁ ଥଙ୍ଗ ଥଙ୍ଗ ହେଲେ । କାହାକୁ ସେ ଖୋଜୁଛନ୍ତି ? ନିଜର ଅତୀତକୁ ନା ବର୍ତ୍ତମାନକୁ ? ଛନ୍ଦାକୁ ନା ରମାକୁ ?

ମନ ଭିତରେ କିଛି ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ, ଅଥଚ ଓଜନିଆ ଲାଗୁଛି ମନ । ଭାବିଥିଲେ ବୁଲି ଆସିଲେ ମନଟା ସଫେଇ ହୋଇଯିବ । କିନ୍ତୁ ଖାଲି ଅଗରେ ପହଁଚି ଦ୍ୱିଧାରେ ପଡ଼ିଛନ୍ତି—ଯିବେ କି ନାହିଁ । ଜୀବନର ଖାଲି ଭଳି ଗୋଟିଏ ସଙ୍କଟ ।

ଯଦୁପ୍ରଧାନ ବିକାଶ ବାବୁଙ୍କ ନୀରବତା ଦେଖି ପାଖକୁ ଲାଗିଆସି ପଚାରିଲା—କିଛି କହିଲେନି ବାବୁ !

ନାଁ, ସେମିତି କିଛି ନୁହେଁ—କାହାକୁ ଖୋଜୁନାହିଁ । ଏକୁଟିଆଟା ଯିବାକୁ ଭଲ ଲାଗୁନି ଭାବୁଥିଲି ବସାକୁ ଫେରି ଯିବି କି ଆଗେଇବି ।

ଦୁର୍ଗାମଣ୍ଡପ ଯାଆନ୍ତେ ଯଦି ସଙ୍ଗରେ ଯାଆନ୍ତି । ଗାଁରେ ଥିଲାବେଳେ ନିତି ଭାଗବତ ଆଉ ଜଗନ୍ନାଥ ମନ୍ଦିରକୁ ଯାଉଥିଲି । ଏଠି ସେ କଥା କିଏ ଦେବ । ନିତି ଦୁର୍ଗାମଣ୍ଡପକୁ ଯାଇ ଜଣାଣ କରେଁ । କହିବେତ ବାହାରିବି ।

ବିକାଶ ବାବୁ ଯଦୁ ପ୍ରଧାନ କଥାରେ ଆଗ୍ରହାନ୍ୱିତ ହୋଇ କହିଲେ, ହଉ ଚାଲ ।

ରାମକୃଷ୍ଣ ମିଶନରେ ଆଳତି ହେଉଛି । ଶଙ୍ଖ ନିନାଦରେ ଉଚ୍ଚକିତ ହୋଇ ଉଠିଛି ବାୟୁମଣ୍ଡଳ । ଶାସନ ଦେଇ ଝାରସୁଗୁଡ଼ା ସେପଟକୁ ଲମ୍ବି ଯାଇଥିବା ଜଇ ପର୍ବତରୁ ପ୍ରତିଧ୍ୱନି ଫେରି ଆସୁଛି କାନ ପାଖକୁ ।

ଯଦୁ ପଧାନ ଜଣାଣରେ ବ୍ୟସ୍ତ ରହିଲା ।

ରାମକୃଷ୍ଣ ମିଶନର ସେହି ବାଙ୍ଗାଳୀ ହୋଇ ହୃଷ୍ଟପୁଷ୍ଟ ସେବକ ଜଣକ କଣ ଗୋଟିଏ ଶ୍ଲୋକ ଆବୃତ୍ତି କରୁଛନ୍ତି ।

ପ୍ରକାଶବାବୁ ଅଦେଖା ଦେବତା ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ ।

ଧୂପ ପରେ ଆଳତି ଶେଷହେଲା । ଯଦୁ ପଧାନ ଜଣାଣ ଶେଷ କରିଥାଏ ।

ଫାଷ୍ଟଗେଟ୍ ତରଫରୁ ଝୁଲ୍‌ଝୁଲିଆ ଖୋଲା ପବନ ବହି ଦେହକୁ ଫୁଲଭଳି ହାଲୁକା କରି ଦେଉଛି ।

ପ୍ରକାଶବାବୁ ଯଦୁପଧାନ ସଙ୍ଗରେ ଯାଇ ଦୁର୍ଗାମଣ୍ଡପର ଉପର ବେଢ଼ା ବେଦୀରେ ବସିଲେ । ହୀରାକୁଦ ସହରର ସମସ୍ତ ଆଲୁଅ ଆଖି ଆଗରେ ଖେଳୁଛି । ବନ୍ଧ ଉପରେ ନାଲିନେଳୀ ଆଲୁଅ ଓ ଧାଡ଼ି ମହାନଦୀର ପେଟଭିତର ପଶି ଯାଇଛି ଦୁଇ ପାଖର ପର୍ବତ ଦେହରେ ।

ପାହାଡ଼ ତଳର ଅନାମଧେୟ ପଲ୍ଲୀ ଜାମଡ଼ା ଦାଣ୍ଡରୁ ଭାସି ଆସୁଛି ଢୋଲର ଆବାଜ । ତାରି ସଙ୍ଗେ ସଙ୍ଗେ ଶୁଭୁଛି ଅପରିଚିତ ଭାଷାର ଗୋଟିଏ ସମବେତ କଣ୍ଠଲହରୀ । କନ୍ଧ, କୋଣ୍ଡ ପରିବାରର ଅଧିବାସୀ ହିଁ ଏମାନେ

ମେଳା ବାନ୍ଧି ନାଚୁଛନ୍ତି ଆଉ ଗାଉଛନ୍ତି । ସାରାଦିନର କ୍ଲାନ୍ତିକର ହାଡ଼ଫଟା ପରିଶ୍ରମ ପରେ ଟିକିଏ ମନଖୋଲା ଗୀତ ଆଉ ନାଚ । ମନରୁ ସମସ୍ତ ଗ୍ଲାନି ପୋଛି ପକାଏ । ଖଟ ଧଇଲେ ଆଖି ପଡ଼ିଯାଏ । ଆଖି ଫିଟିଲା ବେଳକୁ ସକାଳ । ପୁଣି ସେଇ ଜୀବନ ଯୁଦ୍ଧର ଡାକରା ।

ହୀରାକୁଦ ବନ୍ଧ ପରେ ପରିଶ୍ରମ ଟିକିଏ କମିଯାଇଛି । ମାଟି ନୋହିଲେ କି ପଥର ଫଟାଇଲେ ଆଣ୍ଠି ବୁଡ଼ୁଗିଆ ଦି' ପଇସା ପାଖକୁ ଆସୁଛି । ଜୀବନର ଦାହଗଣ୍ଠିରୁ ମିଳିଛି ଟିକିଏ ମୁକ୍ତି ।

ଯଦୁ ପଧାନ ସେଇ ଗୀତର ଲହରି ଭିତରେ ନିଜର ଅତୀତକୁ ଅଣ୍ଡାଳୁ ଥିଲା ।

ବିକାଶବାବୁଙ୍କ ମନ ମଧ୍ୟ କଅଁଳ ଆସୁଥିଲା । ଯଦୁ ପଧାନକୁ ପଚାରିଲେ, ଅଚ୍ଛା, ତମେ ସେ ସଂଗୀତରୁ କିଛି ବୁଝି ପାରୁଛ ?

ଯଦୁ ପଧାନ ହସିଲା । କହିଲା—ମୁଁ ସବୁ ବୁଝିପାରୁଛି ବାବୁ ! ହଜାରହେ ବର୍ଷ ଧରି ଏମାଟି ସଙ୍ଗେ ମୋର ପରିଚୟ ।

ପ୍ରତି ଧୂଳିକଣା ମୋତେ ଚିହ୍ନିଛି ବାବୁ ଆଉ ମୁଁ ମଧ୍ୟ ସେମାନଙ୍କୁ ଚିହ୍ନିଛି । ହୀରାକୁଦ ବନ୍ଧ ତ ଏଇ କେତେବର୍ଷ ହେବ ଆରମ୍ଭ ହୋଇଛି—ଆଉ ମୁଁ ଏଇ ମାଟି, ଏଇ ପବନ, ଏଇ ଲୋକ ଗହଳି ଭିତରେ ହଜାରହେ ବର୍ଷ ବିତାଇ ଦେଲି । ଏ ଗୀତ ବୁଝି ପାରିବି ନାହିଁ ?

ବିକାଶବାବୁ ଆଶ୍ଚର୍ଯ୍ୟ ହେଲେ । ଦେଖିଲେ ହଜାରହେ ବର୍ଷର ଯଦୁ ପଧାନ ମେରୁପରି ଅଟଳ ରହି ଯୁବକ ଭଳି କଥା କହୁଛି । ଗୋଟିଏ ହେଲେ ଦାନ୍ତ ଭାଙ୍ଗି ନାହିଁ । ଦେହର ରଙ୍ଗ ଫିକା ପାଉଁଶିଆ ହୋଇ ଖାପ୍‌ଛଡ଼ା ଦିଶୁଛି, କିନ୍ତୁ ମାଂସପେଶୀଗୁଡ଼ିକ ନଇଁନି ନାହିଁ । ଆଗ୍ରହ ସହକାରେ କହିଲେ—ଅଚ୍ଛା ଏ ବନ୍ଧ ଆରମ୍ଭ ବେଳେ କେଉଁଠି ଥିଲ, କଣ କରୁଥିଲ କହିଲ ?

ଯଦୁ ପ୍ରଧାନ ଖଣ୍ଡିକାଗ ମାଇ ଆରମ୍ଭ ହେଲା—ସବୁ କହିବ ଭାବୁ, ସବୁ ମନେ ଅଛି । ଆଖି ଆଗରେ ଜଳଜଳ ହୋଇ ସବୁ ଦିଶି ଯାଉଛି । ସେଦିନ ସୁନ୍ଦର ଗାଁ ଉପରେ ଯେଉଁଦିନ ଟ୍ରାକ୍ଟରେ ଧାଇଁ ପାଖ ଜଙ୍ଗଲ ସବୁ ସଫା କରିବାରେ ଲାଗିଲା, ଆଖପାଖର ସାଧାରଣ ଗାଉଁଲି ପରିବାର ଭିତରେ ଚହଳ ପଡ଼ିଗଲା । ସମ୍ବଲପୁରରୁ ଦୀର୍ଘ କୋଡ଼ିଏ ମାଇଲ ଭିତରେ ବିସ୍ତୃତ ହୋଇ ପଡ଼ିଥିବା ଛୋଟ ଛୋଟ ଗହଗହ ଗାଆଁର ଅନେକଙ୍କ ଭିତରେ ମୋଟରଟିଏ ଦେଖିବାର ସୌଭାଗ୍ୟ ଜୁଟି ନଥିଲା । ଯେଉଁମାନେ ଦେଖିଥିଲେ ଘର ଜଗି ରହିଲେ । ଅନ୍ୟମାନେ ହୀରାକୁଦ କଲୋନୀର ସେଦିନର ଅପନ୍ତରା ଭୂଇଁକୁ ଚାଲିଲେ ଦଳଦଳ ହୋଇ । ଉତ୍ସୁକ ଚାଷୀ ମୂଲିଆ ପରିବାରର ଗୋଟିଏ ଶୋଭାଯାତ୍ରା । ସଫା ଲୁଗା ପିନ୍ଧି, ମୁଣ୍ଡରେ ଅଧିକା ଟିକିଏ ତେଲ ଢାଳି ବେଶ ହୋଇଥାନ୍ତି । ସତେକି ହୀରାକୁଦରେ ଯାତ୍ରା ପରବ ହେଉଛି । ମନ ପୂରାଇ ଦେଖିବେ । କେତେ ଆବେଗ ଆଉ ଉତ୍କଣ୍ଠା ସେ ମନ ଭିତରେ । କଳଟିଏ ମାଟି ହାଣୁଛି, ଗଛ କାଟୁଛି !! ଆଶ୍ଚର୍ଯ୍ୟ । ମଣିଷର ପଟୁଆର ଚାଲିଲା ଲାଗ ଲାଗ ଦୁଇ ତିନି ହପ୍ତା । ଦଳେ ଯାଇ ଆଉ ଦଳକୁ କହିଲେ—ଯନ୍ତ୍ର ନୁହେଁ ଯେ ଜନ୍ତୁଟାଏ । ରାକ୍ଷସ ଭଳି ରୂପ । ଭୀଷଣ ଭାବରେ ଗର୍ଜି ମାଟି ତାଡ଼ୁଛି । ମହା ଦ୍ରୁମମାନ ତଳେ ଶୁଆଇ ଦେଉଛି ।

ହୀରାକୁଦ ଭୂଇଁର ଗହଳ ବଣ ସଫା ହେଲା । ଯେଉଁ ଭୂଇଁକୁ ସୂର୍ଯ୍ୟ କିରଣ ସୁଦ୍ଧା ଛୁଇଁ ପାରୁ ନ ଥିଲା, ତାହା ହେଲା ନିର୍ଜନ ନିଶୂନ ପଡ଼ିଆଟାଏ । ଖାଁ ଖାଁ ଲାଗୁଛି । ଦେଖି ହେବନି । ତା ପରେ ଫୁଟିଲା ଡିନାମାଇଟ୍ । ପଥର ଫଟାଇ ଧୂଳିକଲା । ତାହାର ଶବ୍ଦରେ ଗାଁବାଲା ଚମକି ଉଠିଲେ । ପଶୁପକ୍ଷୀ ପାହାଡ଼ ଛାଡ଼ି ଧାଇଁଲେ ଆଗକୁ, ଯେଉଁଠି ଏ ଶବ୍ଦ ପହଞ୍ଚି ପାରୁନି ।

ବୁଢ଼ା ନୀରବ ରହିଲା ଟିକିଏ । ବିକାଶବାବୁ ଅନାଇଥାନ୍ତି ବୁଢ଼ା ମୁହଁକୁ । ସେ ମୁହଁରେ ଗୋଟିଏ କ୍ରନ୍ଦନର ସ୍ପର୍ଶ ।

ବୁଢ଼ା ଅପେକ୍ଷାକୃତ ନରମ ଗଳାରେ ପୁଣି ଆରମ୍ଭ କଲା—ତା ପରେ ପରେ ବାବୁ ଗାଁ ଗାଁରେ ବାଜିଲା ଢେଙ୍ଗୁରା । ଗାଁ ଚଉକିଆ ଗାଁରୁ ଉଠିଯିବାକୁ

[ ଏବୋଉଛି

ଭେଙ୍କ୍ସ ହେଲା । ସରକାରଙ୍କର ଆଦେଶ । ସ୍ୱର୍ଗଭୂମି ଜଳ ହେବ । ପାହାଡ଼ ସମାନ ହିଁକା ସଢ଼ିବ । ସେଥିରୁ ବାହାରିବ ବିଜୁଳି ଆଲୁଅ । ପୁଣି କେନାଲ ହୋଇ ଗାଁ ଗାଁରେ ପାଣି ମଣ୍ଡିବ । ଅରମା ବଣ ଭିତରେ ସୁନାର ଫସଲ ହସିବ । ଘିଅ ଆଉ ମହୁର ସୁଅ ଛୁଟିବ ।

କିନ୍ତୁ ଗାଁ ଗାଁରେ ଖେଳିଗଲା ବିଷାଦର ଛାୟା । ପରିବାରର ମୁରୁଖା ଲୋକଙ୍କ ଭିତରେ ଭଲେଣି ପଡ଼ିଲା । ଏତେ ପରିଶ୍ରମ କରି ଯେଉଁ ଘର, ଦ୍ୱାର ତୋଳିଥିଲେ—ଲହୁଲହୁ ଏକାଠି କରି ଠାଙ୍ଗରା ଭୂଇଁରେ ସୁନାର ଫସଲ ହସାଇଲେ, ସେହି ଭୂଇଁର ମାୟା ଛାଡ଼ିବାକୁ ହେବ । ଯେଉଁ ପାଣି ପବନରେ ପୂର୍ବପୁରୁଷର ଅମୃତ ସ୍ମୃତି, ପ୍ରତି ଧୂଳି କଣାରେ ସ୍ନେହ ମମତାର ସରଳ ସ୍ୱର୍ଗ ରହିଛି, ତାକୁହିଁ ତ୍ୟାଗକରି ଚାଲି ଯିବାକୁ ହେବ ।

ଘରେ ଘରେ ଭୁଲେଣି । କରୁଆ ଭୟ ଲାଗିଛି । ପୋଲିସ ଦେଖିଲେ ଛନିଆଁ । ସମସ୍ତଙ୍କ ମୁହଁରେ ସେହି ଦୁଃଖର ଛାପ । ଖାଲି ହାୟ, ହାୟ । ଅନିର୍ଦ୍ଦିଷ୍ଟ ଭବିଷ୍ୟତ । ବର୍ତ୍ତମାନ ଉପରେ କେତେଦିନ ବା' ନିର୍ଭର । ସମ୍ବଲପୁର ଆଖପାଖର ଶହେଶ' ଗାଁ ଦୁଃଖରେ ଭାସିଲା ।

ବିକାଶବାବୁ କହିଲେ, ତା ପରେ ହୀରାକୁଦ ବନ୍ଧ ବନ୍ଦ କରିବାପାଇଁ ଆନ୍ଦୋଳନ ହେଲା । ନୁହେଁ ?

କହୁଛି ବାବୁ ସବୁ କହିବି । ନ ଜାଣିଲା ଲୋକେ ଆଜି ବି କହୁଛନ୍ତି ସମ୍ବଲପୁର ଅଞ୍ଚଳର ଲୋକେ ନିର୍ବୋଧ, ଅପଗଣ୍ଡ । କିନ୍ତୁ ତାର ଅସଲକଥା ରହିଛି ବାବୁ·········

ଏତିକିବେଳେ ଝିଅ ପଦ୍ମା ଆସି ଦୁର୍ଗାମଣ୍ଡପ ପାହାଚର ସବାତଳ ଧାଡ଼ିରେ ଛିଡ଼ା ହୋଇ ଡାକିଲା—ବାପା ଖାଇବ ଆସ ! ଅନେକ ସମୟ ହେଲାଣି ।

ଜାଇଣି ]

ଅନେକ ରାତି ହେଲାଣି । ବିକାଶବାବୁ ହାତଘଣ୍ଟା ଉପରେ ନଜର ଦେଲେ । ବାରଟା ବାଜିବା ଉପରେ । ଆକାଶ ଉପରେ ସପ୍ତର୍ଷି ମଣ୍ଡଳ ଖେଳୁଛି ।

ଯଦୁ ପଧାନ ତରତର ହୋଇ ଛିଡ଼ା ହେଲା । ବିକାଶବାବୁଙ୍କୁ କହିଲା—ତମେ ଏବେ ଯାଅ ବାବୁ ! ଅନେକ ରାତି ହେଲାଣି । ପୁଣି କେବେ ଶୁଣାଇବି ।

ଯଦୁ ପଧାନ ପାହାଚ ତଳର ଅନ୍ଧାର ଭିତରେ ଥଙ୍ଗ ଥଙ୍ଗ ହେଉଥିଲା, ଆଖିର ଦୃଷ୍ଟି କମି ଯାଇଥିବାରୁ ପାଦ ସମାନ ଭାବରେ ପଡୁନାହିଁ । ବୁଢ଼ା ପଡ଼ିଯିବା ଉପରେ ।

ପଦ୍ମା ଘରଭିତରୁ ଛୁଟି ଆସିଲା ବାପ ପାଖକୁ ।

ବିକାଶ ବାବୁ ସେତେବେଳେ ଯଦୁ ପଧାନର ହାତଧରି ଦୁଇଟି ପାହାଚ ଅତିକ୍ରମ କରିଥାନ୍ତି ।

ପଦ୍ମା ଉଦ୍ଦେଶ୍ୟରେ ବୁଢ଼ା କହିଲା···ତୁ ଆଉ କାହିଁକି ଆସିଲୁ ଝିଅ ! ବାବୁଙ୍କ ସଙ୍ଗରେ ଓହ୍ଲାଇ ଯାଉଥାନ୍ତି ।

ବାବୁ ତମର ହାତ ଧରିଲେ—ଆଉ ତମେ ଓହ୍ଲାଇବ···ନୁହେଁ ?

କ୍ଷତି କଣ ? ଆମରତ 'ସିଏ ବାପ ସମାନ !' ବିକାଶ ବାବୁ କହିଲେ ।

ପଦ୍ମା ଏକ ଲକ୍ଷ୍ୟରେ ଅନାଇଥିଲା ଏହି ଅପରିଚିତ ଦରଦୀ ମଣିଷଟି ଆଡ଼େ । ତାଙ୍କ କଥାରେ ସେ ଯେପରି କିଛି ନୂତନତାର ଗନ୍ଧ ପାଉଛି ।

ଯଦୁ ପଧାନ ପଦ୍ମା ଉଦ୍ଦେଶ୍ୟରେ ବିକାଶ ବାବୁଙ୍କୁ କହିଲା, ମୋର ଝିଅଟି ସବୁଦିନ ଚଗଲା ବାବୁ । କୋଳପୋଛା ଝିଅ ହୋଇ ଅଧିକ ଟିକେ ଆଦର ପାଇଥିଲା କିନା—ଦୁଷ୍ଟାମୀ ତେବେ ବି ଯାଇ ନାହିଁ ।

ବିକାଶ ବାବୁ ପଦ୍ମାକୁ ଚାହିଁଲେ । ସେତିକିବେଳେ ପଦ୍ମା ବିକାଶ ବାବୁଙ୍କ ମୁହଁରେ କଣ ଖୋଜୁଥାଏ । ବିକାଶ ବାବୁ ଦେଖିଲେ—ପୋଡ଼

[ କ୍ରମଶ

ପଚିଶ ବର୍ଷର ତରୁଣୀଟିଏ । ଆଖିରେ ଅଛି ଅଦ୍ୟ ମୌସୁମୀର ସଙ୍ଗୀତ । ଲାବଣ୍ୟ ଢେଉ ଭାଙ୍ଗୁଛି ଜୁଆରିଆ ଦେହରେ । ସୁସ୍ଥ ଅଙ୍ଗ ପ୍ରତ୍ୟଙ୍ଗରେ ପ୍ରସ୍ଫୁଟିତ ପୁଷ୍ପର ଆବେଗ । କଣ ଭାବି ଆଉ ଥରେ ସେ ମୁଣ୍ଡ ନୁଆଁଇଲେ ।

ସଉକର ଭାଙ୍ଗି ପାଖକୁ ଆସି ଯଦୁ ପଧାନକୁ କହିଲେ, ମୁଁ ଏଇ ସାମନା ବ୍ଲକ୍‌ର ଅମ୍ବିଗଞ୍ଜ ତଳ ତିନି ନମ୍ବର ଘରେ ରହେଁ । ସୁବିଧା ହେଲେ ନିଶ୍ଚୟ ଆସିବ । କହି ବିକାଶବାବୁକୁ ଆଙ୍ଗୁଠିରେ ଦେଖାଇଦେଲେ ।

ବୁଢ଼ା କହିଲା, ଯିବବାବୁ, ନିଶ୍ଚୟ ଯିବ ।

ରାତି ଗଭୀରରୁ ଗଭୀରତର ହେଉଥାଏ ।

ଛନ୍ଦା ଫେରିନାହିଁ ।

ବିକାଶବାବୁ ଅଳସ ଜାଳି ବିଛଣାରେ ଢଳି ପଡ଼ିଲେ ।

ଛନ୍ଦା ପାଇଁ ଅପେକ୍ଷା କରିବାକୁ ହେବ ।

ରାତି ଘନେଇ ଆସୁଛି

କର୍ମକ୍ଲାନ୍ତ ହୀରାକୁଦ ବିଶ୍ରାମ ପାଇଁ ପ୍ରସ୍ତୁତ ହେଉଛି ।

ରାତି ଡିଉଟିର କନେଷ୍ଟବଲ ସଡ଼କ କଡ଼ରେ ପଇଁତରା ମାରିଲେଣି ।

ଓ୍ୱାର୍କସପ୍‌ର ଢାନଘଣ୍ଟା ଆବାଜ ସାରା କଲୋନୀକୁ ଶୋଆଇ ରଖିଛି ।

ମହାନଦୀ ଗର୍ଭରେ ପଥର ଫଟା ହେଉଛି ବୋଧହୁଏ । ବିଭାଗବାବୁଙ୍କ କାନରେ ବ୍ଲାଷ୍ଟିଂର ଚଡ଼କ ପିଟିହେଲା ବି' ଏଥର । ମଝିରେ ମଝିରେ ଏମିତି ହୁଏ । ବ୍ଲାଷ୍ଟିଂର ପ୍ରଳୟଙ୍କରୀ ଚିତ୍କାର ହୀରାକୁଦର ଶାନ୍ତ ପରିବେଶ ଭେଦି ସମ୍ବଲପୁର ସହରରେ ଗୁଞ୍ଜିଲ୍ୟ ଖେଳାଏ, ନେସନାଲ୍ ହାଇୱେର ଓସାରିଆ ଗୁଡ ଉପରେ ଧୂମେଇ ଧୂମେଇ ଚାଲିଥିବା [illegible] ଯୋଡ଼ିବଳଦ ଚମକି ପଡ଼ନ୍ତି । ତନ୍ଦ୍ରାଚ୍ଛାଦିତ ଗଉଡ଼ିଆ କାଉଳା ଖାଇ [illegible] ଲୁଞ୍ଜରେ ହାତମାରେ । ମୁହଁରୁ ଅନର୍ଗଳ ଗୁଳିଥାଏ ସମ୍ବଲପୁରୀ ଲୋକଗୀତର ମିଠା ମୂର୍ଚ୍ଛନା । ବୁଢ଼ାରଜା ପାହାଡ଼ର ମହାଦେବ ମନ୍ଦିରରେ ସେହି ଧ୍ୱନି ବାଧାପାଇ ଲେଉଟି ଆସେ । ଶଗଡ଼ ଦ୍ୱିଗୁଣ ବେଗରେ ଧାଏଁ ଆଗକୁ । ଚିତ୍‌ରସ୍ତା । ସଡ଼କ ଦୁ'କରେ ବିଜୁଳି ଆଲୁଅ, ଆଖି ପାଇବା ଯାଏ ଲମ୍ବି ଯାଇ ପାହାଡ଼ ସେପଟେ ଲୁଚି ଯାଇଛି । ଡର ନାହିଁ କି ଭୟ ନାହିଁ ।

ରାତି ବାରଟା ପରେ ହୀରାକୁଦର ନିର୍ଜନ ରାସ୍ତା ଆଉଥରେ ସତେଜ ହୋଇ ଉଠିଲା । ସୁପ୍ତ ହୀରାକୁଦର ପହିଲ ନିଦ ଭାଙ୍ଗିଲା ।

ସମ୍ବଲପୁରରେ ସେକେଣ୍ଡ ସୋ' ସିନେମା ଶେଷ ହେଲୁ ବୋଧହୁଏ ।

ଦ'ଦଣ୍ଡା ରାତିବସର୍ ଯାତ୍ରୀ, ରିକ୍ସା ଆଉ ସାଇକଲ୍ ଆରୋହୀ ଅଣନିଶ୍ୱାସୀ ହୋଇ ଫେରୁଛନ୍ତି ବସା ଘରକୁ ।

ସିନେମା ଅଭିନେତ୍ରୀର ପ୍ରେମପୂର୍ଣ୍ଣ ଭାବବ୍ୟଞ୍ଜକ ନଗ୍ନସଙ୍ଗୀତର ପ୍ରଥମ କେଇ ପଦ ବାୟୁମଣ୍ଡଳକୁ ତାଜା କରୁଛି ।

ଅର୍ଦ୍ଧରାତ୍ରିର ଶୀତଭେଜା ଅନ୍ଧାରରେ ପୋଲିସ ଫାଣ୍ଡି ଆଗର ଚା'ବାଲା ରହିମ୍ କବାଟ ଖୋଲିଥିବ । କାଲୁଆ ରାତିର ଓଠଥରା ଶୀତରେ କପେ ଗରମ୍ ଚା' ମନ୍ଦ ନୁହେଁ ।

ହୀରାକୁଦ ମାଟିର ଶସ୍ତା ପଇସା । ଚା ବସ୍‌କୁଟରେ ଧୁମ୍‌ଧାମ୍ ପର୍ବ ।

ଏଇତ କଲେଜ ଜୀବନ !

କାମ ଚାଲିଥିବା ଯାଏ ଠିକଏ ଆରାମ ଆଉ ଫୁର୍ତ୍ତି ।

ତେଣିକି ଭାଗ୍ୟରେ କଣ ଅଛି କିଏ ଜାଣେ ?

ରାତି ବାରଟାର ପ୍ରଥମ ବସ୍ ପହଞ୍ଚିଲେ ବରଫକଲ ପଛପଟର ଝୁମ୍ପୁଡ଼ି ଘରମାନଙ୍କରେ ଦପ୍‌ଦପ୍ ହୋଇ ଆଲୁଅ ଜଳେ । ତାହାର ଭିତରୁ ଭାସିଆସେ ଗଳା ଖଙ୍କାରର ଉଦ୍ଦେଶ୍ୟପୂର୍ଣ୍ଣ ଇଙ୍ଗିତ । ଲମ୍ବାକାଳ ଅଭ୍ୟର୍ଥନାର ସଙ୍କେତ । ସିନେମା ଫେରନ୍ତା ଅବିବାହିତ ଶ୍ରମିକ ସ୍ୱପ୍ନ ନଗରେ ଢୁକୁ ଢୁକୁ ହୁଏ । ଆଖି ଆଗରେ କାହାର ତରଙ୍ଗ ତନ୍ୱଙ୍ଗ ଗୃହିଣୀ, ହସିଲୁ ମୁହଁ ଝଲସି ଉଠେ । ଉଦ୍‌ଭ୍ରାନ୍ତ ଅବିବାହିତ ତରୁଣ ପକେଟ୍ ଭିତରେ ହାତପୂରାଇ ମିଶିଯାଏ ଝୁମ୍ପୁଡ଼ିବଣ ଭିତରେ । ତାପରେ ପରେ ମଧୁର୍ ମଧୁର କଥା । ଛଲି ଛଲିଆ ହସର ଜୁଆର ସଙ୍ଗେ ସଙ୍ଗେ ଭୃକୁ ନଚା ପଲକର ଅଭିବାଦନ । ଦେହ ଉପରୁ ଶାଢ଼ୀ ଫିଟି ଯାଉଛି—ଛାତି ରାଉଜାର ବୋତାମ ଖୋଲି ଗଲାଣି । କୁସୁମିତ କବରୀ ଶିଥିଳ ହେଉଛି ।

ରହିମ୍‌ର ଚା ଦୋକାନ କଂଚା ପଇସାର ଆବାଜ ପାଏ । ଅର୍ଦ୍ଧରାତ୍ରିର ଅନ୍ଧାର ଭିତରେ ରଙ୍ଗୀନ୍ ଦେଶୀ ଆଉ ବିଲାତି ମଦର ବେଶ୍ କାଟ୍ତି ହୁଏ । ଜୀବନ ଉପଭୋଗ କରିବାର ସରସ ଉପାଦାନ ।

ଛବିଶି ]

କଳ କାରଖାନାର ଟଙ୍କା ପଇସା ଜଣଙ୍କ ପାଇଁ ଯଥେଷ୍ଟ ହେଲେହେଁ ଦୁଇଜଣଙ୍କୁ ନିଅଣ୍ଟ । ପୁଣି କେତେବେଳେ ସେ ଶୃଙ୍ଖଳା ପିନ୍ଧ କଏ ଜାଣେ ?

ଉଶୃଙ୍ଖଳ ଯୁବକ ଶ୍ରମିକ କେଉଁ ଅଜଣା ତରୁଣୀର ଅଞ୍ଚଳ ତଳେ ରାତି ଯାପନ କରେ ।

ଝୁପୁଡ଼ି ଆଗର ପୋଲିସ ଫାଣ୍ଡି, ଚଉଦ୍ୱାରଗଡ଼ର ଶିକ୍ଷିତ ସମାଜର ସୁସ୍ଥ ମନ ସବୁ ଜାଣିଶୁଣି ନୀରବ ରହିବା ଉଚିତ ମନେକରେ ।

ଏହାହିଁ ତ ଆଜିର ହୀରାକୁଦ କଲୋନୀ ।

କଲୋନୀ ଭିତରେ ମଣିଷ ମନ କଳ ପାଲଟି ଯାଇଛି ।

ମାଦଳ ମୁଖ୍ୟ ତାଳଖାଇ ଆଉ କରମା ନାଚ ପରିବର୍ତ୍ତେ ଛନ୍ଦାର ରହସ୍ୟଦେବୀ ଅଭିନୟର ଅଦ୍ଭୁତ ଅଭ୍ୟୁତ୍ଥାନ ।

ଓ୍ୱାର୍କସପ୍ ଘଣ୍ଟାରେ ଦୋହଟା ବାଜିଲା ।

ବିକାଶବାବୁଙ୍କର ଆଖିପତା ଲାଗି ଲାଗି ଯାଉଛି ।

ତଥାପି ଛନ୍ଦା ଫେରିନାହିଁ—ଫେରିବ କି ନାହିଁ ଠିକଣା ନାହିଁ ।

ବିକାଶବାବୁ ପ୍ରଥମ କରି ଭାବିଲେ ବୋଧହୁଏ ଛନ୍ଦା ସଙ୍ଗରେ ରହି ସେ ମସ୍ତବଡ଼ ଭୁଲଟାଏ କରିଛନ୍ତି । କଣ କଲେ ସୁଧୁରିବ ଛନ୍ଦା ।

ପଡ଼ୋଶୀ ନିଶାକାନ୍ତବାବୁ ଏହି ଛନ୍ଦାପାଇଁ ଜୀବନ ଦେଲେ । ଅଥଚ ସେହି ଛନ୍ଦା ଆଜି ଛନ୍ଦହରା ।

ବିକାଶବାବୁ ଭାବିଲେ ତାଙ୍କର ଭୁଲ ରହିଛି କେଉଁଠି ? କଣ ପାଇଁ ଛନ୍ଦା ଘରଛଡ଼ା ହେଉଛି ?

ଏହି ଛନ୍ଦା ପ୍ରଥମ କଲିକତାରେ ଥିଲାବେଳୁ ତାଙ୍କର ଗୋଟିଏ ଦୁର୍ବଳତା ଅଛି । ଛନ୍ଦା ଅପୂର୍ବ ଭଙ୍ଗୀରେ ନିଜକୁ ସଜାଏ । ଭଳିଭଳି ଡିଜାଇନ୍‌ର ଶାଢ଼ୀ, ବ୍ଲାଉଜ୍‌ରେ ସବୁବେଳେ ଫୁଟିଁ ଦେଖା ଯାଉଥାଏ । ଦେହରେ ମୁହଁରେ ସଙ୍ଗୀତର ସ୍ପର୍ଶ । ପ୍ରକୃତି ସମସ୍ତ ଶୋଭା ସମ୍ପଦ ଢାଳିକରି ସଜାଇଥିଲା ଏହି ଛନ୍ଦାକୁ ! ଆଖିରେ ତାର ବିଜୁଳିର ଭାଷା ।

[ ଶତଭଙ୍ଗୀ

ବକାଶବାବୁଙ୍କ ସଙ୍ଗରେ ଛନ୍ଦାକୁ ଛାଡ଼ିଦେଇ ସ୍ୱାମୀ ତାର କିଛିଏ ହେଲେ ସନ୍ଦେହ କରନ୍ତିନି । ଖୁବ୍ ମେଳାପୀ ଆଉ ସୁଶିକ୍ଷିତ ଥିଲେ ଛନ୍ଦାର ସ୍ୱାମୀ । ଛନ୍ଦା ମଧ୍ୟ ବିକାଶବାବୁଙ୍କର ସମସ୍ତ ବ୍ୟବହାରକୁ ଅତି ସହଜ ଭାବରେ ଗ୍ରହଣ କରି ନେଉଥିଲା ।

ବିକାଶବାବୁଙ୍କର ମନେ ପଡ଼ିଲା ଦିନକର କଥା—

ସେଦିନ ସେ ଅଫିସ ଫେରନ୍ତା ସୁନ୍ଦର ଶାଢ଼ୀଟିଏ, ଦାମିକା ଜନାର ସେମିଜ ବାଉଜ୍ ଆଉ କୁଙ୍କୁମ ଶିଶିଟିଏ ଆଣି ଅତି ସୁହାଗରେ ରମାଦେବୀଙ୍କ ହାତରେ ଦେଇ ସେ ସବୁ ଲଗାଇବାକୁ କହିଲେ । ରମାଦେବୀ ଲଜ୍ଜାଳ ହୋଇ କହିଲେ—'ସକାଳେ ଲଗାଇଲେ କଣ ଚଳିବନି । ତାଙ୍କ ମନରେ ଗୋଟିଏ ଝଙ୍କ ଉଠିଥାଏ । ସେ ଗୃହୁଁ ଥିଲେ ଏସବୁ ଚକ୍‌ଚକିଆ ପୋଷାକ ପିନ୍ଧାଇ ତରୁଣୀ ସ୍ତ୍ରୀ ରମାଦେବୀଙ୍କୁ ଦିଇପିବେ । ଦେଖିବେ ସେ ଛନ୍ଦାଭଳି ଦିଶିବ କି ନାହିଁ !

ରମାଦେବୀଙ୍କର ଉତ୍ତର ଶୁଣି ସୌଖୀନ ମନ ତାଙ୍କର ଭାଙ୍ଗିଗଲା । ଅଭିମାନ କରି ମୁହଁ ଫୁଲାଇ ବସିଲେ । କଥା କହିଲେ ନାହିଁକି କଥା କହିଲେ ଶୁଣିଲେ ନାହିଁ ।

ରମାଦେବୀ ସ୍ୱାମୀଙ୍କୁ ସନ୍ତୁଷ୍ଟ କରିବାକୁ ବ୍ୟତିବ୍ୟସ୍ତ ବେଶ ହେଲେ । ପାଖକୁ ଆସି ଅଣ୍ଟିବୁଜ ପରିହାସ କରି ତାଙ୍କର ବାଉଳା ମନକୁ ସଜାଡ଼ି ନେଲେ । ହସି ହସି କହିଲେ—କିମିତି ଦେଖା ଯାଉଛି କହିଲ ?

ଖୁବ୍ ସୁନ୍ଦର ।

ସତେନା ?

ମିଛ କୁହେଁ ! ଦର୍ପଣକୁ ଯାଇ ଦେଖିଲ ! ଛନ୍ଦା ତମର ପାଦଧୂଳିକୁ ସରି ହେବନି ।

ରମାଦେବୀ ଗମ୍ଭୀର ହୋଇ ଉଠିଲେ । କହିଲେ, ଛନ୍ଦା ତମ ମନର ମାପକାଠି ନା ?

ମୁଁ କଣ ସେଇଆ କହିଲି ?

ଅଟେଇଶି ]

ତାହାହେଲେ ମୋତେ ଛନ୍ଦା ସଙ୍ଗରେ ତୁଳନା କରନା ଆଉ ।

ସେ ସବୁବେଳେ ଚକଚକିଆ ପୋଷାକରେ ସାଜି ହୁଏ ନା, ସେଇ ପାଇଁ କହିଦେଲି ।

ତାହାହେଲେ ତୁମକୁ ଏହି ଚକଚକ୍ ସଜ ଭଲଲାଗେ । ନୁହେଁ ?

ମୋତେ ଖାଲି ନୁହେଁ ରମା, ସମସ୍ତ ପୁରୁଷ ଜାତିକୁ । ସୃଷ୍ଟିରେ ସବୁ-ପ୍ରକାର ଲୋଭନୀୟ ଜିନିଷରେ ସ୍ତ୍ରୀକୁ ସଜାଇ ନୟନ ମନଭରି ଅନାଇବାକୁ ଭଲ ପାଆନ୍ତି ସେମାନେ । ସ୍ତ୍ରୀ ସବୁଠାରୁ ଆଦରଣୀୟ ଜିନା !'

ଆଉ ସମସ୍ତ ସ୍ତ୍ରୀ ଜାତି ମଧ୍ୟ ନିଜକୁ ପାରୁପର୍ଯ୍ୟନ୍ତ ସଜାଇ ସମସ୍ତଙ୍କର ଆକର୍ଷଣର ପାତ୍ର ହେବାକୁ ଚାହେଁ—

କିନ୍ତୁ ତମେ ତ କେବେ ଚାହୁଁନ !

ତାହାହେଲେ ବୁଝିବାକୁ ହେବ ମୁଁ ଏହି ନିୟମରେ ଗୋଟିଏ ବ୍ୟତିକ୍ରମ । କିନ୍ତୁ ତମେ ଛନ୍ଦାକୁ ପାଇଥିଲେ·········

ତୁଣ୍ଡର କଥା ତୁଣ୍ଡରେ ଅଟକି ଗଲା । ଦାଣ୍ଡଘରେ ଛନ୍ଦାଦେବୀଙ୍କର ପାଟି ଶୁଭିଲା ।

ରମାଦେବୀ କହିଲେ—ଆଜିଠୁ ଛନ୍ଦାଦେବୀଙ୍କୁ କହୁଛି ସେ ଆମରି ଘରେ ରହିବେ ।

ଆଉ ତୁମେ ?

ମୁଁ ମଧ୍ୟ ରହିବି—ସେବିକା ହୋଇ ।

ଏ ତୁମେ କଣ କହୁଛ ରମା ! ସାବଧାନ, ଛନ୍ଦା ଦେବୀଙ୍କୁ କିଛି କୁହନା ।

କିନ୍ତୁ ନାରୀ ଜାତିକୁ ଯେଉଁ କଥା ପ୍ରଚାର ନ କରିବାକୁ ଅନୁରୋଧ କରିବ, ତୁମେ ନିଶ୍ଚିତ ଥିବ ଯେ ସେହି କଥାଟାରହିଁ ବହୁଳ ପ୍ରଚାର ହୋଇଛି ।

ଛନ୍ଦା ଆସୁ ଆସୁ ପ୍ରଗଲ୍‌ଭ ରମା କହିଲେ, ଶୁଣିଲ ଭଉ, ତୁମେ ଆମରି ଘରେ ଆଜିଠୁ ରହିବ ।

କାହିଁକି ?

( [illegible]

ଆମର ଏଇ ଭୂମିକୁ ଖୁବ୍ ଭଲ ପାନ୍ତି ।

ଛନ୍ଦା ବିକାଶବାବୁଙ୍କ ଆଡ଼କୁ କଟଣେଇ କଟଣେଇ ଗୃହିଁ ହସିଲା ଓ ଉତ୍ତର ଜବାବ ଦେଲା—ସେତ ମୋର ସୌଭାଗ୍ୟ !

ଛନ୍ଦା ପଦଟିଏ କଥା କହି ତାଙ୍କର ଅତି ସୁଖର ପରିବାରରେ ନିଆଁ ଲଗାଇ ଗୃଲଗଲା । ସେହି ନିଆଁ ଦୁଇଦିନ ଧରି ଜୁହୁଳିଲା । ଜଳିବା ପୂର୍ବରୁ ଅନେକ ପ୍ରକାର ଭୁଲାଣିଆ କଥା କହି ଓ ଦୋଷ ସ୍ୱୀକାର କରି ଅଭିମାନିନୀ ରମାର ଜୁହୁଳା ମନକୁ ଲିଭାଇ ଦେଇଥିଲେ ବିକାଶ ବାବୁ ।

କିନ୍ତୁ ଚାରି ମାସ କେଇଟି ପରେ ତାଙ୍କ ଜୀବନର ସେହି ସର୍ବଶ୍ରେଷ୍ଠ ଅଘଟଣ ଘଟିଗଲା । ରମା ହାଣ ମୁହିଁରେ ଗଲା !

ସୂଗ୍ୱଠୁଁ ସେମାନେ ଏକାଠି ରହିବାର ଆରମ୍ଭ କରିଛନ୍ତି, ସ୍ୱାମୀ ସ୍ତ୍ରୀ ଭାବରେ ନୁହେଁ ବନ୍ଧୁ ଆଉ ବାନ୍ଧବୀ ରୂପରେ । ଦୁଇଟି ତରୁଣ ତରୁଣୀ ଏକାଠି ରହିଲେ ମନର ଗତି ସ୍ୱଚ୍ଛଳ ହୁଏନା । ତଥାପି ସେମାନେ ରହିଲେ ।

ଛନ୍ଦା ନିଜର ସ୍ୱାମୀଙ୍କ କଥା କହିଲେ ବିକାଶବାବୁ ଶୁଣନ୍ତି ଆଉ ବିକାଶ ବାବୁ ରମା କଥା କହିଲେ ଛନ୍ଦା ଶୁଣେ । ଉଭୟେ ଶ୍ରୋତା ଆଉ ବକ୍ତା । କିନ୍ତୁ ରକ୍ତ ମାଂସର ଦେହଧରି କେତେ ଦିନ ଏମିତି ନିର୍ଲିପ୍ତ ରହିପାରିବେ ନୁହେଁ ? ଦିନେ ବିକାଶ ବାବୁ ଆପେ ଆପେ ଛନ୍ଦା ଆଗରେ ବିବାହ ପ୍ରସ୍ତାବ ବାଢ଼ିଲେ । ଛନ୍ଦା ଚମକି ଉଠିଲେ । କହିଲେ, ମୁଁ ଶେଷପାଏ ଅବିବାହିତ ରହିବି ଜୀବନରେ ଥରେ ମାତ୍ର ବିବାହ ସମ୍ଭବ । ଦୁଇ ଥର ନୁହେଁ । ବିକାଶବାବୁ ନୀରବ ରହି ନିଜ ବ୍ୟବହାରକୁ ସଂଯମ କଲେ ।

କିନ୍ତୁ ଛନ୍ଦାଙ୍କର ମନ ବଦଳିଛି । ମନ ମଧ୍ୟ ପୂର୍ବର ପବିତ୍ରତା ହରାଉଛି । ନିଜର ରୂପ ଗାରିମାରେ ସେ ହାବୁଡ଼ିବ ମାଛିକୁ ଘାଣ୍ଟି ଚକଟି ପକାଇଲେଣି ।

ଏ ଯାଏ ଛନ୍ଦା ଫେରିନି—

ବୃଦ୍ଧଗୃହର ନଟିଆ କହିଲା—ତମେ ଶୋଇପଡ଼ ବାବୁ ! ରାତି ଅନେକ ହେଲଣି । ଛନ୍ଦାଦେଈ ଆଜି ଆଉ ଫେରିବେନି ବୋଧହୁଏ ।

ତରଙ୍ଗି ]

ବୋଧହୁଏ ଛନ୍ଦା ଆଉ ବିକାଶବାବୁଙ୍କ ମନରେ ବିରହ-ବୈରାଗ୍ୟ ଦେଖା ଦେଇଥିଲା । ଉଭୟେ ଉଭୟଙ୍କର ସାନିଧ ପାଉଛନ୍ତି । ବୟସ ଅଛି । ମନ ଉଙ୍କି ଖାଉଛି । ସର୍ବାଙ୍ଗରେ ଯୌବନର ରକ୍ତାଭ ସ୍ପର୍ଶ । ବାଉଳା ଆଖିରେ ପୃଥିବୀ ପାଇବାର ଲାଳସା । କିଏ କାହାକୁ କହୁନାହିଁ, ତାର ଅଭାବ କେଉଁଠି ?

ସ୍ୱାମୀ ବା ସ୍ତ୍ରୀ ନିଜର ପତ୍ନୀ ବା ପୁରୁଷକୁ ହରାଇ ପ୍ରଥମେ ପ୍ରଥମେ ସେଇଭଳି ହୁଅନ୍ତି । ସବୁଥିରେ ନିର୍ଲିପ୍ତ । ମନଟାକୁ ଆସକ୍ତିଠୁଁ ଦୂରେଇ ରଖନ୍ତି । ପ୍ରାଣପଣେ ସଂଯମୀ ହେବାର ବୃଥା ଚେଷ୍ଟାକଲେ ।

ଦିନ ଗଡ଼ିଗଲେ ମନ ଭାଙ୍ଗିଯାଏ । ସବୁକଥା ବିଶୃଙ୍ଖଳ ହୁଏ । ଯେଉଁ ଲାଳସାକୁ ଅବସ୍ଥା ଦୃଷ୍ଟିରୁ ଚପାଇ ଦେଇଥାନ୍ତି, ସୁବିଧା ପାଇଲେ ତା' ଶତଗୁଣ ହୁଏ । ଚେତନ ମନ, ଅବଚେତନ ଅବସ୍ଥାରେ ଛନ୍ଦ ହରାଏ ।

ସମସ୍ତଙ୍କ ଦୃଷ୍ଟିରେ ହୁଏତ ଲୋକଟି ନିର୍ଲିପ୍ତ—କିନ୍ତୁ ନିଜର ମନ ?

ପଙ୍କୁଆ ପାଣିର ମାଛ ଭଳି ଖାଲି ଉପରକୁ ଗତି ।

ଅନେକ ଦିନ ପରେ—

କୃତ୍ରିମ ବିଚ୍ଛେଦ ବୈରାଗ୍ୟ ପାଚେରୀ ଡେଇଁ ଯାଉଛି ।

ନୂଆ ସାଥି ଖୋଜୁଛି ମନ ।

[ [illegible]

ଛନ୍ଦା ଉପରେ ବିକାଶ ବାବୁ ଲୋଭାତୁର ଦୃଷ୍ଟି ପକାଇଲେ । ରୂପସୀ ଛନ୍ଦା । ଷୋଡ଼ଶୀ ଡୋଳାରେ ତାର ମଳୟର ମୂର୍ଚ୍ଛନା । କାଳକୃଷ୍ଣ କବରୀରେ ତନ୍ଦ୍ରାର ସ୍ନିଗ୍ଧତା । କ୍ଷୀଣ ଶରୀରରେ ଗୋଧୂଳିର ରଙ୍ଗ ।

ଏହି ରୂପସୀଟିକୁ ପତ୍ନୀ ରୂପେ ପାଇଲେ ଜୀବନର ଗତିପଥ ବଦଳି ଯାଆନ୍ତା ?

ନିଜ ଭାବନାରେ ଉଲ୍ଲସିତ ହୋଇ ଉଠିଲେ ବିକାଶ ବାବୁ ।

ଅନେକ ଭାବି ଚିନ୍ତି ସେ ଶେଷ ମୀମାଂସାରେ ଉପନୀତ ହୋଇଛନ୍ତି । ଏହି ଛନ୍ଦା ସଙ୍ଗରେ ତାଙ୍କର ଅତୀତଟି ଗୁଡ଼େଇ ଗୁଡ଼େଇ ହୋଇ ଚିହ୍ନି ଯାଇଛି । ଦିନେ ସେ ରମାର ସହଚରୀ ଥିଲା । ବିବାହିତ ଜୀବନରେ ମଧ୍ୟ ତାଙ୍କ ମନ ଭିତରେ ଗୋଟିଏ ରୂପର ତରଙ୍ଗ ଖେଳାଇ ଦେଉଥିଲା ସେ । ଛନ୍ଦାର ସ୍ୱାମୀ ଅନ୍ତରଙ୍ଗ ବନ୍ଧୁ ଥିଲେ । ଛନ୍ଦାକୁ ବଂଚେଇବାକୁ ଯାଇ ନିଜେ ମଲେ ।

ଯାହାକୁ ସେ ନିଜ ଜୀବନ ବିନିମୟରେ ବଂଚେଇ ଯାଇଛନ୍ତି, ତାକୁ ନଷ୍ଟ ହେବାକୁ ଦେବେ ନାହିଁ ବିକାଶବାବୁ । ଜୀବନର ସାଥି କରି ତାର ସୁପ୍ତ ହୃଦୟରେ ଜାଗ୍ରତ କରାଇବେ ବଞ୍ଚିବାର ମୋହ । ସନ୍ତାପିତ ମନକୁ ତାର ପୁଷ୍ପର ସୌରଭରେ ସୁରଭିତ କରିବେ । ଜୀବନ୍ତ କରାଇବେ ପ୍ରାଣର ମମତା ଦେଇ । ଅଙ୍କ ପାଖରେ ରଖି ତାର କମନୀୟ ରୂପଶ୍ରୀକୁ ବିମୁଗ୍ଧ ହୋଇ ଅନେଇ ରହିବେ ।

ପତ୍ନୀ ହେବ ଛନ୍ଦା···

ଆଗରେ ତାଙ୍କର ପ୍ରିୟତମା ରମାର ମୁହଁ । ଅତି ସରଳ ଆଉ ମଧୁର । ଦେଖିଲେ ଭକ୍ତି ଆସେ । ସମସ୍ତ ସ୍ନେହ ଯେମିତି ଜମାଟ ବାନ୍ଧିଛି ଆଖି ଦୁଇଟାରେ ।

କଣ କହିବ ରମା ? ତାର ଆତ୍ମାରେ ଆଘାତ ଲାଗିବ ନାହିଁ ତ ?

ବିକାଶ ବାବୁ ନିଜ ଯୁକ୍ତିରେ ଆନନ୍ଦିତ ହୋଇ ଉଠିଲେ । ଭାବିଲେ ରମା ବୋଧହୁଏ ତାର ସହଚରୀ ଛନ୍ଦାକୁ ନିଜ ଆସନରେ ଦେଖିଲେ ତୃପ୍ତି ହେବ । ଯାହା ସେ ଜୀବନ ସାରା କରିବ ବୋଲି କଳ୍ପନା କରୁ ଥିଲା ]

ବିକାଶବାବୁଙ୍କର ହାତ ଧରିଥିଲି । ଅଜଣା ପ୍ରଳୟରେ ସବୁ ତୁଟ୍ ମାର୍ ହୋଇଗଲା । ଛନ୍ଦା ବିକାଶବାବୁଙ୍କୁ ଖୁସିକରୁ । ସମସ୍ତ ଦାମ୍ପତ୍ୟ ଭୁଲିଇ ସୁଖୀ ହେଉ ।

ଛନ୍ଦା ଆଉ ରମା !

ଗୋଟିଏ ବୃନ୍ତର ଦୁଇଟି ଫୁଲ ନହେଲେ ମଧ୍ୟ ଜଣକ ଦେହରେ ବିକଶିତ ପୁଷ୍ପର ବିଶୃଙ୍ଖଳ ପ୍ରବାହ । ଅନ୍ୟ ଗୋଟିକ କଳିକା । ବେଶ୍ ସହଜ ଓ ଶୃଙ୍ଖଳିତ ।

ଛନ୍ଦାକୁ ଦେଖିଲେ ବିକାଶବାବୁ ଛନ ଛନ ହୁଅନ୍ତି । ଦେହରେ ବେପଥୁ ସୃଷ୍ଟି ହୁଏ । ସମୁଦାୟ ମନ ଓ ଶରୀର ଥରେଇ ଯାଏ । ସେ ତାଙ୍କର ତୃଷାର୍ତ୍ତ ଆଖିରେ ଲାଳସାର ଅଞ୍ଜନ ବୋଳି ଏକଲୟରେ ଅନେଇ ରହନ୍ତି ଛନ୍ଦାକୁ ।

ରାତିର ନିର୍ଜନତା କୋଳରେ ତାଙ୍କୁ ଶୋଷ ହେଲା ।

ନହିଆକୁ ନ ଉଠାଇ ସେ ଆପେ ଗିଲାସ ଧରି ପାଣି ପିଇବାକୁ ବାହାରିଲେ ।

ସଲଗ୍ନ ଘରଟି ଛନ୍ଦାର । କବାଟ ଫାଙ୍କରେ ଲାଇଟ୍ ମାରିଦେଲେ ସେ । ଛନ୍ଦାର ଅବହେଳିତ ଯୌବନଶ୍ରୀ । ଅଙ୍ଗେ ଅଙ୍ଗେ ମାଂସଳ ମଉଳିତ ଯୌବନର ଗୋଟିଏ ଅସ୍ପଷ୍ଟ ପ୍ରଦର୍ଶନୀ । ଦେହ ପୁଲକିତ ହୁଏ ବିକାଶବାବୁଙ୍କର । ଛନ୍ଦା ଦେହରେ ସେ ରମାର ଅସ୍ତିତ୍ୱ ଖୋଜନ୍ତି ।

ବିକାଶବାବୁଙ୍କର ମନର ଭୋକ ବଢ଼େ ।

ଏହିଭଳି ଶୋଇଥାଏ ମୃତ ପତ୍ନୀ ରମା ।

ଅନ୍ଧାର ରାତିର ଗହୀର ନିର୍ଜନତା ଭିତରେ ହାତ ବଢ଼ାଇଲେ ଶଯ୍ୟାକୁ ଉଠେ । ନରମ ମାଂସର କମନୀୟ ସ୍ପର୍ଶ ଦେହରେ ଖେଳାଏ ବିଜୁଳିର ଚମକ । କୋଳାଗ୍ରତ କରନ୍ତି ରମାକୁ । ରମା ଲଦେଇ ହୋଇ ପଡ଼େ ବିକାଶବାବୁଙ୍କ ଦେହରେ । ରମାର ନିବିଡ଼ ଆଲିଙ୍ଗନ ଭିତରେ ସେ ଦିବସର ସମସ୍ତ କ୍ଲାନ୍ତି ପାସୋରି ପକାନ୍ତି । ରମାର ମାଂସଳ ବୁକୁ ଉପରେ

ଦେଖି

ମୁଣ୍ଡରଖି ସେ ସପନ ଦେଖନ୍ତି । ଆଖି ଖୋଲିଲୁ ବେଳକୁ ସକାଳ । ଅଫିସରେ ମନ ଲାଗେନା । ଶୀଘ୍ର ଶୀଘ୍ର କାମସାରି ପାଞ୍ଚଟା ପରେ ଅଣନିଶ୍ୱାସୀ ହୋଇ ଧାଆଁନ୍ତି ବସାକୁ । ରମା ଘର କାମରେ ବ୍ୟସ୍ତଥାଏ । ତାଙ୍କୁ ଦେଖି ମୁରୁକି ମୁରୁକି ହସେ ।

ଆସିଲାବେଳେ ଛନ୍ଦା ତାଙ୍କ ବାରଣ୍ଡାଟିରେ ବେଶଭୂଷା ହୋଇ ସ୍ୱାମୀକୁ ତର ଅପେକ୍ଷା କରିଥାଏ । ଅବାଧ ଆଖି ଦୁଇଟି ଛନ୍ଦା ଉପରେ ଚକର ମାରେ । ଛନ୍ଦା ନଜାଣିଲା ଭଳି ଆଖି ବୁଲାଇ ନିଏ ।

ଦୁହିଙ୍କର ମନ ଜାଣେ । ଦୁହେଁ ଦୁହିଁଙ୍କ ପ୍ରତି ଆକୃଷ୍ଟ ।

ରମାର ପବିତ୍ର ମନ ସନ୍ଦେହ କରେନା ।

ଦିନ ଗଡ଼ିଗଲେ—

ରମା ଆଉ ଛନ୍ଦାର ବନ୍ଧୁତ୍ୱ ବୃଦ୍ଧି ହୁଏ । ଛନ୍ଦାର ଅବାଧ ମିଳାମିଶା ବିକାଶବାବୁଙ୍କ ମନକୁ ଉଚାଟ କରେ । ରମା ଭିତରେ ସେ ଛନ୍ଦାକୁ ପାଆନ୍ତି । ରମା ଖାଲି ରମା ନୁହେ । ସେ ରମା ଓ ଛନ୍ଦାର ମିଶାମିଶି ।

ତେଣୁ ପୂର୍ବାପରେ ବିକାଶବାବୁ ଅତି ସହଜରେ ଧରାଦେଲେ ଛନ୍ଦା ପାଖରେ । ଛନ୍ଦା ଭିତରେ ସେ ରମାକୁ ଖୋଜୁଥିଲେ । ତାଙ୍କରି ପ୍ରସ୍ତାବ କ୍ରମେ ଛନ୍ଦା ଆସିଲା ବିକାଶବାବୁଙ୍କ ସଙ୍ଗରେ ହୀରାକୁଦ । ଛନ୍ଦାର ପଇସା ଉପରେ କେତେଦିନ ବା ନିର୍ଭର କରିବେ । ତାପରେ ସେ ନିଜେ ତ' କିଛି ଗୋଟିଏ କରିବେ !

ସେତିକିବେଳେ ନୂଆ ହୋଇ ହୀରାକୁଦ ବନ୍ଧ ଯୋଜନା କାର୍ଯ୍ୟକାରୀ ହେଉଥାଏ । ସାରା ଭାରତର ପ୍ରତ୍ୟେକ ଅଞ୍ଚଳରୁ ଛୁଟିଥାଏ ଶିକ୍ଷିତ ଅଶିକ୍ଷିତ ମଣିଷର ଧାର । ଅନେକ ଲୋକ କିଛୁ କରିପାଇ ମାଟି କାମୁଡ଼ି ପଡ଼ିରହନ୍ତି ।

ବିକାଶବାବୁ ଛନ୍ଦାକୁ ନେଇ ହୀରାକୁଦରେ ପହଞ୍ଚିଲେ ।

ଛନ୍ଦା ପଇସାରେ କଣ୍ଟ୍ରାକ୍ଟରୀ ଆରମ୍ଭକଲେ । ଛନ୍ଦାର ନିର୍ଲିପ୍ତ ମନକୁ କର୍ମ ମୁଖର କରିବାକୁ ସଙ୍ଗରେ ଧରି ବୁଲିଲେ । ଜଣ ଅଶୁଣା ଅନେକଙ୍କ

ଚଳନ୍ତିରଖି ]

ସଙ୍ଗରେ ବନ୍ଧୁତ୍ୱ ହେଲା । କେଉଁଠି ତରୁଣ ମନ ସ୍ୱାର୍ଥ ସିଦ୍ଧିପାଇଁ ଛନ୍ଦା ସହିତ ଘନିଷ୍ଠ ବନ୍ଧୁତା ସୃଷ୍ଟି କରେ ।

ହୁଏତ ଛନ୍ଦାକୁ ସେତିକିବେଳକୁ ଅଟକାଇ ଦେଇଥିଲେ ଚଳିଆନ୍ତା ।

ଏବେ ଛନ୍ଦା ଅନେକ ଆଗକୁ ଆଗେଇ ଯାଇଛି । [illegible]ବାବୁଙ୍କ ବିନା ସାହାଯ୍ୟରେ ସେ ବୁଲି ପାରୁଛି । ଅନ୍ୟ ଅଚିହ୍ନା ଲୋକଙ୍କୁ କେତେ ଶୀଘ୍ର ନିଜର କରି ପାରୁଛି ।

ବିକାଶଙ୍କ ବୁ ଝପ ଯନ୍ତ୍ରର ହେଲେ ।

ଲଗାମବନ୍ଧା ଘୋଡ଼ା ସ୍ୱାଧୀନ ହୋଇଛି । ମନ ଚକର ଖାଉଛି । ଅଣ୍ଡା ହେଲେଯାଏ ଘୁରିବୁଲୁ । ଥକାହେଲେ ଘରକୁ ଆସିବ ।

କିନ୍ତୁ ଛନ୍ଦାର ମନ କ୍ଳାନ୍ତ ହେବାର ନୁହେଁ ।

ଘରରବୁଢ଼ା ନଟିଆ ଦିନେ ଥଙ୍ଗ ଥଙ୍ଗ ହୋଇ କହିଲା, ବାବୁ ! ଆଉ କେତେଦିନ ଏମିତି ଚଳିବେ ? ବିବାହ କଲେ କ'ଣ ହୁଅନ୍ତା ନାହିଁ ।

ବିବାହ ? ବିକାଶବାବୁ ହସିଲେ ।

ହଁ ବାବୁ ! ବିବାହ । ଛନ୍ଦା ଦେଈଙ୍କର ମନ ଘର ଧରିବ । ତାପରେ ସବୁ ସଜାଡ଼ି ହୋଇଯିବ ।

ଆଚ୍ଛା ଦେଖିବା...କହି ଅନ୍ୟ କାମରେ ବ୍ୟସ୍ତ ରହିଲେ ବିକାଶ ବାବୁ ।

ଛନ୍ଦାର ମନ ସେତେବେଳକୁ ହୀରାକୁଦ କଲେଜର ପ୍ରାଣସଙ୍ଗେ ଏକାକାର ହୋଇ ଯାଇଥାଏ ।

ନଟିଆ ବଡ଼ ସାହସ କରି ପ୍ରସ୍ତାବ ପକାଇଲା ଛନ୍ଦା ଆଗରେ । ଛନ୍ଦା ମୁହଁ ମୋଡ଼ିଲେ । ହାତରେ ତାଙ୍କର କେତେ କେତେ ଫାଶ । ବିକାଶ ବାବୁଙ୍କ ଭଳି ସାମାନ୍ୟ ମାଛ ସେ ଧରିବେ କାହିଁକି ! ବିକାଶବାବୁ— ଯାହାର ସ୍ୱ ନିଜତ୍ୱ ବୋଲି କିଛି ନାହିଁ, ତା ଧନ ଉପରେ ନିର୍ଭର କରି କଣ୍ଟ୍ରାକ୍ଟରୀ କରୁଛନ୍ତି, ସେ ହେବ ସାଥି ? ଜୀବନ ଯୌବନର ଅବଲମ୍ବନ !

[ [illegible]

ନଟିଆ କହନ୍ତି, ମୋ କଥା ମାନ ଦେଉ । ବୁଢ଼ା ହେଲି ମୁଁ । ଏ ଦେହ ଆଉ ମନ ସବୁ ଅନୁଭବ କରୁଛି । ପାଠସିନା ପଢ଼ିନି…ଅଭିଜ୍ଞତା ହେଉଛି ।

ଅଭିଜ୍ଞତା ! ଚାକରର ଅଭିଜ୍ଞତାରୁ ଶିକ୍ଷା ପାଇ ଜୀବନର ଭବିଷ୍ୟତ ଠିକ୍ କରିବ ? ଅଦା ବେପାରୀର ଜାହାଜ ମୂଲ ! ଛନ୍ଦା ଅତି କର୍କଶ ଆଉ ନିଷ୍ଠୁର ଭାବରେ ଜବାବ ଦେଲେ ।

ନଟିଆ ଏମିତି କଡ଼ାକଥା କେବେହେଲେ ଶୁଣି ନ ଥିଲା । ପ୍ରଥମେ ପ୍ରଥମେ ଛନ୍ଦା ଆଉ ବିକାଶବାବୁଙ୍କ ବ୍ୟବହାରରେ ଅତିଶୟ ମୁଗ୍ଧ ହୋଇଥିଲା ସେ । ସେ ଏ ଘରେ ଗୋଟିଏ ଚାକର ବୋଲି କେବେ ଭାବି ନ ଥିଲା ନିଜକୁ ।

ଏଇ ଘଟଣାରେ ନଟିଆ ଚାଲିଯିବାକୁ ଭାବୁଥିଲା । କିନ୍ତୁ ବିକାଶବାବୁଙ୍କ ପ୍ରଗାଢ଼ ସ୍ନେହ ତାକୁ ବାନ୍ଧି ରଖିଛି । ଚାକିରୀ ତ ଅନେକ ମିଳିବ—କିନ୍ତୁ ବିକାଶବାବୁଙ୍କ ଭଳି ମୁନିବ ଯେ କୋଟିକରେ ଗୋଟିଏ ।

ପାଣିବୁହା, ଘର ଝାଟୁଆ, ରନ୍ଧାବଢ଼ାଠାରୁ ଆରମ୍ଭକରି ବାସନ ମାଜିବା ପର୍ଯ୍ୟନ୍ତ ସବୁ କାମ ତୁଲାଏ ନଟିଆ । ସଉଦାପତ୍ରର ହିସାବଠାରୁ ବନ୍ଧୁବାନ୍ଧବ ଚର୍ଚ୍ଚ ଯାଏ ସବୁ ସମ୍ଭାଳେ । ବିକାଶବାବୁ ନଟିଆ ଉପରେ ଦାୟିତ୍ୱ ଦେଇ ବେଶ୍ ନିଶ୍ଚିନ୍ତ ଥାଆନ୍ତି ।

ନିଜର ଅତୀତ ଭିତରେ ବର୍ତ୍ତିମାନର ଖିଅ ଖୋଜି ଖୋଜି କେତେବେଳେ ବିକାଶବାବୁ ଶୋଇପଡ଼ିଲେ ସେ ଜାଣି ପାରିଲେନି ।

କିନ୍ତୁ ଶୋଇ ନାହାନ୍ତି ଛନ୍ଦା ଆଉ ଗୋପାଳବାବୁ । ମହାନଦୀର [illegible] ଉପରେ ଠିଆ ହୋଇଥିବା କଣ୍ଟ୍ରାକ୍ଟର ଗୋପାଳବାବୁଙ୍କ ଭାଡ଼ିଆ ସୁନ୍ଦର ବଙ୍ଗଳା ଖଣ୍ଡିକ ବିଜୁଳି ଆଲୁଅରେ ହସୁଛି ।

ମହାନଦୀର ଗର୍ଭ ଭିତରେ କୁହୁକୁହୁ ହୋଇ ବୋହି ଯାଉଛି [illegible] ପାଣିର ଗୋଟିଏ ଛୋଟିଆ ଧାର ।

ପାହାଡ଼ ସେପଟୁ ଦେହ-ଉଲ୍ଲସା ମଳୟ ବହୁଛି ।

ଗଛ ପତ୍ରସବୁ ଚନ୍ଦ୍ରର ଉଜ୍ଜ୍ୱଳ ଜ୍ୟୋତ୍ସ୍ନାରେ ନାଚୁଛନ୍ତି ଏକ ଅପୂର୍ବ ତାଳରେ ।

ଝରକା ସେପଟେ ଲମ୍ବି ଆସିଥିବା ଚକ୍‌କଣ ଗଛ ପିତ୍‌ରୁଆ ପତ୍ରଙ୍କ ଉପରେ ଆଖି ରଖିଥିଲେ ଛନ୍ଦା ।

ଗୋପାଳବାବୁ ଚୌକି ଉପରୁ ଉଠିଆସି ଛନ୍ଦାର ଡାହାଣ କାନ୍ଧ ଉପରେ ହାତରଖି ପଚାରିଲେ—ରାମୁବାବୁଙ୍କର କାଠ [illegible]

ଗୋପାଳବାବୁଙ୍କର ବଳିଷ୍ଠ ପାପୁଲିର ସ୍ପର୍ଶ ସ୍ପର୍ଶରେ ଛନ୍ଦା ଚମକି ଉଠିଲା । ଉତ୍ତରଦେଲା—ହଁ ଗୋପାଳବାବୁ, ରାମୁବାବୁ ସେଇଠିକୁ ଦେଖି ସଙ୍ଗେ ସଙ୍ଗେ ଫେରିବେ ବୋଲି କହି ଏତେବେଳ ଯାଏ ଫେରି ନାହାନ୍ତି । ରାତି ଅନେକ ହେଉଛି ।

ଓଃ ଏଇଥିପାଇଁ ଏତେ ବ୍ୟସ୍ତ ! ପ୍ରକାଶବାବୁ ଅନାଇଁ ରହିଥିବେ ନୁହେଁ ?

[ ସମାପ୍ତି

ନିକାଶବାବୁଙ୍କ ନାଁ ଶୁଣିବାକୁ ଛନ୍ଦା ପ୍ରସ୍ତୁତ ନ ଥିଲା । ସେ ଏକପ୍ରକାର ସିଦ୍ଧାନ୍ତ କରି ସାରିଛି ନିକାଶବାବୁଙ୍କ ନିକଟରୁ ନିଜର ସମସ୍ତ ସମ୍ବନ୍ଧ ତୁଟେଇ ଦେବ । ଦୀର୍ଘ ଆଠବର୍ଷର ଇତିହାସକୁ ପୋଡ଼ିଜାଳି ନଷ୍ଟ କରିଦେବ ।

ଛନ୍ଦା ତାର ମନର ଭାବକୁ ଲୁଚେଇବାକୁ ଚେଷ୍ଟାକରି କହିଲା—ନାଁ ସେମିତି କିଛି ନୁହେଁ ଗୋପାଳବାବୁ ! ତଥାପି ଫେରି ଯିବାକୁ ହେବତ !

ତମେ ଫେରିଯିବ ଛନ୍ଦା ? କେଉଁଠିକି ? ସେଇ ସମ୍ବନ୍ଧହୀନ ପରିବେଷ୍ଟନୀ ଭିତରକୁ ? ତାଠୁ ବରଂ ଏଇଠି ଏମିତି ଭାବରେ ରାତି ପୁହାଇଦେଲେ ମନ୍ଦ କଣ ହୁଅନ୍ତା ।

ଛନ୍ଦା ଅର୍ଥପୂର୍ଣ୍ଣ ଭାବରେ ଅନାଇଲା ଗୋପାଳବାବୁଙ୍କ ମୁହଁକୁ । ମନେ ମନେ ଭାବିଲା ତାର ସେଇ ଦୁର୍ବଳ ଇତିହାସକୁ ଲୋକଲୋଚନକୁ ଆଣି ସେ ମନ୍ଦ କରିନ'ତ ?

ଛନ୍ଦା ଆଖିରେ ଉଦ୍‌ବେଗ ଦେଖି ଗୋପାଳବାବୁ ହସିଲେ । କହିଲେ—ହୁଁ ଛନ୍ଦା ! ଅଙ୍କର ଏଇ ଜ୍ୟୋତ୍ସ୍ନାସ୍ନାତ ଧରଣୀ, ସୁରଭିତ ରେତ୍ରା ମୌସୁମୀର ଗୁଞ୍ଜରଣ, ଉଲଗ୍ନ ରାତ୍ରିର ନୀରବତା ତୁମ ମନରେ କଣ ଗୃଥିଳ୍ପି ସୃଷ୍ଟି କରୁନ ? ଚନ୍ଦ୍ର ଆଉ ମେଘ ଖେଳୁଛନ୍ତି । ଚନ୍ଦ୍ର ମେଘର ଛାତି ଉପରେ ହଜିଯାଉଛି । ମୋର ଇଚ୍ଛା ହେଉଛି, ସେଇଭଳି ତୁମରି ଛାତିରେ ମିଶି ଲୁଚିଯିବାକୁ । ତୁମରି ଛାତି ଉପରେ ଶୋଇ ଶୋଇ ହୀରକର ସ୍ୱପ୍ନ ଦେଖିବାକୁ ।

ଖାଲି ସ୍ୱପ୍ନ ଦେଖନ୍ତୁ ଗୋପାଳବାବୁ ? ମୋର ଜୀବନଟା କଣ କେବଳ ସ୍ୱପ୍ନର ଖିଅ ?

ଖାଲି ସ୍ୱପ୍ନ ନୁହେଁ ଛନ୍ଦା, ହୀରକର ସ୍ୱପ୍ନ । ତୁମେ ସମ୍ମତ ତ ? ଗୋପାଳବାବୁ ଟେବୁଲ ଡ୍ରୟରର ଭିତରୁ ରଙ୍ଗୀନସୁରା ବାହାର କଲେ । ତାପରେ ପାନପାତ୍ରକୁ ଶୀତଳ ଚୁମ୍ବନଟିଏ ଦେଇ ଛନ୍ଦା ହାତରେ ବୋତଲ ଧରାଇଦେଲେ । ଆଖିଡୋଳାରେ ଅଭସ୍ତ ବିଳାସର ଇଙ୍ଗିତ । ଛନ୍ଦାକୁ ଡେରଛଇ ରୁହଁ ସ୍ନେହମିଶା କଣ୍ଠରେ କହିଲେ—ଦିଅ ଛନ୍ଦା ଏଇ ପାନପାତ୍ରରେ ରଙ୍ଗୀନ ସୁରାଟିକ ଢାଳି ନିଃଶେଷ କରିଦିଅ । ଏଯେ ଆମ ଅଭିସାରି ।'

ମିଳନର ଉଦ୍‌ଯୋଗ ପର୍ବ ! ରାତି ଆମର ଦୀର୍ଘାୟୁ ହେଉ । ମିଳନ ଆମର ମଧୁର ହେଉ ।

ଛନ୍ଦା ବାଧ୍ୟ ଶିଶୁଟି ଭଳି ସବୁଜର ସୁରା ପାନପାତ୍ରରେ ଢାଳିଦେଲା ।

ଗୋପାଳବାବୁ ଏକା ନିଶ୍ୱାସରେ ସବୁତକ ଶେଷ କରିଦେଇ ଛନ୍ଦା ମୁହଁକୁ ଦେଖି କଲବଲିଆ ହସଟିଏ ହସିଲେ ।

ଛନ୍ଦା ଡରିଗଲା ଶେଷରେ ।

ତାର ଭୟାର୍ତ୍ତ ଆଖିକୁ ଦେଖି ଗୋପାଳବାବୁ ଉତ୍ସାହିତ ହୋଇ ହାତ ବଢ଼ାଇଲେ ଛନ୍ଦାର ଦେହ ଉପରକୁ ।

ଛନ୍ଦା ସଙ୍କୁଚିତ ହୋଇ ଆତ୍ମଗୋପନ ସକାଶେ ପ୍ରସ୍ତୁତ ହେଉଥିଲା ।

ଗୋପାଳବାବୁ ମାତାଲ ହୋଇ ଉଠିଛନ୍ତି । ରଙ୍ଗୀନ୍ ସୁରା ଭଳି ଲାଲ ହୋଇ ଯାଇଛି ଆଖି ଯୋଡ଼ାକ । କର୍କଶ କଣ୍ଠରେ ନିର୍ଦ୍ଦେଶ ଦେଲେ—ଛନ୍ଦା ! ପାଖକୁ ଆସ କହୁଛି ।

ଛନ୍ଦା ଆହୁରି ଘୁଞ୍ଚିଗଲା ।

ଗୋପାଳବାବୁ ରାଗାନ୍ୱିତ ସିଂହ ଭଳି ଡେଇଁ ପଡ଼ିଲେ ଛନ୍ଦା ଉପରକୁ ।

ଛନ୍ଦା ହାତରେ ନ ପଡ଼ି ପଡ଼ିଲା ତାର ନୀଳମେଘା ଶାଢ଼ୀର ଅଞ୍ଚଳ ।

ଗୋପାଳବାବୁ ସେଇଟିକୁ ଅତି ଦୃଢ଼ ଭାବରେ ଭିଡ଼ିବାକୁ ଲାଗିଲେ ।

ଛନ୍ଦାର କଟି ଆଉ ବକ୍ଷ ଉପରୁ ନୀଳମେଘୀ ଶାଢ଼ୀ ଅପସରି ଆସୁଥିଲା । ଉଲଗ୍ନ ଅଙ୍ଗରେ ତାର ମରଣର କାତରତା !

ଗୋପାଳବାବୁ ହସି ଉଠିଲେ ଏଥର । କହିଲେ,, ଦେଖିଲ ଛନ୍ଦା । ବଳପ୍ରୟୋଗର ପରିଣାମ କେତେ ତିକ୍ତ । ଏବେ ମଧ୍ୟ ସମୟ ଅଛି । ମୋର ଏହି କ୍ଷୁଧାର୍ତ୍ତ ଓଠରେ ଓଠ ମିଶାଅ । କେବଳ ଗୋଟିଏ ଚୁମ୍ବନ ଦେବ । ତା ପରେ ମୁକ୍ତ ।

ଛନ୍ଦା ଥରିଲା କଣ୍ଠରେ ଉତ୍ତର ଦେଲା—ମୁଁ ପାରିବିନାହିଁ ଗୋପାଳବାବୁ ! ମୋତେ କ୍ଷମାକର !

[ [illegible]

କ୍ଷମା ! ସେ କହି ଚାଲିଲେ—ସେଦିନ ତମେ ସ୍ୱେଚ୍ଛା-ପ୍ରଣୋଦିତ ଭାବରେ ନିମନ୍ତ୍ରଣ କରିଥିଲ । ଯାଦୁକରୀ ଫାଶ ପକାଇ ମୋତେ ଧରିବାକୁ ଚାହିଁଥିଲ । କିନ୍ତୁ ତମେ ଗୋଟିଏ ଭଦ୍ରଲୋକର ଝିଅ ଭାବି ତୁମକୁ ମୁଁ ମୁକ୍ତ ଦେଇଥିଲି । ଆଜି ମୁଁ ମାତାଲ । ତମେ ତମର କଣ୍ଠରେ କହିଛ ବିକାଶ ବାବୁଙ୍କର ବାନ୍ଧବୀ ବୋଲି । ତମେହିଁ ସାକ୍ଷୀ ମୋର ପାନପାତ୍ରରେ ପୂର୍ଣ୍ଣ ସୁରା ଢାଳି ମୋର ସମସ୍ତ ବାସନାକୁ ପ୍ରଜ୍ୱଳିତ କରିଛ । ଏବେ କହୁଛ ମୁଁ ପାରିବି ନାହିଁ । କିନ୍ତୁ ମୁଁ ଜାଣେ ତୁମେ ସବୁ ପାରିବ । ଯେଉଁ ସାହସରେ ବିକାଶବାବୁଙ୍କୁ ବନ୍ଧୁ ବୋଲି କହିଛ, ଯେଉଁ ସାହସରେ ନିର୍ଜନ ରାତ୍ରିର ମଧ୍ୟମ ପ୍ରହରରେ ନିଶ୍ଚିନ୍ତ ମନରେ ମୋର ପାନପାତ୍ରରେ ସୁରା ଢାଳିଛ ସେହି ସାହସ ଦେଖାଅ ଛନ୍ଦା !

ଛନ୍ଦା ନିଃସହାୟ ହୋଇ କାନ୍ଦିଲା ।

ନର୍ସ ଗୀତା ପ୍ରଧାନ ଆରଘରେ କାନେଇ ଥିଲା ବୋଧହୁଏ । ଝଡ଼ ବେଗରେ ଧାଇଁ ଆସି ଛନ୍ଦାର ଅର୍ଦ୍ଧ ଉଲଗ୍ନ ଶରୀର ଉପରେ କେଉଁଠିଠାରୁ ଡ୍ରେସିଂ ଗାଉନ୍‌ଟିକୁ ଘୋଡ଼ାଇ ଦେଲା ।

ଗୋପାଳବାବୁଙ୍କ ହାତରୁ ଛନ୍ଦାର ଅଞ୍ଚଳ ହଠାତ୍ ଖସିଗଲା । ଗୀତା ଉପରେ ସେ ଲାଲ ଲାଲ ଆଖି କାଢ଼ି ମୁହୂର୍ତ୍ତେ ଅନେଇ ରହିଲେ । ପ୍ରତିଶୋଧ ନେବା ପାଇଁ ସେ ଯେପରି ଦୃଢ଼ ପ୍ରତିଜ୍ଞ ।

ଗୀତା ଛନ୍ଦାର ଆନତ ମୁଖମଣ୍ଡଳକୁ ନିଜ ହାତରେ ଟେକିଧରି କହିଲା—ରାତି ଅନେକ ହେଲାଣି ଦେଈ । ରାମୁବାବୁ ଖବର ଦେଇଛନ୍ତି, ଚାଲ ।

ଛନ୍ଦା କାନ୍ଦି କାନ୍ଦି ଆଗରେ ଚାଲିଲା । ପଛରେ ଆସୁଛି ଗୀତା ।

ଗୋପାଳବାବୁ ମଦ ନିଶାରେ ଚୁର ହୋଇ ପଡ଼ି ରହିଥାନ୍ତି ଖଟ ଉପରେ ।

ହୀରାକୁଦ କଲୋନୀର ୱାର୍କସପ୍ ଘଣ୍ଟାରେ ବାଜିଲା ଢଙ୍ ଢଙ୍ ହୋଇ ରାତି ତିନିଟାର ସଙ୍କେତ ।

ଚାଲିଶି ]

ଦିନଦିନ ଆଉ ଡିନରାତି କଟିଗଲା । ଛନ୍ଦା ଫେରିଲା ନାହିଁ । ବିକାଶ ବାବୁଙ୍କ ମନ ବିଚଳିତ ହୋଇ ଉଠିଛି । ଚନ୍ଦାର ସବୁ ଚିଠିଗୁଡ଼ିକୁ ଏକଚିତ କରି କିଏ ଯେପରି ଘାଣ୍ଟି ଚକଟି ପକାଉଛି ।

ଡିନ ତିନି ଦିନ ଧରି ଛନ୍ଦା ରହିଲା କେଉଁଠି ?

ବିକାଶବାବୁ ଏହାର ଉତ୍ତର ଖୋଜି ପାଉ ନାହାନ୍ତି । ଶୂନ୍ୟ ଆଖିରେ ଅନାଇ ରହିଛନ୍ତି । କିଏ ଦେବ ଏ ପ୍ରଶ୍ନର ଉତ୍ତର ?

ଆଖି ଆଗରେ ମୃତପତ୍ନୀ ରମାର କାନ୍ଦ କାନ୍ଦ ମୁହଁ । ଏମିତି ସେ ଅଫିସ ଘରକୁ ଫେରୁ ଫେରୁ ରାତି ହୋଇ ଯାଇଥାଏ । ପହଞ୍ଚି କବାଟରେ ହାତ ମାରିଲେ । ଘର ଶୁନ୍‌ଶାନ୍ । ଗୃହର ଝୋଟାଟି ଶୋଇ ଯାଇଥାଏ ବୋଧହୁଏ । କ୍ରମେ ସେ ବିଚଳିତ ହୋଇ ଗୃହର ଝୋଟା ଓ ମଝିରେ ମଝିରେ ରମାର ନାଁ ଧରି ବଡ଼ ପାଟିକରି ଡାକିଲେ । କେତେବେଳକେ ରମା ଆସି କବାଟ ଫିଟାଇଲା । କଥା ନ କହି ମୁହଁ ବୁଲାଇ ରନ୍ଧାଘର ଭିତରକୁ ସିଧା ପଶିଗଲା ।

ବିକାଶବାବୁ ବିଳମ୍ବ ହେଉ ରମାକୁ କି କୈଫିୟତ୍ ଦେବେ ରାସ୍ତାତମାମ ଭାବିଭାବି ଠିକ୍ କରି ଆସିଥାନ୍ତି । କିନ୍ତୁ ଏଣେ ରମା କଥାସୁଦ୍ଧା କହୁନାହିଁ ।

ସେ ମଧ୍ୟ ନକାଣିଲା ଭଳି ପୋଷାକ ବଦଳାଇ ମୁହଁହାତ ଧୋଇ ଖାଇବା ଆସନରେ ବସିଲେ ।

କେହି କାହାକୁ କିଛି କହୁ ନଥାନ୍ତି ।

ରମା ମୁହଁ ବୁଲାଇ ବସିଥାଏ ।

| ଏକଗୁଚ୍ଛଶ୍ରୀ

କିଛି ସମୟ ନୀରବରେ କଟିଗଲା । ରମା କେତେବେଳଯାଏ ମୁହଁ ଫେରାଇ ପଚାରିଲା—ଆଉ କଣ କହିବ ?

ବିକାଶବାବୁ ରମା ମୁହଁକୁ ଚାହିଁ ଉତ୍ତର ଦେଲେ—ଦି ପଦ ମିଠା କଥା ।

ମିଠା ନା କଡ଼ା ?

ରମା ବିକାଶ ବାବୁଙ୍କ ଆଖି ସଙ୍ଗରେ ଆଖି ମିଳାଇ ହସିଲା । ବଡ଼ ସଂକ୍ରାମକ ସେ ହସ ।

ବିକାଶବାବୁ ଆହୁରି ଜୋରରେ ହସିଉଠିଲେ । ଛାତି ଭିତରଟା କୁରୁଳି ଉଠୁଥାଏ । ଖାଲି ହସିବାକୁ ଇଚ୍ଛା ହେଉ ଥାଏ ।

ହସ ଥମିବାରୁ ରମା ଅଭିଯୋଗ କଲା—ଏତେ ରାତିଯାଏ କୁଆଡ଼େ ଥିଲ ଶୁଣେ ?

ସେ'ଯା ପଚାରୁନ ! ଅଫିସରୁ ଆସିଲାବେଳକୁ ପରା ଟିକିଏ ଡେରି ହେଲା ?

କେଉଁ ଅଫିସ ? ଘ ଅଫିସ ନା ଗୁଲଖଟି ଅଫିସ ?

ଜାଣେ, ତୁମେ ଏମିତି କହିବ ।

ଆଉ କଣ କହିବି ? ଏଣେ ମୁଁ ବାବୁଙ୍କ ବାଟ ଚାହିଁ ଚାହିଁ ଅଧାପ୍ରାଣ । ହେଲେଣି ବାବୁ ଫେରୁ ଫେରୁ ରାତି ଅଧ । ତମର କ'ଣ ଟିକିଏ ବୋଲି ଆହା ପଦ ନାହିଁ ?

ରମା ସେଦିନ ରାତିରେ ଅଭିମାନ କଲା । ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ରଙ୍ଗା କଲା ମୁହଁ । ମନୋରମ ମୁହଁଟି ଓଜଳିଆ ହୋଇଗଲା ।

ସେ ଅଭିମାନ ଭାଙ୍ଗିଲା ଦୁଇ ଦିନ ପରେ ।

ଅଫିସରୁ ଆସିବା ଟିକିଏ ଡେରି ହୋଇଗଲା ବୋଲି ସେଦିନ ତାଙ୍କର ଛୋଟିଆ ନୀଡ଼ ଭିତରେ ଗୋଟିଏ ବଡ଼ ଧରଣର ଝଡ଼ ବୋହିଯାଇଥିଲା । ସେ ଯଦି ଛନ୍ଦା ଭଳି ଦିନଦିନ ଦିନରାତି ଫେରି ନଥାନ୍ତେ ?

ଛନ୍ଦା ବୋଧହୁଏ ତାଙ୍କ ସଙ୍ଗରେ ରହିବାକୁ ଚାହୁନି—ହୁଏତ ସେ ମନେ ମନେ ଆଉ ଗୋଟିଏ ଆଶ୍ରୟ ଖୋଜୁଛି । ସେତିକି ମିଳିଗଲେ ସେ ସବୁଦିନ ପାଇଁ ଏ ଅସ୍ଥାୟୀ ନୀଡ଼ଟି ଛାଡ଼ିଚାଲିଯିବ ।

ନିହାତି ଅଲକ୍ଷ୍ୟରେ ହେଉନା କାହିଁକି ଛନ୍ଦାର ଅନୁପସ୍ଥିତିରେ ବିକାଶବାବୁ କଣ ଗୋଟିଏ ହଜାଇଲା ପରି ମନେ କଲେ । ଅନେକ ଦିନର ଚଳପ୍ରଚଳ ପରେ ଛନ୍ଦା ତାଙ୍କ ପାଖରେ ଦରକାରୀ ହୋଇ ଉଠିଛି । ପ୍ରଥମେ ପଡ଼ୋଶୀ, ପରେ ବାନ୍ଧବୀ ଓ ଶେଷକୁ ମାନସୀର ସ୍ଥାନ ଦଖଲ କରିଛି ସେ ।

ସେଦିନ ଛନ୍ଦା ବିବାହ ପ୍ରସ୍ତାବକୁ ଏଡ଼ିଦେଲା ।

ତଥାପି ଛନ୍ଦାକୁ ସେ ମନ ଭିତରୁ ଏଡ଼ାଇ ପାରିଲେ ନାହିଁ । ଗୋଟିଏ ଛପିଛପିକିଆ ଉଚ୍ଛ୍ୱାସ ତାଙ୍କ ମନ ଭିତରେ ତରଙ୍ଗ ସୃଷ୍ଟିକଲା । ଛନ୍ଦାକୁ ସେ ଅତି ନିକଟରେ ଦେଖିବାକୁ ବ୍ୟାକୁଳ ହୋଇ ଉଠିଲେ । ତାଙ୍କ ଆଖି ଆଗରେ ଛନ୍ଦାର ସୁସ୍ଥ ସ୍ୱାସ୍ଥ୍ୟର ରୂପ ନାଚି ଉଠିଲା । ମନ ଭିତରେ ଆତ୍ମପ୍ରତ୍ୟୟ ଆସିଲା—'ଛନ୍ଦା ଦିନେ ହେଲେ ଫେରିବ' ।

କିନ୍ତୁ ଛନ୍ଦା ଫେରିନି' ଏଯାଏ……

ବିକାଶବାବୁ ଅନ୍ୟମନସ୍କ ଭାବେ ସାମନାରେ ସାପଭଳି ଶୋଇ ପଡ଼ିଥିବା କଳାମଚମଚ ପିଚ୍‌ଢଳା ସଡ଼କ ଉପରେ ଆଖି ପକାଇଲେ ।

ଯଦୁ ପଧାନ ମଠେଇ ମଠେଇ ତାଙ୍କରି ବସା ଆଡ଼କୁ ଆସୁଛି ।

ଯଦୁପଧାନକୁ ସେ ଆଗ୍ରହ ସହକାରେ ନେଇ ଚୌକି ଉପରେ ବସାଇଲେ ।

ବିକାଶବାବୁ ପଚାରିଲେ—ଆଚ୍ଛା ମଉସା, ହୀରାକୁଦ ବନ୍ଧ ସମ୍ବନ୍ଧରେ ଆହୁରି କଣ କହିବ ବୋଲି କହୁଥିଲ ସେଦିନ' କହିଲନି ତ ?—ମନକୁ ଭୁଲାଇବାକୁ ଚେଷ୍ଟା କରୁଥିଲେ ବିକାଶ ବାବୁ ।

[ ଚେଇଅଞ୍ଜଳି

ଯଦୁ ପଧାନ ହସିଲା । କହିଲା, ବାବୁ ସେ ଅପନ୍ତରା କଥା ଶୁଣିଲେ ଲାଭ ନାହିଁ । ବରଂ ମିଠାକଥା ଦି'ପଦ ଶୁଣି ମିଜାସକୁ ହାଲୁକା ରଖିବା ଭଲ ।

ମିଜାସରେ ଖାଲି ହାଲୁକା କଥା ବାଜିଲେ ସେ ବି ହାଲୁକା ହୋଇ ଯିବ ମଉସା ! ଟିକିଏ ଓଜନିଆ କଥା ମଧ୍ୟ ତା'ର ଭିତରେ ପୁରାଇ ଦେବା ଭଲ, ନହେଲେ ସେ ପରା ଭାରସାମ୍ୟ ହରାଇବ ।

କିନ୍ତୁ ବାବୁ ତୁମର ଖୁସି ହେଲା ଭଳି କିଛି ନାହିଁ । ଖାଲି ଦୁଃଖର କଥା । ଆଉ ଦୁଃଖର କଥା ଅନ୍ୟକୁ ଶୁଣାଇ ଦୁଃଖୀ କରିବା ସପକ୍ଷରେ ମୁଁ ନୁହେଁ । ତୁମେ ସୁଖୀ ଲୋକ ବାବୁ । ତୁମେ ସୁଖରେ ଥାଅ ।

ବିଶ୍ୱାସ କର ମଉସା । ତୁମରି ଭଳି ଅଭିଜ୍ଞ ଲୋକଙ୍କଠାରୁ କଥା ଶିଖିବା ପାଇଁ ମୁଁ ବିଶେଷ ଆଗ୍ରହୀ । ଆଉ ମୋତେ ଯାହା ଦେଖୁଛ- ମୁଁ କ'ଣ ପ୍ରକୃତରେ ସେୟା ? ମନ ମୋର ପୋଡ଼ି ଜଳି ଯାଉଛି । ବୋଧହୁଏ ଦିନେ ଏମିତି ଜଳି ଜଳି ପାଉଁଶ ହୋଇଯିବ ।"

ସେ ଅଶୁଭ କଥା କୁହନା ବାବୁ ! ମଣିଷ ତ ପାଉଁଶ ହେବାହିଁ ହେବ । କିନ୍ତୁ ଜୀଇ ଥିଲାଯାଏ ସେ ହସିବା ଉଚିତ । ଅନ୍ତତଃ ତାହାହିଁ ମୋର ଇଚ୍ଛା । ତୁମେ କଷ୍ଟ ଭୋଗିନ ବାବୁ । ଖାଲି ସୁଖରେ ବଢ଼ିଛ । ସାମାନ୍ୟ କଥା ନେଇ ଭାଙ୍ଗି ପଡ଼ୁଛ—କିନ୍ତୁ ଆମରି ଭଳି ଅବସ୍ଥାରେ ପଡ଼ିଥିଲେ କ'ଣ ହୁଅନ୍ତା କହି ହଉନାହିଁ—ଛାଡ଼ ସେ କଥା ।

ବୁଢ଼ା ଗଣ୍ଠିଲି ଭିତରୁ ପୁଞ୍ଜାଏ ଟିକୁଲୀ ଓ ଦସୁନ୍ତା ହେବ ପାଚିଲା କଦଳୀ କାଢ଼ି କାଢ଼ି ବିକାଶବାବୁଙ୍କୁ ପଚାରିଲା—ଆଉ ପିଲାମାନେ କ'ଣ ନାହାନ୍ତି ପୁଅ !

ବିକାଶବାବୁ ଆଶ୍ଚର୍ଯ୍ୟ ହେଲେ ।

ଉତ୍ତର ନ ପାଇ ଯଦୁ ପଧାନ କହିଲା—ପିଲାମାନଙ୍କ ପାଇଁ ବସାରୁ ଆଣିଥିଲି । କଲେଜରୁ ଲୋକ ଆସିଥିଲା । ଆମ ବଗିଚାର ନୂଆଫଳ ଅଣିଛି କିନା । ପ୍ରଥମେ ପିଲାଙ୍କ ତୁଣ୍ଡର ଦେଲେ ଭଲ ।

ବିଷ୍ଣୁଲକ୍ଷ୍ମୀ ]

ବିକାଶବାବୁ ହସି ହସି କହିଲେ, ମୁଁ କଣ ତମର ପିଲା ନୁହେ ମଉସା ?

କିନ୍ତୁ ପିଲାଏ ?

ମୋର କେହି ନାହାନ୍ତି । ସ୍ତ୍ରୀ, ଝିଅ, ଭାଇଭଉଣୀ, ବାପ ମାଆ କେହି ନାହାଁନ୍ତି । ଅନେକ ଦିନ ତଳେ ମୋର ନିଜର ହୋଇ ରମା ବୋଲି ଗୋଟିଏ ପ୍ରଗଲ୍‌ଭା ବାଳିକା ଥିଲା । ତାର ମୃତ୍ୟୁ ହୋଇଛି । ଦୁନିଆରେ ମୁଁ ଏକୁଟିଆ ମଉସା ! ସାଥି କେହି ନାହାଁନ୍ତି ।

କିନ୍ତୁ ଝିଅ କହୁଥିଲା—ଛନ୍ଦାଦେବୀ ତମର......

ଛନ୍ଦା ମୋର କେହି ନୁହେଁ । ତା ସଙ୍ଗରେ ମୋର କେବେହେଲେ ସେମିତି କିଛି ସମ୍ବନ୍ଧ ନଥିଲା କି ଏବେ ମଧ୍ୟ ନାହିଁ । ବିଶ୍ୱାସ କର ମଉସା ! ସେ ମୋର ଏ ବସା ଭିତରେ ଜଣେ ପଡ଼ୋଶୀ । ସବୁବେଳେ ସେଇଯା ଥିଲା । ତେଣୁ ବାନ୍ଧବୀ !

ବୁଢ଼ା ଦମ୍ ମାରି ଭାବିଲା ଗୁଡ଼ାଏ । ପରେ ହସି ହସି କହିଲା—ଚିନ୍ତା ନାହିଁ ବାବୁ ! ମୁଁ ତୋର ପଛରେ ଅଛି । ତୁ ମଧୁ ଆଉ ପଦ୍ମାବତୀ ମୋର ଗୋଟିଏ ସନ୍ତାନ । ଧର୍ମର ସନ୍ତାନ ତୁ ।

ବୁଢ଼ା ଖୁସିହୋଇ ବିକାଶବାବୁଙ୍କର ପାଟି ଭିତରେ ଖଣ୍ଡ ଖଣ୍ଡ କରି ସମସ୍ତ ପିଜୁଳୀ ଓ କଦଳୀ ନିଜ ହାତରେ ଖୁଆଇ ଦେଲା । ମନରେ ତାର ଆନନ୍ଦର ବନ୍ୟା ।

ନଟିଆ ବଜାରରୁ ଫେରି ଟିଫିନ୍ କେରିଅର୍ ଟିକୁ ବିକାଶବାବୁଙ୍କ ସାମନାରେ ରଖି କହିଲା—ଆଜି ଆଉ ପାରିବନି ବାବୁ ! ମୋତେ କମ୍ପ ଆସୁଛି । ଟିକକ ପରେ ଜର ହେବ କି' କ'ଣ । ତମ ପାଇଁ ହୋଟେଲରୁ ମିଲ୍ ଆଣିଛି । ସେତକ ଆଜି ଖାଇଦେଇ ଥାଅ ।

ନଟିଆ ତରତର ହୋଇ ଖଟ ଉପରକୁ ଉଠି ଯାଉ ଯାଉ ତଳେ କଚାଡ଼ି ହୋଇ ଖସି ପଡ଼ିଲା । ଯଦୁ ଆଉ ବିକାଶବାବୁ ଧରାଧରି କରି ତାକୁ ଖଟ ଉପରେ ଶୁଆଇ ଦେଲେ ।

[ ପଇଁଆଳିଶି

ନଟିଆ ଖଟରେ ଶୋଇ ବଲବଲାଇ ହେଲା । ସହଜରେ ତାକୁ ଜର ଛୁଏନା । ଜର ହେଲା ତ ବଡ଼ କଷ୍ଟ ପାଏ । ନଟିଆ କର୍ମି କର୍ମି କ'ଣ ଗୁଡ଼ାଏ ବକିଯାଏ ଠିକ୍ ମଦୁଆ ଭଳି । ତାର କୂଳକିନାରା ନଥାଏ ।

ନଟିଆ ପାଣି ମାଗିଲା ।

ବିକାଶବାବୁ ତରବର ହୋଇ ଷ୍ଟୋଭ୍ ଧରାଇଲେ ।

ବୁଢ଼ା ଯଦୁ ପଧାନ ନଟିଆର ମୁଣ୍ଡତଳେ ବସି କପାଳରେ ଟିପ ମାରୁଥାଏ ।

ବିକାଶ ବାବୁଙ୍କୁ ଷ୍ଟୋଭ୍ ଜାଳି ପାଣି ବସାଇବାର ଦେଖି କହିଲା— ଛି ପୁଅ ! ଆମେ ସବୁ ଥାଉଁ ଥାଉଁ ନଟିଆ ପାଇଁ ତୁମେ ପାଣି ଗରମ କରିବ ? ତମେ ଟିକିଏ ରହିଯାଅ । ପଦ୍ମାକୁ ମୁଁ ପଠାଉଛି ।

କଲୋନୀର ସେହି ଅର୍ଦ୍ଧଶିକ୍ଷିତ ଶ୍ରମିକ କ୍ୱାର୍ଟରର ଭିତରୁ ଗୋଟିଏ ହେଉଛି ମଧୁ ପ୍ରଧାନର । ବୟାଶହେ ବର୍ଷର ବୁଢ଼ା ଯଦୁ ପ୍ରଧାନ ତାର ବାପ । କ୍ୱାର୍ଟରର ଆଗର ପିଣ୍ଡାରେ ବସି ନାତି ନାତୁଣୀ ଖେଳାଏ । ବୟସ କଥା ପଚାରିଲେ କହେ ମୋ' ମୁଣ୍ଡର ବାଳ ଯେତିକି ମୋର ବୟସ ସେତିକି । ବୁଢ଼ା ତିନିପୁରୁଷ ଭୋଗ କଲାଣି । ଚାଳିଶ ବର୍ଷ ବ୍ୟବଧାନର ତିନୋଟି ଯୁଗ ଗୋଡ଼ତଳେ ବୋହି ଯାଇଛି । ଆଗର କଥା ଆଉ ନାହିଁ । କାଳସ୍ରୋତରେ ମିଶି ଲୁଚିଗଲା ।

କିଏ ବିଶ୍ୱାସ କରିବ କାଲିର କଥା ! ସେ କଥା ନୁହେ ଯେ ସପନ । ସତମଣିବା ଦୂରେ ଥାଉ କଳ୍ପନା କରିବା ଅସମ୍ଭବ । ଧୋତିଖଣ୍ଡ ଦଶଣା' । ଦି'ଟଙ୍କା ପକାଇଲେ ବସ୍ତେ ଧାନ, ସେରେ ଚାଉଳରେ ସେରେ ତେଲ ।

ଯଦୁ ପ୍ରଧାନ ସବୁ ଦେଖେ ସବୁ ଶୁଣେ—କାନରେ ହାତଦେଇ ତୁନିରହେ । ସିଏ ଖାଲି ପିଲା ଖେଳାଏ । ପିଲାମାନଙ୍କ ମୁହଁରେ ହସ ଦେଖି ଫୁଲିଉଠେ । କଥାଶୁଣି କୃତାର୍ଥ ହୁଏ । ସବୁ ପରିବର୍ତ୍ତନ ହୋଇ ଥିଲେହେଁ ପିଲାମାନେ ସେହି ପୂର୍ବର ପିଲାହୋଇ ରହିଛନ୍ତି । ଅତୀତର ସାମ୍ୟ ଅଛି ସେମାନଙ୍କ ଭିତରେ । ଅତୀତ ଭଳି ସେମାନେ ହସୁଛନ୍ତି ଖୋଲା ମନରେ, କାନ୍ଦୁଛନ୍ତି ଖାପଛଡ଼ା ଭାବରେ । ଠୁକୁଠୁକୁ ହୋଇ ଚାଲି ଯାଉ ଯାଉ ଗଡ଼ି ପଡ଼ୁଛନ୍ତି ଅସହାୟ ଭାବରେ ।

ଭବିଷ୍ୟତର ପ୍ରତୀକ—ମନୁଷ୍ୟତାର ପ୍ରତିନିଧି ଏହି ବାଳକ । ଆନନ୍ଦ ଓ ଆହ୍ଲାଦର ନିଚ୍ଛକ ଅଭିବ୍ୟକ୍ତି । ସଜଳ ଆଖି ତଳରେ ଅନନ୍ତ ଆକାଶର ଭାଷା । ବୁଢ଼ା ପିଲାମାନଙ୍କ ଭିତରେ ନିଜର ପ୍ରାଣ ଖୋଜୁଥାଏ ।

[ ଶତଚାଳିଶି

ଏହି ଶିଶୁମାନେ ପୁଣି ବଡ଼ ହେବେ । ଏ ହସ, ଏ କାନ୍ଦ ରହିବ ନାହିଁ । ସମୟ ଚକ୍ର ଚାଲିବ ।

ସମୟ ଚକ୍ର ଚାଲିଛି । କାହାକୁ ଅପେକ୍ଷା କରେନାହିଁ । ଗଡ଼ିବା ହିଁ ତାର ଧର୍ମ । ବଦଳି ପରିବେଶ ଆଉ ପରିସ୍ଥିତି ନେଇ ସେ ଗଡ଼ୁଛି । ପଛକୁ ଅନାଇବାର ଆବଶ୍ୟକ ନାହିଁ ।

ବୁଢ଼ା ଆଖିରେ ସବୁ ଜଳ ଜଳ ହୋଇ ଦିଶୁଛି । ବିଗତ ଶହେ ବର୍ଷ ତଳର କଥା......

ସମ୍ବଲପୁରର ପରିବର୍ତ୍ତନ ସଙ୍ଗେ ସଙ୍ଗେ ବୁଢ଼ା ଜୀବନର ପରିବର୍ତ୍ତନ ହୋଇଛି । ଉଭୟଙ୍କୁ ଯେପରି ପାଦ ସଙ୍ଗେ ପାଦ ମିଳାଇ ସ୍ତର ଉପରେ ସ୍ତର ଚଢ଼ି ଅତିକ୍ରମ କରି ଆସିଛନ୍ତି ଅତୀତକୁ । ରସାତଳେ ଆଜି ସେ ଅତୀତ । ଦେଖିଲେ ଆଖି ପାଏନାହିଁ ।

ଯଦୁ ପଧାନର ବୁଦ୍ଧି ହେଲା ବେଳକୁ ଓଡ଼ିଶାର ଅସ୍ତିତ୍ୱ ନାହିଁ । ସବୁଆଡ଼େ ବିଦେଶୀ ଆଧିପତ୍ୟ । ଓଡ଼ିଆ ସାବତ ପୁଅ । ସବୁ ଜାଣିଶୁଣି ମୂକ । ପାଟିଥାଇ କଥା କହି ପାରିବନି । ତୁଣ୍ଡ ଖୋଲିଲେ ସଜା । ସମ୍ବଲପୁର, ମଧ୍ୟପ୍ରଦେଶରୁ ମୁକ୍ତି ପାଉ ନ ପାଉଁ ଦୂର କଲିକତାରୁ ବଙ୍ଗାଳି ଆସିଲେ ଝିମ୍ପିଡ଼ି ଭଳି ଧାର ଧାର ହୋଇ । ସମ୍ବଲପୁରର ସୁଖସମ୍ପଦ ପାଟିରେ ଲାଗିଲା । ମିଠା ଚିନି ଭଳି ଖାଇଗଲେ । ଅଧେ ଲୁଟିପାଇ ଆସ୍ଥାନ ଜମାଇ ବସିଲେ । କ୍ରମେ ମାଟିରେ ଚେର ଲାଗିଲା । ଟେଣ୍ଟିକି ନାଗଙ୍କ । ଟଳିବେ ନାହିଁ କି ହଲିବେ ନାହିଁ । ଓଡ଼ିଶାର ବିକ୍ଷିପ୍ତ ଗାଁ ଗହଳ ଭିତରେ ଖେଳିଲା ଜମିଦାରୀ ଧୂମକେତୁ । ବିପଦର ଅଶୁଭ ସଙ୍କେତ । ସେ ସମୟରେ ବୁଢ଼ା ଚାକିରୀ କରୁଥିଲା ସମ୍ବଲପୁରର 'ସାଏ' ପରିବାରରେ । ଗାଁରେ ଜମିବାଡ଼ି ଥାଏ ।

ଦିନେ ଗୋଟିଏ ଅଶୁଭ ପ୍ରଭାତରେ ଉଠି ଖବର ପାଇଲା ଯେ ଜମି ତାର ଜମିଦାର ହାତକୁ ଚାଲି ଯାଇଛି । ସେ ସେହି ଜମି, ଗାଁ ଗଉନ୍ତିଆ ପାଖରୁ କିଣିଥିଲା । ଗଉନ୍ତିଆ କର ଦେଇ ପାରିଲେ ନାହିଁ ବୋଲି ସରକାର ଜମି

ଅଡ଼ଚାଲିଣି ]

ଦଖଲ କରି ଜମିଦାର ହାତରେ ଦେଲେ । ହୁଙ୍କାପିଠା ଶାସନ । ମାଁ କିଏ ବାପ କିଏ ? ସାତ ସମୁଦ୍ର ତେର ନଈ ପାରି ହୋଇ ଇଂରେଜ ଆସି ଦିଲ୍ଲୀରେ ବସିଛି ଅଧୀଶ୍ୱର ହୋଇ । ପାଖରେ ତାର ଅର୍ଥଲୋଭୀ ପଙ୍ଗପାଳ । ଆଙ୍ଗୁଠି ଦେଖାଇଲେ ବାହା ଗିଳି ଦେଉଛନ୍ତି ।

ଜୀବନରେ କେତେ ଅବସ୍ଥା ସେ ନ ଭୋଗିଛି ! ସମ୍ବଲପୁର ଇତିହାସର ପୂରା ଅଧ୍ୟାୟଟିଏ ତାର ଜୀବନ । ଦେହରେ ତାର ବୟସର ସ୍ପଷ୍ଟ ରକ୍ତାକ୍ତ ହେଲେହେଁ ଅବିଚଳିତ । ବିଦେଶୀଶାସକ ଓଡ଼ିଆ ଅଞ୍ଚଳ ସମ୍ବଲପୁରକୁ ନେଇ ଥୋଇଲା ମଧ୍ୟପ୍ରଦେଶରେ—ନିଜ ଜାତି ଭାଇଠୁ ଅଲଗା କରି । ପୁଣି ଦୟାକରି ଓଡ଼ିଶାକୁ ରଖିଲା ବିହାର ସହିତ । କେତେ ଦିନଟିକ ସ୍ୱତନ୍ତ୍ର ପ୍ରଦେଶ ହେଲା । ସମ୍ବଲପୁର ଆଶ୍ୱସ୍ତିର ନିଶ୍ୱାସ ମାରିଲା । ବୁଢ଼ା ମଧ୍ୟ ସେତିକିବେଳକୁ ହୀରାକୁଦ ମାଟିରେ ଜମି ଖଣ୍ଡେ କିଣିଛି । ପିଲାମାନଙ୍କୁ ଜମିଦାରୀ ଇଲାକାରୁ ଉଠାଇ ଆଣି ରଖିଛି ହୀରାକୁଦରେ । ଚାଲିଗଲା ଭଲ ଜମିବାଡ଼ି ।

ସମ୍ବଲପୁରକୁ ଏପାଖ ସେପାଖ କରି ବାର ହାନସ୍ତା କଲେ ମଧ୍ୟ ତାର ଅସ୍ତିତ୍ୱ ବଦଳି ଯାଇନି ।

ବୁଢ଼ା ବାର ଦୁଃଖ କଷ୍ଟରେ ଜୀଇଁ ରହି ଯଦୁ ପ୍ରଧାନ ହୋଇ ରହିଛି ।

ସମ୍ବଲପୁରରେ ବିକୃତ ଭାଷା । ତିନି ଭାଗରୁ ଭାଗେ ଖାଲି ଓଡ଼ିଆ । ଆଉ ଦୁଇ ଭାଗରେ ହିନ୍ଦୀ ଆଉ ବଙ୍ଗଳା ମିଶାମିଶି । ସେଥିରେ ପୁଣି ଆଦିବାସୀ ଭାଷାର ସ୍ପର୍ଶ । କଥା କହିଲେ ଏକା ମାଟିର ଆଉ ଭାଗେ ବୁଝି ପାରନ୍ତି ନାହିଁ । ଅଭ୍ୟସ୍ତ ହେଲେ ଜଣାପଡ଼େ ଯେ ତାହା ହେଉଛି ଓଡ଼ିଆ । ତାଙ୍କର ଭିତରେ ଅଛି ଓଡ଼ିଶାର ଅଭିବ୍ୟକ୍ତି ।

ଯଦୁ ପ୍ରଧାନର ଦେହରୁ ବଳ ଖସି ଆସୁଛି । ବୟସର ଅଙ୍ଗାରରେ କଟୁଛି ଦିନକୁ ଦିନ । ତଥାପି ସେ ନିକମା ନୁହେ । ଅଞ୍ଚଳର ଭେଣ୍ଡିଆ-ମାନଙ୍କ ଭଳି ମେଣ୍ଢା ନୁହେ । ଯେତିକି ଏବେ ବାହାବୁଲୁଛନ୍ତି ସେମାନେ

[ ଅନୁଗୁଳ

ମରଦ ତ ନୁହନ୍ତି—ମରଦର ଛାଇ । ଅନ୍ଧାରକୁ ଡରିବେ । ମାସକୁ ହପ୍ତାଏ ଜର, କାଶ । ନହେଲେ କହିବେ ଦୁର୍ବଳ ଲାଗୁଛି, ମୁଣ୍ଡ ବୁଲଉଛି । ଇଂଜେକ୍ସନ ଛୁଞ୍ଚିର ଠାଣୁଆ ଗେବା ଖାଇଖାଇ ହାତରେ ବଣ୍ଡି ବସିବ । ଦେହ ଟିକିଏ ଭଲହୋଇ ଆସିଲାବେଳକୁ ବାହାରିବ ପେଟବଥା । ଖାଇଲେ ଜୀର୍ଣ୍ଣ ହେବ ନାହିଁ । କୁଆଡ଼ୁ ହେବ ? ଦେହଲଗା ପରିଶ୍ରମ କାହିଁ ? କୁସ୍ତି କସରତ କାହିଁ ? ଆସନ ଓ ସପନ । ଯଦୁ ପଧାନର ଦେହ ଦେଖି ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି ।

ଯଦୁ ପଧାନ ସେଦିନ ଖୁବ୍ ଆଶ୍ଚର୍ଯ୍ୟ ହେଲା । ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ଜୁଲୁମ୍‌ର ବିରାମ ନାହିଁ ।

ଇଂରେଜ ସରକାର ସମ୍ବଲପୁର ଗୋଟାକୁ ନେଇ ମଧ୍ୟପ୍ରଦେଶରେ ଛାଡ଼ି ଦେଇଥିଲା । ମା ବାପ, ଭାଇ ଭଉଣୀ, ଜ୍ଞାତି କୁଟୁମ୍ବ, ସମସ୍ତେ ଥିଲେ ସଙ୍ଗରେ । ଚିହ୍ନା ମୁହଁ ଦେଖି, ଆତ୍ମୀୟଙ୍କ ମୁହଁରୁ ଆଶ୍ୱାସନା ଶୁଣି ସବୁ ଦୁଃଖ ଭୁଲି ହେଉଥିଲା । ଘରଦ୍ୱାର, ଜମିବାଡ଼ି ସବୁ ଥିଲା । କିନ୍ତୁ ଜାତୀୟ ସରକାର ଏକାବେଳକେ ଆଖିବୁଜି ଦେଲା । ଗାଁରୁ ଘଉଡ଼ି ଦେବ । କିଏ କୁଆଡ଼େ ଯିବେ ଜଣା ନାହିଁ । ଆତ୍ମୀୟ ଲୋକଙ୍କର ପତ୍ତା ମିଳିବ ନାହିଁ । ସୁନାର କ୍ଷେତ ପାଣିରେ ବୁଡ଼ିବ ।

ରାଜନୈତିକ ଦଳ ତେଜି ଉଠିଲେ । ଦଳକୁ ବଳିଷ୍ଠ କରିବା ସକାଶେ ଏହାହିଁ ସୁଯୋଗ । ଆଖିରେ ତାଙ୍କର କୁମ୍ଭୀରର ଲୋତକ । ସମସ୍ତଙ୍କ ଦେହରେ ତାତିଲା ରକ୍ତର ସୁଅ ।

ଆନ୍ଦୋଳନ କରିବାକୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଗହଗହ ଗ୍ରାମର ଲକ୍ଷ ଲକ୍ଷ ଆବାଳବୃଦ୍ଧଜନତା ଏକଜିତ ହେଲେ ସମ୍ବଲପୁର ସହରରେ ।

ସମ୍ବଲପୁର ଇତିହାସରେ ସେ ଗୋଟିଏ ବିଶିଷ୍ଟ ଅଧ୍ୟାୟ । ଯୁଗ ଯୁଗ ସେ ସମଗ୍ର ସମ୍ବଲପୁରବାସୀଙ୍କ ମନେ ଥିବ । ସମ୍ବଲପୁର ଅଂଚଳରେ ଏଭଳି ଉତ୍ତେଜନା କେବେହେଲେ ଦେଖାପାଇ ନଥିଲା ।

ସରକାର ସବୁ ବୁଝିବାକୁ ପ୍ରତିଶ୍ରୁତି ଦେଲେ । ଆନ୍ଦୋଳନ ଭାଙ୍ଗି ଗଲା । ସରଳ ଗ୍ରାମବାସୀଙ୍କ ହୃଦୟ ଭିତରେ ବିପ୍ଳବ ଜଗାଇ, ଆନ୍ଦୋଳନ କରାଇ ଦୁଇଗୁଣା ଲାଭ ଉଠାଇଲେ ସ୍ୱାର୍ଥପର ବଡ଼ ବୁଢ଼ା ଓକିଲ ଜଣ ନେତା ।

ଯଦୁ ପଧାନର ଏହି ପ୍ରଥମ ଶିକ୍ଷା । ଆଉ ପାଁଇଣଙ୍କ ଭଳି ଆଖିରୁ ଲହୁ ଗଡ଼ାଇ ଗାଁ ମାଟି ଛାଡ଼ିଲା । ଅବସ୍ଥା ଚକ୍ରରେ [illegible] ବାଧାବନ୍ଧ ଅଟେଙ୍ଗ ନଭାଇଛି । ଜୀବନ ଜଞ୍ଜାଳର ରକ୍ତାକ୍ତ ଯୁଦ୍ଧରେ [illegible] ସୈନ୍ୟ ଭଳି ଲଢ଼ିଛି । କେବେହେଲେ ପରାସ୍ତ ହୋଇନି ।

ଯଦୁ ପଧାନ ଅଗଣା ମୁହଁରେ ବସି ଭାବୁଥାଏ, ଆଉ ମଧୁ ଓ ପଦ୍ମାର ବାଟ ଚାହିଁଥାଏ ।

ମଧୁ ଭଳି ପୁଅ ପାଇ ଯଦୁ ପଧାନର ଜୀବନ ମଧୁର ହୋଇ ଉଠିଛି । ବାପ କଥାରୁ ଦାଢ଼େ ଖସିବ ନାହିଁ । ସେ କହୁଥିଲେ ଜୁଳୁଜୁଳୁ [illegible] ଅନାଇ ଥିବ । ପାଟିରୁ କଥା ନ ସରୁଣୁ ସବୁ କାମ ସରି ଯାଇଛି ।

କିନ୍ତୁ ଯଦୁ ପଧାନର ପ୍ରଧାନ ଦୁଃଖ ଏହି ପଦ୍ମା ସକାଶେ । ଶାଶୁ ଘରକୁ ଯାଇ ସଂସାରର କିଛି ଜାଣିଲା ନାହିଁ । କଳହୁଡ଼ି ମାଆ କଥା ମାନି ସ୍ୱାମୀ ତାକୁ ବାହାର କରିଦେଲା ।

ପରିତ୍ୟକ୍ତା ପଦ୍ମା ! ଦେହରେ ତାର ବୟସର ଲହରୀ । ସୁନାପାଣି ଭଳି ଝଟକୁଛି । ଅଙ୍ଗ ପ୍ରତ୍ୟଙ୍ଗ ଜକୁଛି । ବଢ଼ିଲା ଝିଅର ଶାଶୁଘର ଛଡ଼ା ଠାବ ଆଉ କେଉଁଠି ?

ବୁଢ଼ା ବିକଳ ହେଲା । କେତେ ଦିନ ଆଉ ବା ସେ ବଞ୍ଚିବ ? ପଉଷ ମାସର ହଳଦିଆ ପତ୍ର । ବତାସ ଆସିବା ଡେରି ଅଛି । ତା'ପରେ ପଦ୍ମାର ଅବସ୍ଥା ହେବ କଣ ?

ନିଜ ଭାବନାରେ ନିଜେ ଚମକି ଉଠିଲା ଯଦୁ ପଧାନ ! ସେ ମରିଯିବ ଶେଷରେ ? ଏଡ଼େ ସୁନ୍ଦର ପୁଅଝିଅ, ନାତି ନାତୁଣୀ ଭଲମନ୍ଦ ସବୁ ସେ ଛାଡ଼ି ଯିବ ? ଜୀବନ ପ୍ରତି ଗୋଟିଏ ଆକର୍ଷଣ ମୋହ ଜାଗି ଉଠିଲା ।

[ ଏଣୋଜନ

ସବୁ ଭାବିଛନ୍ତି ଯଦୁ ପଧାନ । କିନ୍ତୁ ଏ ମରଣ କଥା ଭାବି ନ ଥିଲେ । ବୟସ ଆଗେଇଗଲା ସଙ୍ଗେ ସଙ୍ଗେ ମରଣ କଥା ମନେ ପଡୁଛି । ଜୀବନ ପ୍ରତି ଏତେ ଦିନର ଦେହଘସା ମୋହ ଛାଡ଼ି ହେଉନି ।

ବୁଢ଼ା ବୁଢ଼ୀକଥା ମନେ ପକାଇଲେ । ଏତେ ବଡ଼ ସ୍ନେହ ମମତା ଛାଡ଼ି ବୁଢ଼ୀ ଚାଲିଗଲା । ତାକୁ ଏକୁଟିଆ ରଖି ସେ ଚିରଦିନ ପାଇଁ ଶୋଇ ପଡ଼ିଲା । ଆଉ ଆଖି ଖୋଲିଲାନି କି କଥା ଶୁଣିଲା । ବୁଢ଼ା ସେଦିନ ବିକଳ ହୋଇ କାନ୍ଦିଥିଲା । ସେ ଅନେକ ଦିନ ତଳର କଥା ।

ବୁଢାର ଅଲକ୍ଷ୍ୟରେ ଆଖିରୁ ତାର ଝରି ପଡ଼ିଲା ଲୁହ । ଆଖିରୁ ଝରି ହାଡୁଆ ଗାଲ ଉପରେ ଅଟକି ଯାଇ ଟପ୍‌ଟପ୍ ହୋଇ ତଳେ ପଡ଼ିଲା ।

ଓ୍ୱାର୍କସପ୍‌ରେ ସାଇରନ୍ ବାଜୁଛି—

ମଧୁ ଛୁଟି ପାଇ ଫେରୁଥିବ ବୋଧହୁଏ ।

ପଦ୍ମା ଆସି ଅଧେ ବାଟରୁ କହିଲା, ନଟିଆ ପାଇଁ ଆହୁରି ଗରମ ପାଣି ଦରକାର ବାପା ! ସେଇ ବାବୁ ହାତରେ ପାଣି ଫୁଟାଇବାକୁ ବାହାରିଥିଲେ । ମୁଁ ମନା କରିବାରୁ ବ୍ୟକହେଲେ ।

ବୁଢ଼ା ଅନ୍ୟମନସ୍କ ଭାବରେ ଉତ୍ତର ଦେଲା, ଭଲ କଲୁ ମାଆ !

ପଦ୍ମା ବାପର ଆଖି ଦୁଇଟାକୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲା— ତମେ କାନ୍ଦୁଛ କାହିଁକି ବାପା !

ବୁଢ଼ା କିଛି କହି ପାରିଲାନି । ପଦ୍ମା ବଲବଲ ହୋଇ ଅନାଇ ଥିବାର ଦେଖି କହିଲା—ସେ କିଛି ନୁହେ ମା ! ତୁ ଯା ପାଣି ଗରମ କର । କେତେ ହନସ୍ତା ହେଲେ ଲୋକ ଦୁଇଟା । ସାହା ଭରସା କେହି ନାହିଁ ।

ସାହା ହେବାକୁ ପାଖରେ କେହି ନାହିଁ । ଗୀତା ତିନି ତମାମ୍ ଡାକ୍ତରଖାନାରେ ଖଟି ଖଟି ସନ୍ଧ୍ୟା ଛଅଟାକୁ ଫେରେ ବସାକୁ । ନିଜ ହାତରେ ସବୁ କାମକରେ । ରନ୍ଧାବଢ଼ାଠୁ କଂସାମଜା ଯାଏ । ଛନ୍ଦା ନିଜେ ଅଧେ କାମ ସମ୍ଭାଳି ନେଇ ଗୀତାର ପରିଶ୍ରମକୁ ଲାଘବ କରିବାକୁ ମନସ୍ଥ କଲା । କିନ୍ତୁ ଦିନାଦିନର ଅଖିଆ ଅପିଆ ଜରରେ ନିହାତି ଦୁର୍ବଳ ହୋଇ ପଡ଼ିଛି ସେ । ବସିଲା ଜାଗାରୁ ଉଠିବାକୁ ବଳନାହିଁ । ମୁଣ୍ଡ ଚକର ଖାଉଛି । ତଥାପି ଉଠି ଘର ଖଣ୍ଡିକ ଓଳାଇ ଦେବାକୁ ବାହାରିଲାବେଳୁ ଟଳି ହୋଇ ପଡ଼ିଲା ଚଟାଣ ଉପରେ ।

ଭାଗ୍ୟକୁ ଗୀତା ଡିଉଟିରୁ ଫେରୁଥାଏ ସେତେବେଳେ । ଖୁବ୍ ଜୋରରେ ଧାଇଁ ଆସି ଛନ୍ଦାର ଅଚେତ ମୁହଁରେ ପାଣି ଛାଟି ଚେତା କରାଇଲା ।

ଛନ୍ଦାର ଚେତା ଫେରିବା ପରେ କହିଲା, ତୁମର ପାଇଁ ବଞ୍ଚିଗଲି ଗୀତା !

ମଣିଷ କଣ ମଣିଷକୁ ବଞ୍ଚାଏ ? ବଞ୍ଚାଇବା ଲୋକ ଅଲଗା ।

ତୁମର ସେବା ଭୁଲି ପାରିବିନି ଗୀତା !

ଗୀତା ପକ୍ଷରେ ଏକଥା ନୂଆ ନୁହେଁ । ଅନେକ ଥର ସେ ରୋଗୀଙ୍କ ମୁହଁରୁ ଏଭଳି ଶୁଣିଛି । ଜର ଥିଲାବେଳେ ପ୍ରାୟ ସମସ୍ତେ ଏଭଳି କହୁଥାନ୍ତି । ଜର ହେଲେ ସେ ବି ଜର ସାଙ୍ଗକୁ ଗୋଟିଏ ରୋଗ । ଆରାମ ହେଲାପରେ ସବୁ ରୋଗୀ ଏକଥା ଭୁଲି ଯାନ୍ତି । ରାସ୍ତାରେ ଦେଖିଲେ କାଟଭଙ୍ଗି ଚାଲି ଯାଆନ୍ତି । ଯେମିତିକି ନିହାତି ଅପରିଚିତ । ଏହା ଆଗରୁ ମୋଟେ ହେଲେ ପରିଚୟ ନଥିଲା ।

[ ଦେଖ

କିନ୍ତୁ ଗୀତା ଅନୁଭବ କଲା ଛନ୍ଦାର ଭାଷାରେ ଆନ୍ତରିକତା ଅଛି । କହିଲା, ରୋଗୀର ସେବା କରିବା ତ ମୋର ବ୍ୟବସାୟ ଛନ୍ଦା ଦେଇ ! ଅଧିକା ଆଉ ତମର କଲି କଣ ?

ଚିକିଏ ବିଶ୍ରାମ ନେଲାପରେ ଗୀତା ଡାକ୍ତର ରାୟଙ୍କୁ ଡାକିବାକୁ ଛନ୍ଦାର ମତାମତ ପଚାରିଲା ।

ଡାକ୍ତର ରାୟଙ୍କ ନାଁ ଶୁଣି ଛନ୍ଦା ଚୁପ୍ ରହିଲା । ତାର ମନେ ପଡ଼ିଲା ସେହି ଅଳସ ସନ୍ଧ୍ୟାର ମଧୁର ଅନୁଭୂତି । କାନ ପାଖରେ ତାର ସେଇ କୋଇପଦ କଥା ଗୁଞ୍ଜରି ଉଠିଲା—'ମୁଁ ତୁମକୁ ସବୁମତେ ସାହାଯ୍ୟ କରିବି ଛନ୍ଦା !' ଅତି ପରିଚିତ ସେହି ମୁହଁ, ଆଉ ଅତି ପ୍ରିୟ ସେହି କଥା ପଦକ ।

ଥଙ୍ଗ ଅଙ୍ଗ ହୋଇ ଛନ୍ଦା କହିଲା—ଡାକିଲେ ଆପତ୍ତି ନାହିଁ ।

ଗୀତା ଡାକ୍ତର ଡାକିବାକୁ ବାହାରିଲା ।

ଛନ୍ଦା ବିଛଣାରୁ ଆସି ଦର୍ପଣ ଆଗରେ ଛିଡ଼ାହେଲା ।

ଇସ୍, କି ବିବର୍ଣ୍ଣ ଦିଶୁଛି ମୁହଁ । ଆଖି ଅଙ୍ଗୁଳିଏ ପଶି ଗଲାଣି ଭିତରକୁ । ଗାଲ ଦୁଇଟି ପାଉଁଶିଆ । ଅଲରା ମୁଣ୍ଡରେ ବାଯ୍ନାବଢ଼ାଇ ବସା ବାନ୍ଧିବ । ଓଠରେ ଆଉ ରକ୍ତ ନାହିଁ । ବେକ ତଳ ମଳରେ କଳା ଦେଖା ଯାଉଛି ।

ଛନ୍ଦା ନିଜର ମୁହଁକୁ ନିଜେ ଚିହ୍ନି ପାରିଲା ନାହିଁ । ପ୍ରତିବିମ୍ବଟିକୁ ଅବିଶ୍ୱାସ ଆଖିରେ ଅନାଇ ରହିଲା ।

କଣ ଭାବିବେ ରାୟବାବୁ ? ତାର ଏ ଅବସ୍ଥା ଦେଖିଲେ ସେ ଘୃଣା କରିବେ ନାହିଁ ତ !

ଛନ୍ଦାର ରୁଗ୍ଣ ମନ ଚଞ୍ଚଳ ହୋଇ ଉଠିଲା ।

ଶୀଘ୍ର ଶୀଘ୍ର ମୁଣ୍ଡ ଉପରେ ପାନିଆ ମାରି କପାଳ ଉପରର ବାଳଟାକୁ ସଜାଇ ନେଲା । ପାଣିରେ ମୁହଁ ଧୋଇ ଚିକ୍କଣ କାନିରେ ପୋଛିନେଲା ପରସ୍ତେ । ତଳ ଓଠକୁ ଦାନ୍ତ ମଝିରେ ଚିପିରଖି ମଇଳା ଅଂଶଟିକୁ ଶୋଷି-ଦେଲା । ଆଉ ଗୋଟାଏ ଶାଢ଼ୀ ବଦଳୁ ବଦଳୁ ଗୀତା ଆସି କହିଲା—ଡାକ୍ତରବାବୁ ବୁଲି ଯାଇଛନ୍ତି । ଫେରିଲେ ଡାକି ଆଣିବ ।

ଛନ୍ଦା ସ୍ୱସ୍ତିର ନିଶ୍ୱାସ ମାରି କହିଲା—ଭଲହେଲା ଗୀତା !

ନଟିଆ ପୁଅପୂର ଭଲ ହୋଇନି । ଗୋଟେ ଗୋଟେ ତାକୁ ଜଗିଛନ୍ତି ବିକାଶବାବୁ ଆଉ ଯଦୁ ପଧାନ । ପଦ୍ମା ଆସି ଘରର ସବୁକାମ ତୁଲାଉଛି ।

ପାଞ୍ଚଦିନ ପରେ ।

ଯଦୁ ପଧାନ ଯାଇ ଡାକ୍ତର ବାବୁଙ୍କୁ ଡାକି ଆଣିଲା । ଡାକ୍ତର ସାହୁ ଆସିଲେ । ଆଖି ତାଙ୍କର ଘୂରି ବୁଲୁଥାଏ କ୍ୱାର୍ଟର ସାରା । ରୋଗୀ ଦେଖି ଆସି ନାହାନ୍ତି ଯେ କାହାକୁ ଖୋଜି ଆସିଛନ୍ତି ସେ । ମୁହଁଖୋଲି ପଚାରିବାକୁ ମଧ୍ୟ ସାହସ ହେଉନି । ଇଞ୍ଜେକ୍ସନ ଦେଇସାରି ଯାଉଁ ଯାଉଁ କହିଲେ, ଛନ୍ଦାଦେବୀଙ୍କ ହାତରେ ଅନୁପାନ କରି ଔଷଧ ଦେବ ।

ଯଦୁ ପଧାନ ଆଶ୍ଚର୍ଯ୍ୟ ହେଲା । ବିକାଶବାବୁଙ୍କୁ ଡାକି କହିଲା, ଶୁଣିଲ ବାବୁ ! ମୁଁ ପରା ସେଇଆ କହୁଥିଲି । ଛନ୍ଦାଦେବୀ ଜଣେ ସିଦ୍ଧ ହୋଇଛନ୍ତି ଯେ ଗାଁ ଛାଡ଼ି ଚାଲି ଯିବେ । ସେ ପରା ଡାକ୍ତରବାବୁଙ୍କ ଘରେ ।

ଡାକ୍ତର ସାହୁ ଅଡୁଆରେ ପଡ଼ିଲେ ।

ବିକାଶବାବୁଙ୍କ ପ୍ରାଶ୍ନିକ ଚାହାଣି ତାଙ୍କୁ ଅନେକ କିଛି ପଚାରୁଥିଲା କିନ୍ତୁ ସେ ଯେ ଛନ୍ଦା ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ।

ଯଦୁ ପଧାନକୁ ଡାଗିଦ୍‌ଭରା କଣ୍ଠରେ ପଚାରିଲେ—କିପରି ଜାଣି ଛନ୍ଦା ମୋ ଘରେ ଅଛି ବୋଲି ?

ଛନ୍ଦାଦେବୀଙ୍କ ହାତରେ ଔଷଧ ପଠାଇବାକୁ କହିଲେ ନା ?

[ ପଞ୍ଚ.କଳ

ତା ଅର୍ଥ କଣ ଛନ୍ଦାଦେବୀ ମୋ ଘରେ ଅଛନ୍ତି ? ଡାକ୍ତର ବିରକ୍ତ ହୋଇ ଚାଲିଗଲେ ।

ବିକାଶ ବାବୁ ଆଉ ଯଦୁ ପ୍ରଧାନ ମନ ମାରି ବସିଲେ । ଅନେକ କ୍ଷଣ ନୀରବତାରେ କଟିଯିବା ପରେ ବିକାଶ ବାବୁ ରହି ରହି କହିଲେ—ଛନ୍ଦା ଆଉ ଫେରିବନି ବୋଧହୁଏ ମଉସା ?

ଯଦୁ ପ୍ରଧାନ ପଚାରିଲା—ଦେଇଙ୍କର ଚିହ୍ନା ପରିଚୟ କିଏ ସବୁ ଆପଣ ଜାଣନ୍ତି ? ଜାମଡ଼ା ନହେଲେ ବୁର୍ଲାକୁ ସେଇଏ ବୁଲି ଆସିଲେ କେମିତି ହୁଅନ୍ତା ? ସମ୍ବଲପୁର ମଧ୍ୟ ଖୋଜି ଆସିବା ଦରକାର ।

ସେ ସବୁ ଆଉ କଣ ବାକି ଅଛି ମଉସା ? ଯାହା'ତ କଲା କଲା; କିନ୍ତୁ ମୋତେ ଋଣୀ କରି ଚାଲିଗଲା ।

କେମିତିକା ?

ତମେ ଜାଣନି ମଉସା ! ମୁଁ ତା'ର ଧନରେହିଁ କଣ୍ଟ୍ରାକ୍ଟରୀ ଆରମ୍ଭ କରିଥିଲି । ଏବେ ସବୁ ବିଲ୍‌ର ଟଙ୍କା ହାତକୁ ଆସିଛି । ବିସ୍ତର ଲାଭ ହୋଇଛି ମଧ୍ୟ । କିନ୍ତୁ ଋଣ ପରିଶୋଧ କରି ପାରିଲି ନାହିଁ ।

ମୋର ଦୃଢ଼ ଧାରଣା ସେ ନିଶ୍ଚୟ ଫେରି ଆସିବେ ।

ସେ ଆସିବ ନାହିଁ ମଉସା ! ତାର ଆତ୍ମାଭିମାନ ଖୁବ୍ ବେଶୀ ଥିଲା !

ଝିଅ ହୋଇ ପୁଣି ଅଭିମାନ ?

କାହିଁକି ? ଝିଅ କଣ ପୁଅ ଭଳି ଗୋଟିଏ ସ୍ୱାଧୀନ ସୃଷ୍ଟି ନୁହେଁ ? ପଦ୍ମା ଅଗଣା ବାରଣ୍ଡାରୁ ଜବାବ ଦେଲା ।

ଯଦୁ ପ୍ରଧାନ ହସିଲା । ହସି ହସି କହିଲା—ଦେଖିଲ ପୁଅ, ଝିଅର ମୋର ଜବାବ ! ଏ ବର୍ଷହେଲା ପଡ଼ୋଶୀ ଘରର ବଙ୍ଗାଳୀ ଝିଅ ଆରତୀ ସଙ୍ଗେ ବସି କଣ ପଢ଼ାପଢ଼ି କରୁଛି କି ନାହିଁ କେତେ କଥା ଶିଖିଲାଣି !

ବିକାଶବାବୁ ପଦ୍ମା ମୁହଁକୁ ଚାହିଁଲେ । ତା ମୁହଁରେ ଗୋଟିଏ ପ୍ରଗଳ୍‌ଭତାର ଚପଳ ଛନ୍ଦ ଫୁଟି ଉଠିଛି । ଆଖି ଡୋଳାର ଧାରେ ଧାରେ ବିସ୍ମୟର ପ୍ରକାଶ । ମୁଗ୍ଧ ହୋଇ ଅନେଇ ରହିଲେ ବିକାଶବାବୁ ।

ପଦ୍ମା ଅନ୍ୟ କାମରେ ଚାଲିଗଲା

ଛପନ ]

ବିକାଶବାବୁଙ୍କର ନୀରବତାକୁ ଯଦୁ ପଧାନ ସହ୍ୟ କରି ପାରିଲ ନାହିଁ । ଆସିଲା ଦିନଠୁ ବିକାଶବାବୁଙ୍କୁ ସେ ଚିହ୍ନିବା ପାଇଁ ଚେଷ୍ଟା କରୁଛି । ସହଜ ସରଳ ଯୁବକଟିଏ । ଛନ୍ଦାର ଭାବନା ମୁହଁକୁ ତାଙ୍କର ବିବର୍ଣ୍ଣ କରି ପକାଉଛି । ଆଖିରେ ଖାଲି ପ୍ରଶ୍ନର ମେଳା । ସେ ଅଧିକ ସମୟ ଅନ୍ୟମନସ୍କ ହୋଇ ପଡୁଛନ୍ତି । ତାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟର ପ୍ରତିବନ୍ଧକ ହେଉଛି ମାୟାବିନୀ ଛନ୍ଦା । ତାଙ୍କ ରୁଗ୍ଣ ହୃଦୟକୁ ଠାଣୁଆ କରିବାକୁ ଯଦୁ ପଧାନ କହିଲା—

ମୋ' ଆଡ଼କୁ ଟିକିଏ ଅନେଇଲ ବାବୁ ! ପୁରୁଷର ବଳ ହେଲା ବାହୁ । ତମର ଏହି ବଳିଷ୍ଠ ବାହୁଦି'ଟା ଥାଉଁ ଥାଉଁ ଦୁଃଖ କରୁଛ କାହିଁକି ?— ସେଦିନ ମୋର କଥା କହିବାକୁ ଅଡ଼ିବସିଥିଲ । ଆଜି କହୁଛି ଶୁଣ । ମୋ ଦୁଃଖଠୁ କଣ ତୁମ ଦୁଃଖ ବଡ଼ ? ତଥାପି ମୁଁ ବଞ୍ଚି ରହିଛି । ଛପନସାଲର ଦୁର୍ଭିକ୍ଷ ଆଜି କଥାର କଥା ହୋଇ ଗଲାଣି । ସେ ସବୁ ମୋର ଅଙ୍ଗନିଭା କଥା । କେତେ ଲୋକ ଦୁର୍ଭିକ୍ଷ କବଳରେ ପଡ଼ି ଗାଁ ଛାଡ଼ିଲେ । ପଳାତକ ହୋଇ ଅନ୍ୟ କଷ୍ଟରେ ନିକୁଛିଆ କାମ କଲେ । ମାଟିକର ଲୋକ ଭରି ବରଆ ହୋଇ ଗାଁ ଛାଡ଼ି, ସମସ୍ତ ଆତ୍ମସମ୍ମାନରେ ଜଳାଞ୍ଜଳି ଦେଇ, କଲିକତା ଖୋଟକଳର ଶ୍ରମିକ ହେଲେ । କିନ୍ତୁ ସବୁ କଥାକୁ ସହି ନେଲି ବୋଲି ଆଜି ସେଥିପାଇଁ ଗର୍ବ କରୁଛି ।

ଏ ଜୀବନରେ ପୁଣି ଥରେ ପହଞ୍ଚିଲା ଦ୍ୱିତୀୟ ଧକ୍କା । କୁଣ୍ଡି ଅଞ୍ଚଳରୁ ବିତାଡ଼ିତ ହୋଇ ହେଲି ସର୍ବହରା । ଘରଦ୍ୱାର, ଜମିବାଡ଼ିର ସ୍ନେହ ମମତା ପାଶୋରିବାକୁ ବାଧ୍ୟହେଲି । ନିୟମ କାନୁନ ଆଗରେ ପ୍ରକୃତିର ଆକର୍ଷଣ ହାରିମାନିଲା । ପରିବାର ସହିତେ ହେଲି ଗାଁଛଡ଼ା— ଘରଛଡ଼ା । ସରକାରୀ ଟ୍ରକରେ ଜିନିଷପତ୍ର ଆଉ ପିଲା କୁଟୁମ୍ବ ବୋଝେଇ କରି ଯେତେବେଳେ ଶେଷଥର ପାଇଁ ଟ୍ରକ୍ ଉପରେ ପାଦ ଦେଲି ସେତେବେଳେ ମନ ଇଚ୍ଛା କାନ୍ଦିଲି ।

ଚିନ୍ତାହେଲା କେଉଁଠିକି ଯିବି ? ଜଙ୍ଗଲର ଗଛତଳେ ପଡ଼ି ଜୀବନ କଟାଇବାକୁ କ'ଣ ଯୋଗଥିଲା ଶେଷକୁ ? ଗାଁର ଗୋଟିଏ ସୁନ୍ଦର ଛବି ଆଖି

[ ଗତାବନ

ଆଗରେ ନାଚ ଉଠିଲା । ଛୋଟ ଛୋଟ ଚୂଳଘର । ଘର ପାଖରେ ବାଡ଼ ବଗିଚା ସଙ୍ଗକୁ କୂଅ—ମୁହଁ ଧୋଇଲେ ପାଣି ଗଡ଼ିଯାଏ ବିଲ ଭିତରକୁ । ବଡ଼ ବଡ଼ କମଳା ଗଛର ଛୋଟ, ଛୋଟ ଫୁଲ; ଶାଗ ପଟାଳୀର ଶାଗୁଆବର୍ଣ୍ଣ, କଦଳୀ ଗଛର ଆଁଣିଲଭ ଫଳ; ସବୁ ମନେ ପଡ଼ିଲା । ଟ୍ରକ୍ ଡିପ ଖାଲ ନ ମାନି ଅସ୍ଥାୟୀ ସଡ଼କରେ ଧାଇଁ ଯାଉଥାଏ ଆଗକୁ । ଆଖପାଖର ଛୋଟ, ଛୋଟ ପଲ୍ଲୀ ମୁଣ୍ଡ ଟେକି ଉଠିଥାଏ । ଖାଲି ଭଙ୍ଗା କାନ୍ଥ ଆଉ ଓଲଟା ଚୂଳର ଚିହ୍ନ । ଆଖିରୁ ମୋର ଲୁହ ଝରୁଥାଏ । ଏଇଠି କେତେ ମେଳା ମଉଛବ ହେଉଥିଲା । ସରଳ ପଲ୍ଲୀର ସୁକୁମାର ବାଳକ ବାଳିକାମାନଙ୍କର ମିଠା ଗୁଞ୍ଜରଣରେ ମୁଖରିତ ହେଉଥିଲା ଗାଁ ମାଟି । ଡ଼ ଲଖାଇ ନାଚରେ ପାଞ୍ଚ ସାତ ଖଣ୍ଡର ଅବହାଡ଼ ଝିଅ ସବୁ ଏକାଠି ହୋଇ ଡ ଦଲ ତାଳରେ ନାଚ ଉଠୁଥିଲେ ବଡ଼ ଭୋର ହୋଇ । ରାତି ଅଧରେ ମଶାଲ ଆଲୁଅରେ ଦିଗ୍‌ବଳୟ ଚମକି ଉଠୁଥିଲା—ଅଥଚ ଆଜି କିଛି ନାହିଁ । ଯଦୁ ପଧାନ ଟିକିଏ ଅଟକି ପୁଣି ଆରମ୍ଭ କଲା, ମୁଁ ଗାଁ ଛାଡ଼ିଲି ନିହାତି ହତାଶ ହୋଇ । ସେହି ଦୁଃଖରୁଁ କ'ଣ ଏ ଦୁଃଖ ବଡ଼ ବାବୁ ? ମୁଁ ଭାବୁଥିଲି ସେତେବେଳେ—ଆଉ ତମେ ଭାବୁଛ ଜଣକର ମାନ ପାଇଁ । ତମେ ଭଲଥିଲେ ଦୁନିଆ ଭଲ । ଇଚ୍ଛାକଲେ ନିଶ୍ଚେ ହେ'ଇ ସୁଖରେ ଘର କରିବ । ଛୁଆଠୁ ବଳି ଦିବ୍ୟସୁନ୍ଦର ଝିଅ ମିଳିବ, ଯିଏ କି ତୁମର କଥାକୁ ଗୃଢ଼ିକ ଭଳି ଗ୍ରହି ରହିବେ ।

ତୁମେ ଖାଲି ଖୁସିହୁଅ ପୁଅ ! ତୁମର ଖୁସି ଦେଖିଲେ ମନ ମୋର ଉଛୁଳି ଉଠିବ ।

ପଦ୍ମା ସେବାଟେ ଚାଲି ଯାଉଥିଲା । ବିକାଶବାବୁଙ୍କ ଉପରେ ତାର ତେରଛା ଚାହାଣି ପଡ଼ୁଛି ।

ବିକାଶବାବୁ ଚାହିଁଲେ ଆଗରେ ଶୋଇ ପଡ଼ିଥିବା ଟଙ୍କଣ ସଡ଼କକୁ । ଟ୍ରାକ୍‌ଟରଟିଏ ଧୂଳି ଉଡ଼ାଇ ଚାଲି ଯାଉଛି । ଭୟଙ୍କର ଗର୍ଜନ । ତାର ପଛକୁ ସିଫ୍‌ଟବସ୍ ଆସି ପହଞ୍ଚିଲା । ଗଛତଳେ କିଛି ପାଇଁ ଛିଡ଼ା ହେବାକୁ ଗାଡ଼ି ଭିତରୁ ଫୁଟେଞ୍ଚ ହେଲ୍‌ପର୍ କି' ମେକାନିକ୍ ହେବେ ବାହାରି ବିକାଶବାବୁଙ୍କ କ୍ୱାର୍ଟର ସାମନାରେ ଭେଳ କାଟିଲେ । ଆଖିରେ ତାଙ୍କର ଅଶ୍ରୁପୀର ଜୁଆର । କୁଆଡ଼େ ଗଲେ ଛନ୍ଦା ?

ଆଚ୍ଛା ଗୀତା ! ତମେ ସେଦିନ କଣ୍ଟ୍ରାକ୍ଟରେ ଗୋପାଳବାବୁ ହାତରୁ କ'ଣ ରକ୍ଷା ପାଇଥାନ୍ତ ? ମଣିଷଗୁଡ଼ାକ ଏତେ ଜାନୁଆର ?

ଜାନୁଆର ମଣିଷ ନୁହେଁ ଛନ୍ଦା କେବଳ ଅର୍ଥ । ଅର୍ଥହିଁ ମଣିଷକୁ ପଶୁ କରାଏ । ଅତି ସରଳ, ସହଜ ମଣିଷ ହାତରେ ଅର୍ଥ ଜମିଲେ ତାଙ୍କ ପ୍ରକୃତି ବି କଦାକାର ହୋଇ ଉଠେ । ଅର୍ଥହିଁ ଅନର୍ଥର ମୂଳ କି ନା ? ଏହି ଗୋପାଳବାବୁ ଦିନେ ଏପରି ଥିଲେ ଯେ ତମେ ମଧ୍ୟ ତାଙ୍କୁ ପ୍ରଶଂସା କରିଥାନ୍ତ । ପ୍ରେମ କରିବାକୁ ଇଚ୍ଛା ହୋଇଥାନ୍ତା ?

ସେ ପୁଣି କେମିତିକା ? ତୁମେ ତାଙ୍କୁ ଅନେକ ଦିନରୁ ଜାଣ ନା କ'ଣ ? ଛନ୍ଦା ଆଖିରେ ଉତ୍କଣ୍ଠା !

ଗୋପାଳବାବୁ ଅମର ଗାଆଁର ପିଲା କି ନା ! ଏକା ଜାତିର । ମୋତେ ଯେତେବେଳେ ବାରବର୍ଷ, ଏହି ଗୋପାଳବାବୁଙ୍କ ସଙ୍ଗରେ ବିବାହ ସମ୍ବନ୍ଧ ପଡ଼ିଥିଲା । ମହା ଧୁମ୍‌ଧାମ୍‌ରେ ନିର୍ବନ୍ଧ ପର୍ବ ମଧ୍ୟ ଶେଷ ହୋଇଥିଲା । କିନ୍ତୁ ପ୍ରଜାପତିର ବୁଝାମଣା ବଡ଼ ବିଚିତ୍ର । ଅର୍ଥ ଲୋଭରେ ତାଙ୍କ ବାପା ଜମିଦାର ଶ୍ରୀପତିବାବୁଙ୍କ ଘରେ ସମ୍ବନ୍ଧ ବାନ୍ଧିଲେ । ଯୌତୁକ ଲାଳସାରେ ସେ ଅନ୍ଧ ହୋଇଗଲେ । ପିତଳ ଦୋ'ଅଣି ଭଳି ଗତାଗତ ଅଚଳ ହେଲି ମୁଁ ।

କିନ୍ତୁ ତମେ ଯେ କହୁଥିଲ ଗୋପାଳବାବୁ ନିହାତି ସାଧାରଣ ଘରର ପିଲା ବୋଲି !

ସେ କଥା କହୁଛି—ଜମିଦାର ଶ୍ରୀପତି ଦାସଙ୍କର ଅଲିଅଳି କନ୍ୟା ଚପଳା ଥିଲା କୃଷ୍ଣାଙ୍ଗୀ । ଦେହସାରା ବସନ୍ତର ଚିହ୍ନ । ସାମନା ଦାନ୍ତ ବାହାରା । ସମକକ୍ଷ ସମ୍ବନ୍ଧ ଖୋଜି ଖୋଜି ଝିଅଟି ହେଲା ବାଇଶି ବର୍ଷ । ଜମିଦାର ଶ୍ରୀପତି ଦାସ ଅଡୁଆରେ ପଡ଼ିଲେ । ତେଣୁ ଗାଁରେ କିଏ କେତେ ଗୁଜବ ଉଠାଇଲେ । ଘରର ଯୁବକ ଚାକର ମଧୁଆର ରଙ୍ଗଢଙ୍ଗରେ ପରିବର୍ତ୍ତନ ଦେଖି ଲୋକେ ଚପଳା ସଙ୍ଗରେ ତା'ର ନାମକୁ ମିଶାଇଲେ । ସେତେବେଳେ ଗୋପାଳବାବୁଙ୍କର ବାପା ଥାଆନ୍ତି ଶ୍ରୀପତିଙ୍କର କୋଠଚାଷୀ । ଘଟଣାକ୍ରମେ ହାତୀ ସୁନାକଳସ ଢାଳିଲା ଗୋପାଳବାବୁଙ୍କ ଉପରେ । ରାତାରାତି ଭାଗଚାଷୀର ପୁଅ ଗୋପାଳବାବୁ ହେଲେ ଜମିଦାର ଶ୍ରୀପତି ଦାସଙ୍କର ଜାମାତା । ଦର ବଢ଼ିଗଲା । କିନ୍ତୁ······

ତା ପରେ ?

ତା ପରେ ମୋର ଭାଗ୍ୟ ଛନ୍ଦା ଦେଇଛି ! କେଡ଼େ ହତଭାଗିନୀ ମୁଁ ! ଜନ୍ମହେବା ପୂର୍ବରୁ ମା'ଆ ପେଟରେ ମୃତ୍ୟୁ ହୋଇଥିଲେ ଭଲ ହୋଇଥାନ୍ତା । ଲୋକେ ନିଃସଙ୍କୋଚ ଭାବରେ ଆପଣାୟିତ ହୋଇ ଗୋପାଳବାବୁଙ୍କ ସାଙ୍ଗରେ ମୋର ନିର୍ବନ୍ଧ କଥା ଭୁଲିଗଲେ । ମୁଁ ହେଲି ବାସନ୍ଦ: ବଦନାମ ଦେଇ ଖସିଗଲେ ଗୋପାଳବାବୁ । ମାଆ ମୋର କଥା ଭାବି ଭାବି ଶେଷକୁ ମଲା । ବାପା ଜରରେ ପଡ଼ିଲେ । ଅନେକ ଦିନ ପରେ ଆମ ଗାଁ ମାଷ୍ଟରଙ୍କ ପରାମର୍ଶରେ ମୁଁ ନର୍ସ ଟ୍ରେନିଂ ନେଲି । ଆଜି ହସ୍ପିଟାଲରେ ଚାକିରୀ କରୁଛି । ଗୀତା ପଧାନ କାନ୍ଦୁଥାଏ । ଛନ୍ଦା ନିଜ ପଣତରେ ଲୁହ ପୋଛି ପୋଛି କହିଲେ, ତୁ ତ କୂଳରେ ଲାଗିଗଲୁ ଭଉଣୀ । ଗୋଟିଏ ମହତ୍ ଅନୁଷ୍ଠାନ ଭିତରେ ରହିଛୁ । କିନ୍ତୁ ପ୍ରକୃତରେ ମୁଁ ଏ ଯାଏ କୂଳ କିନାରା ପାଇନାହିଁ ।

କୂଳ କିନାରା ନପାଇ ଏଇ ଅତଳ ଦରିଆରେ ଭାସୁଛି ଛନ୍ଦା ଦେଈ ! ସେଦିନ ଜମିଦାର ଶ୍ରୀପତି ଦାସଙ୍କର ଚାକର ବଦନାମର ଅସ୍ତ୍ରରୂପେ ବ୍ୟବହୃତ ହେଲା । ପରେ ଅବଶ୍ୟ ଲୋକେ ଜାଣିଲେ ଯେ ଚପଳା ହିଁ ତାର

ଦେହର ଲାଳସାକୁ ଏହି ମଧୁଆର ମାଧ୍ୟମରେ ମେଣ୍ଟାଇ ଚାଲିଥାଏ । ଗୋଡ଼ଗୁଡ଼ାରେ ଗୁମର ଅଧିକ । ବିବାହର ସାତମାସ ପରେ ଗୋପାଳବାବୁ ହେଲେ ସନ୍ତାନର ଜନକ । ଏହି ଆକସ୍ମିକ ପିତୃତ୍ୱ ତାଙ୍କର ମେରୁ ଭାଙ୍ଗି-ଦେଲା । କିନ୍ତୁ ଉପାୟ ନାହିଁ । ଚପଳାଠାରୁ ଦୂରେଇ ରହି ଖଡ଼ଗପୁରରେ କଲେ ବ୍ୟବସାୟ । ସେହି ଦିନଠୁ ଚପଳା ତା' ବାପଘରେ ଆଉ ଗୋପାଳବାବୁ ଖଡ଼ଗପୁରରେ.........

ଏବେ କିଣ ଗୋପାଳବାବୁ ତାଙ୍କ ଦୋଷପାଇଁ ତା ଆଗରେ ଅନୁତାପ କରନ୍ତି ?

ହଁ କରନ୍ତି । କିନ୍ତୁ ମନରଖା ଅନୁତାପ ସିଏ । ଖାଲି ଖାଲିରେ ପକାଇବାର ଫାଶ । ଥରଟିଏ ଧରାଦେଲେ, ସେ ସେହି ଦୁର୍ବଳତାର ସୁଯୋଗ ନଅନ୍ତେ । କିନ୍ତୁ ଅନ୍ଧ କଣ ସବୁବେଳେ ବାଡ଼ି ହଜାଏ ? ଏବେ ମଧ୍ୟ ତାଙ୍କର ଇଚ୍ଛା ଯେ ମୋତେ ନେଇ ନୂତନ ନୀଡ଼ ବାନ୍ଧନ୍ତେ । ଅବଶ୍ୟ ତାଙ୍କୁ ମୁଁ ଏପର୍ଯ୍ୟନ୍ତ ହତାଶ କରିନି । ମନେ ମନେ ତାଙ୍କୁ ଠିକେ ନଚୁଇବା ପନ୍ଥା ଖୋଜୁଛି । ଏବେ ବି ସେ ସୁଯୋଗ ଆସିନି । କିନ୍ତୁ ସେହି ରାତିର ଦୁର୍ଘଟଣା-ଠାରୁ ସେ ଆଉ ମୁହଁ ଟେକି କଥା କହି ନାହାନ୍ତି । ମୋତେ ଦେଖିଲେ ବାଟ ବଦଳି ଚାଲି ଯାଆନ୍ତି ସେ ।

ଛନ୍ଦା ମନେ ମନେ ଖୁସିହେଲା । ମନେ ମନେ ଭାବିଲା କେଡ଼େ ନିର୍ବୋଧ ଏହି ପୁରୁଷ ଜାତି ! ନାରୀର ମନ ନ ଚିହ୍ନି ଉପରେ ପଡ଼ି ପ୍ରେମ କରିବେ । ସମୟ ଅସମୟ ନ ଭାବି ନିଜର ଅଭିଳାଷକୁ ଚରିତାର୍ଥ କରିବା ସକାଶେ ଆୟୋଜନ କରି ବସିବେ । ଅପେକ୍ଷା କରିବାର ପ୍ରବୃତ୍ତି ନାହିଁ । ଏହି ଗୋପାଳବାବୁ ଦିନେ ତା ମନରେ ଚେଳିକ ଲଗାଇ ଥିଲେ । ତାଙ୍କର ଭଦ୍ରୋଚିତ ବ୍ୟବହାରରେ ମୁଗ୍ଧ ହୋଇଥିଲା ଛନ୍ଦା । କିନ୍ତୁ ସେ ଭଦ୍ରାମୀର ସ୍ୱରୂପ ପାଇଁଲେ ଯେ ପଙ୍କ ଅଛି ଏକଥା ସେ ସ୍ୱପ୍ନରେ ସୁଦ୍ଧା କଳନା କରି ନ ଥିଲା । ତେଣୁ ଦିନ ରାତି ନମାନି ବସା ଛାଡ଼ି ସେ ଏକେଲା ଗୋପାଳବାବୁଙ୍କ

ନିର୍ଜନ ବଙ୍ଗଳା ଭିତରେ ରାତି ଯାପନ କରନ୍ତି । କିନ୍ତୁ ସେଦିନ ରାତି ଗୋପାଳବାବୁଙ୍କ ଅଭିନୟର ଶେଷ ଯବନିକା ଟାଣି ଦେଲା ।

ଅତ୍ୟାଧୁନିକା ଛନ୍ଦାର ଛାତି ଭିତରେ ଝଞ୍ଜା ସୃଷ୍ଟି ହେଉଥାଏ ।

ମନେ ପଡ଼ିଲା ଗୋପାଳବାବୁଙ୍କର ସେହି ଆହ୍ୱାନର ଇତିହାସ । ବିଦେଶୀ ସୁରାରେ ମସ୍‌ଗୁଲ ହୋଇ ଉଠିଥାନ୍ତି ସେଦିନ । ଆଖି ସେହି ସୁରାର ରଙ୍ଗଭଳି ନାଲି ଦେଖା ଯାଉଥାଏ । ଓଠ ଦୁଇଟି ଚକର ମାରୁଥାଏ ତାର ମୁହଁ ଆଉ ଛାତି ଉପରେ । ହାତ ଦୁଇଟି ଥରି ଉଠୁଥାଏ ଉତ୍ତେଜନାରେ । ଭଗ୍ନ ଅଥଚ ଦୃଢ଼ ଗଳାରେ ତାକୁ ପାଖକୁ ଡାକୁଥାନ୍ତି । ସେ ଆହ୍ୱାନ ନୁହେଁ ତ—ଏକ ନିର୍ଦ୍ଦେଶ ଅଥବା ଆଦେଶ । ସତେ କି ସାରା ଅଙ୍ଗକୁ ଭିଡ଼ି ମୋଡ଼ି ପିଇପିବେ । ତାକୁ ନିଃଶେଷ କରିଦେବେ । ଛନ୍ଦା ଏବେ ବି ଥରି ଉଠିଲା । ଯଦି ଗୀତା ଠିକ୍ ସମୟରେ ପହଞ୍ଚିପାରି ନ ଥାନ୍ତା ! !

ଗୀତାକୁ ଛନ୍ଦା ନିବିଡ଼ ଭାବରେ କୋଳାଗ୍ରତ କଲା । ଥରିଲା ଛନ୍ଦାକୁ ଜାବୁଡ଼ିଧରି ଗୀତା ଭାବୁଥିଲା ଅନେକ କଥା । ତା'ର ମନ ଭିତରେ ଖେଳୁଥିଲା—ସୁଦୂର ଅତୀତର ଏକ ରଙ୍ଗୀନ କାହାଣୀ । ସେଦିନ ଛନ୍ଦା ନିଜକୁ ଅପୂର୍ବ ଭଙ୍ଗୀରେ ସଜାଇ ହୀରାକୁଦର ଡେମାଟି ଉପର ଆକାଶକୁ ଏକାକାର କରି ଦେଉଥିଲା । ସମଗ୍ର ହୀରାକୁଦ ଗୋଟିଏ ଆଖିରେ ଛନ୍ଦାର ରୂପସମ୍ପଦ ଦେଖି ଅନ୍ୟ ଆଖିଟିରେ ସେ ସବୁକୁ ପିଇପିବାକୁ ଚେଷ୍ଟା କରୁଥିଲା । କିନ୍ତୁ ଆଜିର ଛନ୍ଦା ? ଅବହେଳିତ ଛନ୍ଦା ପାଇଁ ସେ ଦୁଃଖିତ ହେଲା ମନେ ମନେ । ପୁରୁଷ ଜାତିପାଇଁ ଘୃଣା ହେଲା । ଫୁଟିଲା ଫୁଲକୁ ଦେଖି ପାରନ୍ତି ନାହିଁ ଏହି ପୁରୁଷ ଜାତି । ସଙ୍ଗେ ସଙ୍ଗେ ଛିଣ୍ଡାଇ ଘାଣ୍ଟି ଚକଟି ପକେଟରେ ପୂରାଇବାର ଚେଷ୍ଟା । ଲାଳସାର ନିଆଁରେ ସ୍ତ୍ରୀ ଜାତିକୁ ଯୁଗେ ଯୁଗେ ଦଗ୍ଧ କରୁଛି ଏହି ପୁରୁଷ ଜାତି । ତାର ରୂପ, ତାର ସୌନ୍ଦର୍ଯ୍ୟକୁ ଆକଣ୍ଠ ଉପଭୋଗ କରି ନାରଖାର କରି ପକାଉଛି । ହୃଦୟକୁ ତାର ସମସ୍ତ କୋମଳତା ଓ ସହନଶୀଳତାକୁ ପାଦରେ ମନ୍ଥି ଛାରଖାର କରୁଛି ।

ସମସ୍ତ ରସ ନିଃଶେଷ କରିବା ପରେ ପଡ଼ିରହେ କେଲ୍‌ନ୍ ଭଳି ନାହାର ଗୋଟିଏ ,ଚମ ଆଉ ହାଡ଼ର ଖୋଳପା । ରୂପ ନାହିଁ କି ରଙ୍ଗ ନାହିଁ । ଖାଲି ଛାଇଁଟିଏ । ଫୁଙ୍କିଦେଲେ ଉଡିଯାଇ ଆକାଶ ଭିତରେ ମିଳେଇଯିବ । କେହିବି ଆଖିରେ ପଡ଼ିବ ନାହିଁ । ଯେମିତି ରହୁ କି ଅଧବାଟରେ ଛାଡ଼ିଯାଇ ଯାଏ ଆସେନା । ଆଖି ବାହାରକୁ ଚାଲିଗଲେ ଭଲ । ଆଖି ଆଗରେ ରହିଲେ ମନରେ ତାର ହୁଏତ ଆଘାତ ଆସିପାରେ ।

ଛନ୍ଦା ଗୀତାର ମାଂସଳ ଛାତି ଭିତରେ ମୁହଁ ଲୁଚାଇ ସ୍ୱପ୍ନ ଦେଖୁଥିଲି ସେତେବେଳେ । ନିଜକୁ ନିଜେ ହଜାଇ ଦେଇଛି । ସମଗ୍ର ଜଗତକୁ ଭୁଲି ଯିବାକୁ ଚେଷ୍ଟା କରୁଛି । ଦୁନିଆକୁ କହିବାକୁ ଚାହେଁ ଯେ ଛନ୍ଦା କେବଳ କେହି ଜଣେ ନଥିଲା କି ଆଜିବି ନାହିଁ । ସମସ୍ତଙ୍କ ଆଖିରେ ସେ ଗୋଟିଏ ଭେଲକି । ଖାଲି ଗୋଟିଏ ନିଶା । ଖୋଲା ଆଖି ଆଉ ମନ ନେଇ ଦେଖିଲେ କିଛି ନାହିଁ । ଖାଲି ମାୟା ।

କିନ୍ତୁ କେତେଦିନ ସେ ଆତ୍ମଗୋପନ କରିବ ? ଆଖି ଆଗରେ ସୀମିତ ଜୀବନର ଅସରନ୍ତି ପଥ । କେମିତି ଏଡ଼ି ଦେବ ସେ ? ଅତୀତର ସ୍ନେହ ସୁଖ ଦୁଃଖ ଦେଖୁଛି । କେତେ ସୁନ୍ଦର ତାର ଅତୀତର ଇତିହାସ । ପ୍ରତିଟି ସ୍ମୃତି ଜୀବନ୍ତ ଓ ସରସ । ପ୍ରତ୍ୟେକ ପଂକ୍ତିରେ ମଧୁର ଜୀବନର ଉଚ୍ଛ୍ୱାସ । ସେ ସବୁ ହଜିଗଲା । ଅତୀତ ସଙ୍ଗରେ ତା ମଧ୍ୟ ମିଶିଯାଇ ଏକାକାର ହୋଇଗଲା । ତାର ଛାଇ ସୁଦ୍ଧା ଦିଶୁନାହିଁ ।

ତାର ମଧୁର ଜୀବନ ଉପରେ ଝଞ୍ଜା ସୃଷ୍ଟି ହୋଇଛି । ସ୍ୱପ୍ନିଳ ଦାମ୍ପତ୍ୟ ନୀଡ଼ ନାହିଁ । ଗତକଥା ମନେ ପଡ଼ିଲେ କାନ୍ଦମାଡ଼େ । କିନ୍ତୁ କାନ୍ଦି ଆଉ ଲାଭ କ'ଣ ? ଏ ଜୀବନର ବା' ମୂଲ୍ୟ କଣ ? କେଉଁଠୁ ଆସି ପୁଣି କେଉଁଠିକି ଚାଲିଯାଏ । ମଝିରେ କେଇଦିନ ବଞ୍ଚିରହି ଭେଲକି ଦେଖେ ଯାହା । କିଏ କାହାର ନୁହନ୍ତି । ଶରୀର ଭିତରେ ଆବଦ୍ଧ ଜୀବନଟି ଶୁଖା ଶରୀରର ନୁହେ । ମନ ବଳିଯାଏ ଅବୋଧ ଥାଏ । ମନ ଭାଙ୍ଗିଗଲେ ଶରୀର ଛାଡ଼ି ଉଡ଼ିଯାଏ । ଶରୀର ମାଟିରେ ମିଶି ମାଟି ହୋଇଯାଏ ।

[ ଢେଶଠି

ଛନ୍ଦା ଭାବିଲା, ତେବେ ଏହି କ୍ଷଣକାଳ ରହଣି ଭିତରେ ଜୀବନକୁ ସେ ସରସ କରି ତୋଳିବ ନାହିଁ କାହିଁକି ? ଯୌବନ ବା କେତେଦିନ ରହିବ ! ଯେତେଦିନ ଅଛି ତାକୁ ଘଷିମାଜି ଚକ୍‌ଚକିଆ କଲେ ତହିଁରେ ବିଶିଷ୍ଟତା ଅଛି । ଯେଉଁ ଅତୀତ ଦୁଃଖ ଏବଂ ତାକୁ ନେଇ ଚିନ୍ତାକଲେ ବା ଲାଭ କଣ ? ଯାହା ଫେରିଲା କଥା ଲେଉଟିବ ନାହିଁ. ବର୍ତ୍ତମାନକୁ ସେଇ କଥାରେ ଜବରଦସ୍ତି ବାନ୍ଧି ରଖିଲେ କ୍ଷତି ଛଡ଼ା ଲାଭ ନାହିଁ ।

ଜୀବନ ରହିଛି—ସେଇ ହେଲା ବଡ଼ କଥା । ତାକୁ ଅକାରଣରେ ଦାହଗଞ୍ଜ ଦେବା ଉଚିତ ନୁହେଁ ।

ଟେବୁଲ୍ ଉପର ଘଣ୍ଟାରେ ଦଶଟା ବାଜି ଆସୁଥାଏ—ଗୀତା ସମୟ ଉପରେ ନଜର ରଖି କହିଲା—ଉଚିତ ସମୟ ହେବା ଉପରେ । ଆଜି ନିଶ୍ଚୟ ଡାକ୍ତର ବାବୁଙ୍କୁ ସଙ୍ଗରେ ନେଇ ଆସିବ । ଆଉ କେତେଦିନ ପଡ଼ିରହିବ ବିଛଣାରେ ! ଦେଖୁଁ ଦେଖୁଁ ଅସି ତିନି ଦିନ ହେଲା । ସମୟ ଦେଖି ବିକାଶ ବାବୁଙ୍କ ପାଖକୁ ମଧ୍ୟ ଯିବ ।

ଛନ୍ଦା ବ୍ୟସ୍ତ ହେଲାଭଳି କହିଲା—ନା ଗୀତା ! ବିକାଶବାବୁଙ୍କ ପାଖକୁ ଯାଇ ଲାଭ ନାହିଁ—ବରଂ ମୁଁ ଏଠି ସୁସ୍ଥରେ ଅଛି । ଯଦି ପାର, ଡାକ୍ତର ବାବୁଙ୍କୁ ଡାକି ଆଣିବ ।

ଗୀତା ଚାଲି ଯାଉଥିଲା । ଭରା ଯୌବନରେ ଦେହ ଉଚ୍ଛୁଳି ଉଠୁଛି । ରୂପ ଲାବଣ୍ୟର ଯେପରି ଝର ଫିଟିଯାଇଛି । ଅଥଚ ହୃଦୟ ଭିତରେ ଗୋଟିଏ କରୁଣ ମୂର୍ଚ୍ଛନା ବୁକୁ ବିଦାରି ଦେଉଛି !

ଉପରକୁ ଯାହା ସୁନ୍ଦର ଦିଶେ ଭିତର କଣ ସେଇଆ !

ଛନ୍ଦା ମୁହଁ ତଳକୁ କରି ଖାଲି ଭାବୁଥିଲା । ନିଜକୁ ଗୀତା ସାଙ୍ଗରେ ତୁଳନା କରୁ କରୁ କେତେ କଣ ଭାବି ଯାଉଥିଲା ।

ପଦ୍ମା କାଲଠୁ ଆଉ ଆସିନାହିଁ । ଯଦୁ ପଧାନ ଜନସାଙ୍ଗ ଘରଆଡ଼େ ନାହିଁ । ଅଥଚ ଦୁଇଦିନ ହେଲା ଅବୁଟିଏ ମାଇଁ ଆସି ତରତରିଆ ହୋଇ ଚାଲିଗଲା । ବିକାଶବାବୁଙ୍କୁ ଏବେ ଏକୁଟିଆ ଲାଗୁଛି । ପଦ୍ମା ଆଉ ଯଦୁ ପଧାନର ଉପସ୍ଥିତିରେ ଛନ୍ଦା କଥା ପାଶୋରି ପକାଇବାକୁ ଚେଷ୍ଟା କରୁଥିଲେ । ଏକାକୀ ହେତୁ ଏବେ ସବୁ ମନେ ପଡ଼ୁଛି ।

ନଟିଆ ପାଖଘରେ ନିଶ୍ଚିନ୍ତ ନିଦରେ ଶୋଇଛି । ଶରୀର କ୍ରମେ ଭଲ ହୋଇ ଆସୁଛି ।

ଛନ୍ଦା ବାସ୍ତବିକ ଅତି ସୁନ୍ଦର ଝିଅଟିଏ । ଜନ୍ମୁସ ହୋଇ ଯାଇଥିଲେ ହେଁ ଅବହାଡ଼ୀ ଲୁଆଁଣୀ ଝିଅ ଭଳି ଦିଶେ । ଆଗରେ ପଡ଼ି କଥା କହେ । ଓଠ ଦୁଇଟିରେ ସବୁବେଳେ ମୁକ୍ତି ହସର ଢେଉ । ଆଖି ଡୋଳାରେ ସୁନେଲି ସ୍ୱପ୍ନର ନିଶା । ନାଇଲନ୍ ଶାଢ଼ୀ ଭିତରେ ସମ୍ବଲପୁରୀ ହାତ କଟା ବ୍ଲାଉଜ୍ ଖଣ୍ଡିକ ଚମତ୍କାର ମାନେ । ତାର ଗହଳ ଗଣ୍ଡରେ ରକ୍ତ ଗୋଲାପର ରଙ୍ଗ । ମନ ଭିତରଟା କହଲାଇ ଦିଏ ।

ଅଥଚ ଛନ୍ଦା ଧରା ଦେଲା ନାହିଁ । ପାଖରେ ଥାଇ ମଧ୍ୟ ଯେପରି ଜଣାପଡ଼େ ସେ କେତେ ଦୂରରେ । ଏତେଦିନ, ଏତେରାତି କଟି ଗଲେ ହେଁ ବାନ୍ଧବୀ ହୋଇ ରହିଲା । ପ୍ରିୟା ପଦ ସପନ ।

ବିକାଶବାବୁ ମୁହଁ ବୁଲାଇ ଦେଖିଲେ ଦୁର୍ଗାମଣ୍ଡପରେ ରଙ୍ଗ ବେରଙ୍ଗର ବିଜୁଳି ଆଲୁଅ ଝିଙ୍କେ ଉଠି ଲିଭି ଯାଉଛି । ପିମ୍ପୁଡ଼ି ଧାର ଭଳି ଲୋକ ଛୁଟିଛନ୍ତି । ବୋଧହୁଏ ଡ୍ରାମା ହେବ ନା କଣ !

[ ଉଅଁଠେ

ଓ୍ୱାର୍କସପର ସ୍ୱାଇରନ୍ କାନଫାଟରେ ସିଟି ଦେଲା ।

ବିକାଶବାବୁ ଦେଖିଲେ କେତେବେଳୁ ମୀନାରି ପଚ୍ଛପଟେ ସୂର୍ଯ୍ୟର ରକ୍ତାଭ ରଶ୍ମୀ ଲହଡ଼ା ମାରୁଛି । ବୁର୍ ଲ୍ସପଟେ ଆଲୁଅ ଜଳି ଉଠିଲାଣି । ବିକାଶବାବୁଙ୍କ ମନ ବିଦଗ୍ଧ ହୋଇ ଉଠୁଛି । ଛନ୍ଦା ପାଇଁ ସେ ଅଧୀର ହୋଇ ଉଠିଲେଣି । ଥରଟିଏ ଛନ୍ଦା ଆସନ୍ତାକି ? ମନପୁରାଇ ତାକୁ ଶେଷଥର ପାଇଁ ଦେଖି ନିଅନ୍ତେ । ହୃଦୟର ସବୁ କଥା ଖୋଲି କହନ୍ତେ । ଯଦି ସେ ରାଜି ହୁଅନ୍ତା ପୁନର୍ବିବାହ କରି ସୁଖର ନୀଡ଼ ରଚନା କରନ୍ତେ । ନହେଲେ ଅନ୍ୟ ଫନ୍ଦା—

ଅନ୍ୟ ଫନ୍ଦା ! ସେ ପୁଣି କଣ ?

ଆଖି ଆଗରେ ପଦ୍ମାର ହସିଲା ମୁହଁଟିଏ ନାଚି ଉଠିଲା ।

ଗହଳ ଭୁରୁତଳେ ଗଭୀର ଡୋଳା ଦୁଇଟି କେଡ଼େ ସୁନ୍ଦର ଦେଖାଯାଏ ସତରେ ! ବେଣୀ ତାର କେତେ ମୋଟା ଆଉ ଲମ୍ବା ! ଓଠ ଟୁକୁକରେ ରକ୍ତର ଚମକ । ମନପ୍ରାଣ ଭୁଲେଇ ଦିଏ । ଯଦୁ ପଧାନ କହୁଥିଲା ପଦ୍ମା ପରିତ୍ୟକ୍ତା । ସ୍ୱଚ୍ଛନ୍ଦରେ ଦ୍ୱିତୀୟ ବିବାହ କରି ପାରିବ । ନିଜପାଇଁ ପ୍ରସ୍ତାବ ପକାଇଲେ କେମିତି ହୁଅନ୍ତା ?

ବିକାଶବାବୁଙ୍କ ମନ କୁତୁକି ଉଠିଲା ।

ଯଦୁ ପଧାନ ଆସି ଅଧେ ବାଟରୁ ଡାକିଲା—ବାବୁ ! ଭଲ ଖବରଟିଏ ଅଣିଛି । ନଟିଆ ସଙ୍ଗରେ ନିଶ୍ଚୟ ଯିବେ । ପଦ୍ମାର ନିବନ୍ଧ ଆଜି ହେଉଛି । ଓ୍ୱାର୍କସପ୍ ମେକାନିକ୍ ଗଜେନ୍ଦ୍ର ହାତରେ ତାକୁ ଦେଉଛି । ବିବାହ ଯୋଗ ଦ୍ୱ'ଦନପରେ ଅଛି ।

ବିକାଶବାବୁ ନିଲିପ୍ତ ଭାବରେ ଉତ୍ତର ଦେଲେ—'ପଦ୍ମାର ନିବନ୍ଧ, ଆଉ ମୁଁ ଯିବିନାହିଁ ? ନିଶ୍ଚୟ ଯିବି ମଉସା !

ଯଦୁ ପଧାନ ଖୁସିହୋଇ ଚାଲିଗଲା ।

ନଟିଆ ପଚାରିଲା—କାହାର ନିବନ୍ଧ ବାବୁ ? ଯଦୁଭାଇ କାହାର କଥା କହୁଥିଲା ?

ପଦ୍ମାର ।

ନଟିଆର ମୁହଁ ଶୁଖିଗଲା । କିଛି ନକହି ଚୁପ୍‌ଚାପ ଖଟ ଉପରକୁ ଚାଲି ଗଲା । ବିକାଶ ବାବୁ ପଚାରିଲେ—କିଛି କହିଲୁ ନାହିଁ ନଟିଆ ? ଆମେ ଷରି ଭୋଜିକୁ ଯିବା—ଯଦୁ ପଧାନ ନିମନ୍ତ୍ରଣ କରିଗଲା ।

ଯିବା ବାବୁ ! ନିଶ୍ଚୟ ଯିବା । ଯଦୁ ଭାଇ ଝିଅର ବିବାହ ଭୋଜିକୁ ଯିବା ନାହିଁ ତ ଆଉ କାହାର ଭୋଜିକୁ ଯିବା ? କିନ୍ତୁ ବାବୁ ! ମୁଁ ତ ଯାଇ ପାରୁନାହିଁ । ଆପଣ ଗଲେ ମୋର କାମ ମଧ୍ୟ ଚଳାଇ ଦେବେ ?

ସେ ପୁଣି କଣ ?

ନଟିଆ ମୁଣ୍ଡା ତଳୁ ହାରଟିଏ ଆଣି ବିକାଶ ବାବୁଙ୍କ ହାତରେ ଦେଲା । ସୁନ୍ଦର ହାରଟିଏ । ପଥର ବସା ହୋଇ ଉଜ୍ଜ୍ୱଳ ଦିଶୁଛି । ଶହେ ଟଙ୍କାରୁ କମ ହୋଇ ନଥିବ ।

ଇଏ କଣ ହେବ ?

ସେଇ ପଦ୍ମା ହାତରେ ଦେବେ ବାବୁ ! ମୋର ତରଫରୁ ତାକୁ ଏ ହାରଟାକୁ ଉପହାର ଦେବେ । ନଟିଆ ପୁଣି କହିଲା—'ଅସମୟରେ ମୋତେ ଜର ହେଲା ବାବୁ ! ଭାବିଥିଲି, ଯଦୁଭାଇଙ୍କୁ କୁହାଟୋପାରେ ପଦ୍ମାକୁ ଆମର ବସାକୁ ସବୁ ଦିନ ପାଇଁ ନେଇ ଆସିବି । ସେ ଆସିଥିଲେ ମୁଁ ଛୁଟି ନେଇ ଗାଁକୁ ଯାଇ ଭାଇ ପାଖରେ ରହିଥାନ୍ତି । ଆଉ ମୋର କିଏ ଅଛି ? ଦରମା ପଇସାରୁ ପଦ୍ମା ପାଇଁ ଏ ହାର ଖଣ୍ଡିକ ଗଢ଼ାଇଥିଲି । ଯଦୁଭାଇ ବି ମୋ କାନରେ ଏତକ ପକାଇଲା ନାହିଁ । ତାକୁ ଏକଥା ନିଶ୍ଚୟ ପଚାରିବି ।

ବିକାଶବାବୁ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇଲେ । କହିଲେ—ଯାହା ହେବାର ନୁହେଁ ତାହା କେବେହେଲେ ହେବନି ନଟିଆ !

ନଟିଆ ଖଟ ଉପରେ ପଡ଼ି କର ଲେଉଟାଇଲା ।

[ ସମାପ୍ତ

ଡାକ୍ତର ରାୟ ଆସୁଛନ୍ତି । ନର୍ସ ଗୀତା ପଧାନ ଔଷଧ ବେଗ୍‌ଟି ନେଇ ଡାକ୍ତର ରାୟଙ୍କ ପଛେ ପଛେ ଆସୁଛି । ଛନ୍ଦାଦେବୀ ଝରକା ଉହାଡ଼ରେ ଥାଇ ପିଚ୍‌ଢ଼ଳା ସଡ଼କକୁ ନିରୀକ୍ଷଣ କରୁଁ କରୁଁ ଆବିଷ୍କାର କଲେ ଦୁହିଁଙ୍କୁ । କେଡ଼େ ସୁନ୍ଦର ଦିଶୁଛନ୍ତି ଡାକ୍ତର ରାୟ । ଗୀତା ପଧାନ ମଧ୍ୟ ତାଙ୍କ ସାନ୍ନିଧ୍ୟରେ ଅତି ସୁନ୍ଦର ଦେଖା ଯାଉଛି ।

ଛନ୍ଦା ନିଜ ମନଟିକୁ ଗୀତା ପଧାନ ଭିତରେ ଥୁଇ ଦେଇ ଅନୁଭବ କଲା ସତେ ଯେମିତି ସେ ଡାକ୍ତର ରାୟଙ୍କୁ ନିଜର କରି ପାଇଛି । ଦୁହେଁ ହସ ଖୁସି ହୋଇ ବୁଲୁଛନ୍ତି । ମନ ଭିତରେ ଅଜଣା ଉଚ୍ଛ୍ୱାସର ଫୁଆରା । ପୁଣି ବର୍ତ୍ତମାନ ପରିସ୍ଥିତିକୁ ମନେ ପକାଇ ଈର୍ଷାନ୍ୱିତ ହେଲା ଛନ୍ଦା । କେଡ଼େ ସୁନ୍ଦର ଏହି ନର୍ସ ଜୀବନ । ବାଧା ନାହିଁ କି ବଂଧନ ନାହିଁ । ମନଇଚ୍ଛା ମଉଜ ।

ଛନ୍ଦା ମନରେ ଅତୀତର ସେହି ମାୟାବୋଳା ସଂଧ୍ୟା ଆସି ଛୁଇଁଲା ହେଲା । ଛନ୍ଦା ଚଂଚଳ ହୋଇ ଉଠିଲା । ତାର ଚିନ୍ତା ଜର୍ଜର ମନ ଭିତରେ ଗୋଟିଏ ଚମକ ଖେଳିଗଲା ।

ଏକାଲକ୍ଷ୍ୟରେ ଅନାଇଲା ଡାକ୍ତର ରାୟଙ୍କୁ । ବସା ପାଖକୁ ପାଖେଇ ଆସିଲେଣି । ଆଖିରେ ଖାଲି ରାୟବାବୁ ବ୍ୟତୀତ ଆଉ କେହି ଦିଶିଲେ ନାହିଁ । ଏତେବଡ଼ ଦୁନିଆରେ ସତେ ଯେମିତି ଅଛନ୍ତି ତାର ଅତିପ୍ରିୟ ଡାକ୍ତର ଆଉ ସେ ନିଜେ । ଆଉ ସମସ୍ତେ କୁହୁଡ଼ି ଭଳି ଅସ୍ପଷ୍ଟ ।

ଛନ୍ଦା ହଠାତ୍ ଯାଇ ତାର ଫୁଲପକା ରଙ୍ଗ ସେମିଜ୍ ଖଣ୍ଡି ବଦଳାଇ ନେଲା । କାନ ପାଖର ଅଲରା ବାଳ କେରାକୁ କାନ ମୂଳକୁ ଭିଡ଼ିନେଇ ବେଣୀ ଦେହରେ ଜଡ଼ାଇ ଦେଲା । ମୁହଁଟିକୁ ପଣତ ଦେଇକରି ଆସ୍ତେ କରି ପୋଛି ନେଲା । କବାଟ ପାଖକୁ ଯାଇ କଣ ଭାବି ଫେରି ଆସି ବିଛଣା ଉପରେ ପଡ଼ିଗଲା ।

ଗୀତା ଆସି ଚୌକି ଭିଡ଼ିନେଇ ଡାକ୍ତର ରାୟଙ୍କୁ ବସିବାକୁ ଦେଲା । ଡାକ୍ତର ରାୟ ଘରଭିତରକୁ ପଶିଆସି ଚୌକି ଉପରେ ବସି ପଡ଼ିଲେ ।

ଛନ୍ଦା ବିଛଣାରୁ ଉଠିପଡ଼ି ଡାକ୍ତର ରାୟଙ୍କୁ ନମସ୍କାର କଲାବେଳେ ସେ ତାକୁ ଉଠିବାକୁ ମନାକଲେ । ଛନ୍ଦା ରୋଗୀଟି ଭଳି ବିଛଣାରେ ପଡ଼ି ରହି ଡାକ୍ତର ରାୟଙ୍କ ମୁହଁକୁ ତୃଷିତ ନୟନରେ ଚାହିଁ ରହିଥିଲା ।

ଗୀତା ପଧାନ ଚା’ ଜଳଖିଆର ବନ୍ଦୋବସ୍ତ କରିବା ସକାଶେ ଉଠି ପଡ଼ିଲା । ଡାକ୍ତର ରାୟଙ୍କୁ କହିଲା, ଚା’ ଆଣେ !

ଛନ୍ଦା ଗୀତାକୁ ମନେ ମନେ ଧନ୍ୟବାଦ ଦେଲା । ସେ ତ ଚାହିଁଥିଲା ଡାକ୍ତର ରାୟଙ୍କର ନିର୍ଜନ ସାନ୍ନିଧ୍ୟ ।

କିନ୍ତୁ ରାୟବାବୁ ଗୀତା ପଧାନକୁ ଛାଡ଼ିବାକୁ ମୋଟେ ପ୍ରସ୍ତୁତ ନ ଥିଲେ । କହିଲେ—ଏବେ ତ ଜଳଖିଆ କରି ଆସିଛି, ଚା’ର ଦରକାର ପଡ଼ିବ ନାହିଁ ।

ଗୀତା ପଧାନ ସେ କଥାରେ କାନ ନ ଦେଇ ଘରୁ ବାହାରିଗଲା ।

ଛନ୍ଦାର ମନ ଭିତରେ ଅଜସ୍ର ଭାବନାର ଖିଅ । କେତେକଥା କହିବ ବୋଲି ଭାବୁଛି ଅଥଚ କହି ପାରୁନାହିଁ । କଣ୍ଠତଳେ ଭାଷା ଆସି ଅଟକି ଯାଉଛି । କଣ କହି କଥାଟାକୁ ଆରମ୍ଭ କରିବ ବୋଲି ଭାବି ହେଉନି ।

ଡାକ୍ତର ରାୟ କିଛିହେଲେ କହୁ ନାହାନ୍ତି । ତାର ସମସ୍ତ ସ୍ୱପ୍ନ, ସମସ୍ତ ଅଭିଳାଷ ଓ ଜୀବନର ଅଭିବ୍ୟକ୍ତି ଏହି ଡାକ୍ତରଟି ! ତାଙ୍କୁ ହିଁ ପାଇବାକୁ ଛନ୍ଦା ଆଜି ପାଗଳିନୀ ।

ଶେଷକୁ ଡାକ୍ତର ରାୟ କଥା କହିଲେ । ଛନ୍ଦାର ନାଡ଼ି ପରୀକ୍ଷା କରିବାକୁ ହାତ ମାଗିଲେ ।

[ ଅସମ୍ପୂର୍ଣ୍ଣ

ଛନ୍ଦା ବାଧ ଶିଶୁଟି ଭଳି ହାତଟି ଆଗେଇ ବଢ଼ାଇ ଦେଲା । ଡାକ୍ତର ଘଣ୍ଟାକୁ ଚାହିଁ ନାଡ଼ୀର ଗତି ପରୀକ୍ଷା କଲେ ।

ଡାକ୍ତର ରାୟଙ୍କ ସ୍ୱପ୍ନିଲ ସ୍ପର୍ଶ ଛନ୍ଦା ଆଖିରେ ତନ୍ଦ୍ରା ସୃଷ୍ଟିକଲା । ଛନ୍ଦା ଶୋଇ ଶୋଇ ତାଙ୍କର ସ୍ପର୍ଶକୁ ମନଭରି ଉପଭୋଗ କଲା ।

ତମର କଣ ହୋଇଛି ଛନ୍ଦା ? ଡାକ୍ତର ରାୟ ପଚାରିଲେ ।

ଆପଣ କଣ ଜାଣିପାରୁ ନାହାନ୍ତି·········

ନ କହିଲେ କିପରି ଜାଣି ହେବ ?

ସବୁକଥା କଣ କହିହେବାକୁ ହୁଏ ?

ଡାକ୍ତର ରାୟ କଥାର ମୋଡ଼ ବଦଳାଇବାକୁ ପଚାରିଲେ— କେତେଦିନ ହେଲା ଜର ହେଲାଣି ?

ନାହିଁ—ମୋତେ ମୋଟେ ତ ଜର ହୋଇନି ।

ତେବେ ପୀଡ଼ା·········

ହଁ ପୀଡ଼ା ଆପଣଙ୍କୁ ମିଛ କହୁଛି । ଛନ୍ଦା ସ୍ପଷ୍ଟ ଗଳାରେ କହିଲା ।

ତେବେ କଣ ହୋଇଛି ସତରେ ?

ଆପଣଙ୍କୁ କହିଲେ କଣ ଭଲ କରି ଦେଇ ପାରିବେ ?

ଦେଖିବି ଚେଷ୍ଟାକରି । ଔଷଧ ତ ବେଗ୍‌ରେ ଆଣିଛି । ଯଦି ଦରକାର ପଡ଼େ ଇଞ୍ଜେକ୍‌ସନ ବି ଅଛି ।

ସେ ଔଷଧରେ କଣ ମୁଁ ଭଲ ହୋଇ ପାରିବି ?

ନହେଲେ ବଜାରରୁ ଆଣିବାକୁ ହେବ······

କିନ୍ତୁ ବଜାରରେ ମଧ ତାହା ମିଳିବନି ଡାକ୍ତରବାବୁ ! ତୁହନୁ ଯଦି ଦେବେ ତା'ହେଲେ ମାଗିବି ।

ଆପଣଙ୍କୁ ମାଗିବାକୁ ହେବନାହିଁ । ରୋଗର ଲକ୍ଷଣ କହିଲେ ମୁଁ ଔଷଧ ବାଛି ଖାଇବାକୁ ଦେବି ।

ଛନ୍ଦା ଅଳ୍ପ ହସିଲା । ଭାବିଲା କେଡ଼େ ବୋକା ଏହି ମୁକୁଟ ଲାଗିଥା ସତରେ ! ନାରୀର ମନକୁ ଚିହ୍ନିବାକୁ କେତେ ବିଳମ୍ବ ହେଉଛି । ତଥାପି

ସବୁଜ ]

ସମସ୍ତ ସଙ୍କୋଚ ଛାଡ଼ି ଦେଇ ସେ କହି ବସିଲା—'ମନ ଖାଲି ଜଳୁଛି ଡାକ୍ତରବାବୁ !

ଦେହ ଭଲ ନ ଥିଲେ ମନ ସେମିତି ହୁଏ । ଦେହ ସଙ୍ଗେ ମନର ସମ୍ପର୍କ ଅଛି ଜନା ! ଡାକ୍ତର ରାୟ କହିଲେ ।

ମନଟା ଖୋଲି ଖୋଲି ଲାଗୁଛି ।

ବିକାଶବାବୁଙ୍କ ମୁହଁରେ ମଧ୍ୟ ସେହି ଭାବ ଦେଖିଲି । ନଦୀଆ ଜଳରେ ପଡ଼ିଥିଲି, ଯାଇଥିଲି । ଆପଣଙ୍କ କଥା କେହି କହି ପାରିଲେ ନାହିଁ । ଆପଣ ଶୀଘ୍ର ସେଠାକୁ ଫେରିଯିବା ଉଚିତ ।

ଛନ୍ଦା ମର୍ମାହତ ହେଲା । କହିଲା, ଡାକ୍ତରବାବୁ ! ଆପଣ ଜଣେ ମୋତେ ଆଉଥରେ ସେହି ଘୃଣ୍ୟ ପରିବେଶକୁ ଛାଡ଼ି ଦେବାକୁ ଚାହାନ୍ତି ? ଆପଣଙ୍କ ମନ ଭିତରେ ମୋ' ପାଇଁ କ'ଣ କ୍ଷଣିକୁଏ ହେଲେ ଦୟା ନାହିଁ ? ବିକାଶବାବୁ ମୋର କେହି ନୁହନ୍ତି ଡାକ୍ତରବାବୁ । ଏକଥା ଆପଣଙ୍କ ଅତୀତରେ ମଧ୍ୟ ଅନେକଥର କହିଛି । ଆଜି ଆଉଥରେ ତାର ପୁନରାବୃତ୍ତି କାହିଁକି ?

ଡାକ୍ତରବାବୁ ଦେଖିଲେ ଛନ୍ଦାର କଣ୍ଠ କାତର ହୋଇ ଆସୁଛି । ସେ ଆଘାତ ପାଇଛି ବୋଧହୁଏ ।

ଛନ୍ଦାର ଏହି ବିଦଗ୍ଧ ମୁଖମଣ୍ଡଳକୁ ନିରୀକ୍ଷଣ କରୁ କରୁ କହିଲେ—କିନ୍ତୁ ଆପଣଙ୍କର ଉଚିତ ଆଉ ଭଲ ପାଇଁ କହୁଛି । ଖରାପ ଭାବିଲେ କ୍ଷମା ଦେବେ ।

ଡାକ୍ତରବାବୁଙ୍କର ନରମ କଥାରେ ଛନ୍ଦା ଉତ୍ତେଜିତ ହୋଇ ଉଠିଲା । ଖଟ ଉପରେ ବସି ଡାକ୍ତରବାବୁଙ୍କର ହାତଧରି ହଠାତ୍ କହିଲା—ଉଚିତ ଅନୁଚିତର ପ୍ରଶ୍ନ ନାହିଁ ଡାକ୍ତର ରାୟ ! ସେହି ଅତୀତ ସ୍ମୃତିକୁ ଆଖି ଆଗରେ ରଖି ଅନେକ କଥା ଭାବି ଯାଉଛି । କୂଳ କିନାରା ପାଉନାହିଁ । କେବଳ ଆପଣହିଁ ମନେ ପଡ଼ନ୍ତି । ନାରୀ ମୁଁ । ତଥାପି ଆଜି ନିର୍ଲଜ୍ଜ ଭାବରେ କହୁଛି ଡାକ୍ତର ରାୟ, ଆପଣଙ୍କୁ ମୁଁ ଭଲପାଏ । ସବୁଠୁ ଆପଣ ଅଧିକ ପ୍ରିୟ—

[ ଏକତ୍ରିଶ

ମୋ ଜୀବନଠୁ ମଧ୍ୟ । ଆପଣହିଁ ମୋ ମନର ମଣିଷ । ବୁଝନ୍ତୁ, ମୋତେ ସବୁଦିନ ପାଇଁ ଆଶ୍ରୟ ଦେବେ ତ.........

ଡାକ୍ତର ରାୟ ହାତ ଛଡ଼ାଇ ଗମ୍ଭୀର ହୋଇ ଉଠିଲେ । କହିଲେ, ଅତୀତ ପାଇଁ ମୁଁ ଅନୁତପ୍ତ ଛନ୍ଦାଦେବୀ ! ଆପଣଙ୍କ ନିକଟରୁ କ୍ଷମା ଚାହେଁ—

କିନ୍ତୁ ଆପଣ ତ କୌଣସି ଦୋଷ କରି ନାହାନ୍ତି । ବରଂ ନିଜ ଇଚ୍ଛାରେ ମୁଁ ଆପଣଙ୍କୁ ଧରା ଦେଇଛି ।

ତା' କଣ ଦୋଷାବହ ଛନ୍ଦାଦେବୀ ? ଯାହାକୁ ଆପଣାର କରିବାର ଇଚ୍ଛାନାହିଁ, ମୁହୂର୍ତ୍ତିକ ପାଇଁ ହେଲେ ବି' କଣ ତାକୁ ଗ୍ରହଣ କରିବା ବାଞ୍ଛନୀୟ ? ଛନ୍ଦା ମନେ ମନେ କ୍ଷୁଣ୍ଣହେଲା । ସେ ନୀରବରେ ଡାକ୍ତର ବାବୁଙ୍କୁ ଅନେଇ ଥାଏ । ଡାକ୍ତର ରାୟ କହିଲେ—ଆପଣଙ୍କ ଆଗରେ ଦୋଷ ସ୍ୱୀକାର କରିବା ସକାଶେ ଉପାୟ ଖୋଜୁଥିଲି । ଭାଗ୍ୟକୁ ଆଜି ଗୀତା ପ୍ରଧାନ ମୁହଁରୁ ଆପଣ ପୀଡ଼ିତ ଥିବାର ଖବର ପାଇଲି । ମୋର ଆସିବାର ପ୍ରଧାନ ଉଦ୍ଦେଶ୍ୟ ହେଲା ଆପଣଙ୍କ ନିକଟରୁ କ୍ଷମା ମଗିବା ।

କିନ୍ତୁ ଆପଣ ତ ମୋତେ ସେଦିନ ଅଭୟ ଦେଇ କହିଥିଲେ ମୋ ସବୁମତେ ସାହାଯ୍ୟ କରିବେ—

ହଁ ଛନ୍ଦା ଦେବୀ ! ଆପଣଙ୍କର ଭଲପାଇଁ ସବୁବେଳେ ଆଉ ସବୁମତେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି । କ୍ଷଣିକ ଲାଳସାର ବଶବର୍ତ୍ତୀ ହୋଇ ମୁଁ ଯେଉଁ ବିଭତ୍ସ କାଣ୍ଡ କରିଗଲି ସେଥିପାଇଁ ବିଶେଷ ଅନୁତପ୍ତ । ଡାକ୍ତରୀ ବ୍ୟବସାୟ ମୋର । ଏକୁଟିଆ ଜୀବନଯାପନ କଲେ କେତେବେଳେ କେଉଁ କଥା ଘଟି ଯାଇପାରେ ଭାବି ମନେ ମନେ ଠିକଣା କରିଛି ବାପାଙ୍କ କଥାରେ ରାଜି ହୋଇ ବିବାହ କରିବି । ବାପା କନ୍ୟାଟିଏ ଠିକଣା କରିଛନ୍ତି ।

ଛନ୍ଦା କ୍ଳାନ୍ତ ହୋଇ ବିଛଣାରେ ପଡ଼ିଗଲା । କରୁଣ କଣ୍ଠରେ କହିଲା —ତେବେ ମୁଁ କଣ ଏତେ ଦିନ ମରୀଚିକା ପଛରେ ଗୋଡ଼ାଇ ଥିଲି ଡାକ୍ତରବାବୁ ?

ଡାକ୍ତର ବାବୁ ଦୃଢ଼ ଭାବରେ ଉତ୍ତର ଦେଲେ—'ମରୀଚିକା ନୁହେଁ ତ ଆଉ କଣ ? ଦୀର୍ଘ ସାତବର୍ଷ ଧରି ବିକାଶ ବାବୁଙ୍କ ପାଖରେ ଏକାଠି ରହି ମଧ୍ୟ ତାଙ୍କୁ ଚିହ୍ନି ପାରିଲ ନାହିଁ । ଅତି ସରଳ ଲୋକ ସିଏ । ପାଣିଧାର ପରି ସୁଶୀତଳ । ପାଣି ପାଖରେ ଥାଇ ଆପଣ ତୃଷାର୍ତ୍ତ ହେବା ଯେପରି ଅବାସ୍ତବ ମୃଗତୃଷ୍ଣା ପଛରେ ଧାଇଁବା ସେଇପରି ଅବିବେକୀତା ।'

ଡାକ୍ତର ବାବୁ ଗୀତାକୁ ଅପେକ୍ଷା ନ କରି ଚାଲି ଯାଉଁ ଯାଉଁ କହିଲେ, ଗୀତା ପଧାନଙ୍କୁ କହିବେ ମୁଁ ରୋଗର ପ୍ରକୃତ ଔଷଧ ଦେଇଗଲି । ତାଙ୍କୁ ଅପେକ୍ଷା କରି ପାରୁ ନଥିବା ହେତୁ ବିଶେଷ ଦୁଃଖିତ ।

ଗୀତା ପଧାନ କବାଟ ପାଖରେ ପହଞ୍ଚି ସାରିଥିଲା । କହିଲା, କି ଔଷଧ ଦେଲେ ?

ଡାକ୍ତର ବାବୁ ହସିଲେ । କହିଲେ, ଠିକ୍ ସମୟରେ ପହଞ୍ଚି ଗଲ । ଅନେକ ଦିନ ଆୟୁ ତମର । ଛନ୍ଦା ଦେବୀଙ୍କର ଔଷଧ ମୁଁ ଦେଇ ସାରିଛି । ସେ ଏହି ଦିନେ ଅଧେ ଭିତରେ ଭଲ ହୋଇଯାଇ ପାରନ୍ତି । ତାଙ୍କୁ ଶୀଘ୍ର ବିକାଶ ବାବୁଙ୍କ ନିକଟକୁ ପହଞ୍ଚାଇ ଦେବାର ଚେଷ୍ଟା କରିବ ।

ଗୀତା ପଧାନ ପଚାରିଲା—କାହିଁକି ?

ଏ ରୋଗୀର ଦାୟିତ୍ୱ ଅନେକ । ତମେ ତୁଲେଇ ପାରିବ ନାହିଁ । ଛନ୍ଦା ଦେବୀଙ୍କୁ ପଚାରିବ ।

ଡାକ୍ତର ବାବୁ ଚାକପଟି ତରତରରେ ସାରିଦେଇ ଯେମିତି ଆସିଥିଲେ ସେମିତି ଚାଲିଗଲେ । ପଛକୁ ବୁଲି ଅନାଇଲେ ନାହିଁ ।

ଛନ୍ଦା ତକିଆରେ ମୁହଁମାଡ଼ି କାନ୍ଦିବାକୁ ଲାଗିଲା—

ଓ୍ୱାର୍କସପ୍‌ରେ ସାଇରନ୍ ବାଜୁଛି । ବସିର ପ୍ରଥମ ସିଫ୍‌ଟିଂ ଶେଷ ହେଲା ବୋଧହୁଏ । ଦୁଇଚାରିଟା କୁକୁର ଝୁବ୍ ଜୋରରେ ରଡ଼ି ଛାଡ଼ିଲେ । ପଥର ବୁହା ଟ୍ରକ୍ ଗୋଟିଏ କାନଫଟା ଆବାଜ ଛାଡ଼ି ଚାଲିଗଲା ।

ନର୍ସ ଗୀତା ପଧାନ ଛନ୍ଦାକୁ ବୁଲି ଯିବାକୁ ଡାକିଲା । ଛନ୍ଦା ମନା କରିବାରୁ ଏକୁଟିଆ ଛତା ଖଣ୍ଡିକ ନେଇ ଚାଲିଗଲା ସେ ।

[ କ୍ରମଶଃ

କୃଷ୍ଣପକ୍ଷର ଦଶମୀ ରାତି ସ୍ୱଚ୍ଛନ୍ଦ ଭୂଇଁକୁ ଛୁଇଁ ପାରୁନି । ରାସ୍ତାସାରା ବିଜୁଳି ବତୀର ତୋଫା ଆଲୁଅ ଲହଡ଼ା ଭାଙ୍ଗୁଛି । ବଜାର ଅତି ସୁନ୍ଦର ଦିଶୁଛି । ଦିନ ଅପେକ୍ଷା ରାତି ଆହୁରି ଆକର୍ଷଣୀୟ ହୋଇ ଉଠିଛି । ତାରି ମଧ୍ୟରେ ମାନ୍ଦ୍ରାଜ ଲଳନାର କୁସୁମ ସଜ୍ଜା, ପଞ୍ଜାବ କୁମାରୀର ରଂଗୀନ୍ ସେଲ୍‌ଓ୍ୱାର ଆଉ ବଙ୍ଗ କନ୍ୟାର ଦାମିକା ପୋଷାକ ସ୍ୱଚ୍ଛନ୍ଦ ବଜାରରେ ସ୍ୱପ୍ନର ସଞ୍ଚାର କରୁଛି । ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଭାରତବର୍ଷର ପ୍ରାୟ ପ୍ରତ୍ୟେକ ଦେଶର ପ୍ରତିନିଧି ବିଭିନ୍ନ ପରିଚ୍ଛଦରେ ବୁଲି ବାହାରିଛନ୍ତି । ଜଣେ ଆଉ ଜଣକ କଥା ବୁଝି ପାରୁନି—ଅଥଚ ଏକା ଗାଁର ବୋଲି ପରିଚୟ ଅଛି । କେହି କାହାକୁ ଡାକି କଥା କହୁନାହିଁ—ଅଥଚ ଆଖିରେ ଆହ୍ୱାନର ସଙ୍କେତ ଅଛି । ଜଣେ ଆଉ ଜଣକୁ ନଜାଣିଲା ଭଳି ପଛରେ ପକାଇ ଦେଇ ଆଗକୁ ମାଡ଼ି ଯାଉଛି ।

ଗୀତା ପଧାନ କାଠ କାଟି ଏହି ଅଦ୍ଭୁତ ଲୋକ ଗହଳି ଭିତରେ ପଶି ନିଜକୁ ହଜାଇ ଦେଲା ।

ଛନ୍ଦା ଶୋଇ ଶୋଇ ଭାବୁଥିଲା—ଭାଗ୍ୟ ତାର କେଡ଼େ ନିଜନ । ଯେଉଁ ଡାଳକୁ ଧରୁଛି ଛିଣ୍ଡି ଯାଉଛି । ଡାକ୍ତର ରାୟଙ୍କୁ କେତେ ଆଶା କରି ନ ଥିଲା ସେ ! ତାର ସମସ୍ତ ମନ, ସ୍ୱପ୍ନ ଆଉ ଅଭିଳାଷକୁ ଏକାଠି କରି ତାଙ୍କରି କଥା ହିଁ ଭାବୁଥିଲା । କିନ୍ତୁ ଯୁବତୀର କଠୋର ଅଧରର ମୋହ ତାଙ୍କୁ ଟିକେ ହେଲେ ଆକୃଷ୍ଟ କଲାନି । ଛନ୍ଦାର ମନ ବିବର୍ଣ୍ଣ ହୋଇ ଉଠିଲା ।

ଅଲକ୍ଷ୍ୟରେ ମନେ ପଡ଼ିଲେ ବିକାଶବାବୁ ! ଆଖିରେ ତାଙ୍କର ମମତାର ଝିଅ, ଭାଷାରେ ଖାଲି ସ୍ୱପ୍ନର ନିଶା । କିନ୍ତୁ ସେ କି ସମ୍ଭବ ! ଛାଡ଼ିଲା ଜାଗାକୁ ଲେଉଟି ଯିବ ଆଉ ଥରେ ?

ଗୋପାଳବାବୁଙ୍କ ରଙ୍ଗୀନ୍ ଆଖି ଦୁଇଟି ନାଚି ଉଠିଲା । ଛନ୍ଦା ଚାଦର ଘୋଡ଼ି ହୋଇ ଶୋଇବାକୁ ଚେଷ୍ଟାକଲା ।

ଛନ୍ଦାର ନିଦ ଭାଙ୍ଗିଲା ବେଳକୁ ଦିନ ନ'ଟା । ହୋଟେଲ୍‌ ବୟ ଚା' ଜଳଖିଆ ନେଇ କବାଟ ପାଖରେ ଛିଡ଼ା ହୋଇଛି । ଗୀତା ସଧାନ ବାଡ଼ି ଅଗଣାର କୃଷ୍ଣଚୂଡ଼ା ମୂଳରେ ପାଣି ଢାଳୁଛି ।

ସଡ଼କ ଉପରେ ବିକଟାଳ ରଡ଼ି ଛାଡ଼ି ଟ୍ରାକ୍‌ଟର ଗୋଟିଏ ଚାଲିଗଲା । ସଡ଼କର ନାଲି ଧୂଳି ପବନ ଦେହରେ ମିଶିଯାଇ ବାୟୁମଣ୍ଡଳକୁ ଧୂସର କରି ପକାଇଛି । ଛନ୍ଦା ଉଠି ସକାଳୁଆ ନିତ୍ୟକର୍ମ ସାରି ଦାନ୍ତ ଘଷିବାରେ ମନ ଦେଲା । ବାରଣ୍ଡା ତଳୁ ପାଣି ଖସି ଲଜକୁଳୀ ଗଛର ପତ୍ରସବୁ ଝାଉଁଳି ଗଲାଣି ।

ଗୀତା ସେଇ ଗଛମୂଳୁ କହିଲା—ଶୁଣିଛ ଛନ୍ଦାଦେଈ ! ମୋର ସାର୍କୁଦକୁ ବଦଳି ହୋଇ ଯାଉଛି ।

ଛନ୍ଦାର ଶଭଟେଛିଲା ଖଣ୍ଡିକ ହାତମୁଠାରୁ ହଠାତ୍‌ ଖସି ପଡ଼ିଲା । ସିମେଣ୍ଟ ଚଟାଣ ଉପରେ ପଡ଼ି ଝନ୍‌ଝାନ୍‌ ଶବ୍ଦ ସୃଷ୍ଟି କଲା । ଛନ୍ଦାର ଛାତି ଭିତରଟା ଥରି ଉଠିଲା ବୋଧହୁଏ ।

ଚଞ୍ଚଳ କାମସାରି ସାମନା ଘରକୁ ଉଠିଆସି ଗୀତାକୁ ତାଙ୍କ ତା'ଠୁ ବଦଳିର ସମସ୍ତ କଥା ପଚାରିଲା । ଗୀତା କହିଲା, ଏବେ ବୁଝିଲ, ଗୋପାଳ ବାବୁଙ୍କର ଏସବୁ କାଣ୍ଡ । ମୋର ଉପସ୍ଥିତି ବୋଧହୁଏ ଆଉ ସହ୍ୟ କରି ପାରିଲେ ନାହିଁ । ତାଙ୍କର ଇଚ୍ଛା ମୁତାବକ ଯଦି ତାଙ୍କ ମନକୁ ମନାଇ ପାରିଥାନ୍ତି ତେବେ ଏସବୁ ହୋଇ ନ ଥାନ୍ତା । ତା' ପରେ ସେଦିନ ଆଖି

ଆଗରେ ଧରା ପଡ଼ିଗଲେ କନା !- ସେଇଥିପାଇଁ ଏ ସୂକ୍ଷ୍ମ ଷଡ଼ଯନ୍ତ୍ର । କିନ୍ତୁ କଣ କରିବେ ମୋର ? ଢେଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟିବା କଥା । ଗୃହବନ୍ଦୀ କରି ଜାଗା ବାଛିଥିଲେ ବା' କ ଲାଭ । ମୋର ତ ଏଇଠି ଯାହା ଆଉ କୁଆଡ଼େ ଗଲେ ମଧ୍ୟ ସେଇଆ । ବରଂ ଏହି ନଷ୍ଟ ହାରାମଜାଦର ଆବର୍ଜନା ଭିତରୁ ରକ୍ଷା ମିଳିବ !'

ଛନ୍ଦା କରୁଣ କଣ୍ଠରେ କହିଲା—ତା'ହାହେଲେ ମୋ'ର ସବ'ଶେ ଏସବୁ ହେଲା ସିନା !

'ତୁମପାଇଁ କ'ଣ, ଆଉ କାହାପାଇଁ ହେଲେ ମଧ୍ୟ ମୁଁ ସେହି ଗୋପାଳବାବୁକୁ ଛାଡ଼ି ନ ଥାନ୍ତି । ଖାଲି ତାକୁ ନାକରେ କନ୍ଦାଇବା ପାଇଁ ତାର ଅଜାଣତରେ ବସା ଗୃହପାଖେ ବୁଲି ନଜର ରଖିଥାଏଁ । ମୋର ଯୋଗୁଁ କେତେ ଶୀକାର ତାର ନଷ୍ଟ ହୋଇଛି । ସେଦିନ ଗୋଟିଏ ଜରୁରୀ କେସ୍‌ରେ ଡାକ୍ତରବାବୁଙ୍କ ସାଙ୍ଗରେ ଜଣେ ଏସ୍. ଡ଼ି. ଓ. ଙ୍କ ଘରକୁ ଯାଇଥିଲି । ଡ କ୍ତରବାବୁ ରୋଗୀ ପାଖରେ ରହି ମୋତେ କହିଲେ ତୁମକୁ ଏହି ଗୋପାଳବାବୁଙ୍କ ବଙ୍ଗଳାରୁ ନେଇ ତୁମ ବସାରେ ପହଞ୍ଚାଇ ଦେବାକୁ । ଆସି ଦେଖିଲି, ଦୁଷ୍ଟ ପାଲି ଲଗାଇଛି । ଭାଗ୍ୟକୁ ଦୁଆର ଖୋଲାଥିଲା । ସେଦିନୁ ଟିକିଏ ମନାନ୍ତର ହେଲା । ଅନେକ ଲୋଭ ଦେଖାଇ କଥାକୁ ଗୁପ୍ତ ନେଇ ମୋତେ ନିଜ ଆଡ଼କୁ ଆଉଜାଇ ନେବାକୁ ଚେଷ୍ଟାକଲା । କିନ୍ତୁ ପାରିଲାନାହିଁ ବୋଲି—

କିନ୍ତୁ ସିଏ କିଭଳି ଏହି ପରିବର୍ତ୍ତିନ ଆଦେଶ ଭିତରକୁ ପଶିଲା— ତା' ବୁଝିହଉ ନାହିଁ । ଛନ୍ଦା ପଗ୍ଚରିଲା ଆଖିରେ ଗୃହିଁଲା ।

ଗୀତା କହିଲା—ଉତ୍ତର ଅତି ସହଜ । ମାଷ୍ଟରାଣୀ ଯଶୋଧାରା ଦେବୀଙ୍କର ସେ ବର୍ତ୍ତମାନ ପ୍ରଣୟ-ପ୍ରାର୍ଥୀ । ଆଉ ମାଷ୍ଟରାଣୀ ଯଶୋଧାରା ଦେବୀଙ୍କର ଏହି କଲେଜ ଭିତରେ ବଡ଼ ବଡ଼ଆଙ୍କ ଭିତରୁ କିଏ ଯେ' ପ୍ରେମିକ ନୁହେ ସେକଥା କହି ହବନ । ଅଭିଳାଷକୁ କିଏ ବ୍ୟକ୍ତ କରିଛି ତ' କିଏ ବ୍ୟକ୍ତ କରିବାକୁ ମନେ ମନେ ସମୟ ଖୋଜୁଛି । ସୁବିଧା ପାଇଲେ

ଛନ୍ଦର )

ହେଲା । ରୂପ ଅଛି ବୟସ ସାଙ୍ଗକୁ । ପାଠ ପଢ଼ି ଶିକ୍ଷିତା ହୋଇଛି । ତେଣୁ ସମସ୍ତ ଅସମ୍ଭବ ସମ୍ଭବ କରାଇ ପାରୁଛି । କେତେ ଶିକ୍ଷିତ ବେକାର ତା' ସହାୟରେ ଚାକିରୀ ପାଇଗଲେଣି । ପୁଣି ତାର ଅନୁମୋଦନରେ କେତେ ସ୍ଥାନାନ୍ତର ମଧ୍ୟ ହେଲେଣି । ବୋଧହୁଏ ଗୋପାଳବାବୁ ଏହାଙ୍କୁ ଧରି ଉପର ମହଲରେ ମୋର ପରିବର୍ତ୍ତନ ପାଇଁ ଚାପ ପକାଇ ଥିବେ— !

ଛନ୍ଦା କରୁଣ ହୋଇ ଉଠିଛି । କହିଲା—ମୁଁ ତେବେ କଣ କରିବି ଗୀତା ?

କବାଟ ଖୋଲିଥିଲା । ବୃଦ୍ଧ ଯଦୁ ପଧାନ ବସା ଭିତରକୁ ପଶୁ ପଶୁ କହିଲା—ତୋତେ କିଛି ହେଲେ କରିବାକୁ ହେବନାହିଁ ଝିଅ ! ମୁଁ ସବୁ ଯୋଗାଡ଼ କରିବି । ତା'ପରେ ଗୀତା ଆଉ ଛନ୍ଦା ତାକୁ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଚାହିଁ ରହିଥିବା ଦେଖି କହିଲା, ତମେ ସବୁ ଏଡ଼ୁଟାଏ ମାନ ହେଲ ତଥାପି ଟିକିଏ ଅକଲ ନାହିଁ । ଗୀତା ଉଦ୍ଦେଶ୍ୟରେ କହିଲା—ତାକୁ ଟିକିଏ ବୁଝାଇ ଦେଲନ୍ତୁ ଝିଅ ! ଘରଛାଡ଼ି, ଦ୍ୱାରଛାଡ଼ି ଏଠି ସେଠି ହୋଇ ଧାର ଚିନ୍ତା କରି କେତେ ଅବସ୍ଥା ହେଲାଣି । ତେଣେ ବିକାଶ ନ ଖାଇ ନ ପିଇ ବାୟା ହେବା ଉପରେ । ନଟିଆ ତ' ମରୁ ମରୁ ବଞ୍ଚିଲା । କିନ୍ତୁ ଏତେକ ହୋଇ ମଧ୍ୟ ଅଭିମାନ କରି ଛନ୍ଦା ବସାକୁ ଫେରୁ ନାହିଁ ।

ମୁଁ ଯେତେ କହିଲେ କଣ ସେ ମାନୁଛନ୍ତି ? ଗୀତା ଉତ୍ତର ଦେଲା ।

ମାନିବ ନାହିଁ ? ବିକାଶ ମଧ୍ୟ ସେଇଆ କହୁଥିଲା । ଛନ୍ଦା ଭୂଆଡ଼େ ଭାରୀ ଅଭିମାନିନୀ । ସହଜରେ କଥା ଶୁଣେ ନାହିଁ କି ମାନେ ନାହିଁ । ଯାହା ବୁଝିଥିବ ସେଇଆ । ତେଣୁ ମୋତେ ଏଠାକୁ ଆସିଲେ ଅପମାନ ହୋଇ ପାରେ ବୋଲି ଛାଡ଼ୁ ନଥିଲା । କେତେ କହିଲାରୁ ସାତ ହଜାର ଟଙ୍କାର ଚେକ୍ ଖଣ୍ଡିଏ ଦେଇ ଛାଡ଼ିଦେଲା । କହିଲା, ଛନ୍ଦା ଯଦି ନ ମାନିବ ତାର ଟଙ୍କା ଦେଇ ଫେରି ଆସିବ । କିନ୍ତୁ ମୋତେ ବା' କି ଅପମାନ ଅଛି ? ସଂସାରକୁ ଚାହିଁ ଚାହିଁ ବୁଢ଼ା ହେଲିଣି । ଏହି ଛୋଟ ଛୋଟ ଝିଅ ପୁଅଙ୍କ

[ ସତ୍ତ୍ୱର

ଆଗରେ ମାନ ଅଭିମାନ କରିବ ? କଥାପଦଟକେ ଅପମାନ ହେଲାବୋଲି ଫେରିଯିବ ? ଯେଉଁ ଠାଣରେ ଆସିଥିଲି ଛନ୍ଦାକୁ ନ ଫେରାଇଲେ ସେ' ଠାଣ ରହିବ ? ତାପରେ ଛନ୍ଦା ମୁହଁକୁ ଚାହିଁ କହିଲା—ତୁ କଣ ତୋର କୁଡ଼ା ମଉସାକୁ ସେମିତି ଫେରାଇ ଦବୁ ଝିଅ ! ଘରକରା ଝିଅ ତୁ । ଘରଛାଡ଼ି ଏକଲା ରହିବାକୁ ଦୁଃସାହସ କରନା ମା' ! ପଛକୁ ଅନୁତାପ କରିବୁ । ଭାବିବୁ ଗୋଟିଏ ଅଭିଜ୍ଞ ବୁଢ଼ା ନିଜକୁ ଆପେ ଆପେ ମଉସା ବୋଲି ପରିଚୟ ଦେଇ ଯାହା କହିଥିଲା ତାହା ପ୍ରକୃତରେ ସତ—

ଛନ୍ଦାର ଆଖି ସଜଳ ହୋଇ ଉଠୁଥିଲା । ଗୋଟିଏ ଆବେଗରେ ପଚାରିଲା—ସେ ମୋତେ କଣ ଆଉ ଗ୍ରହଣ କରିବେ ମଉସା ?

ଯଦୁ ପଧାନ ହସିଲା । କହିଲା, ତାର କୁଡ଼ା ମଉସାର କଥାକୁ ବିକାଶ କାଟିଦେବାର ଦୁଃସାହସ କରିବ ବୋଲି ମୋର ବିଶ୍ୱାସ ହେଉ ନାହିଁ । ଏତେବଡ଼ ଘର ସଙ୍ଗରେ ମିଶିଲି—ତଥାପି ବିକାଶକୁ ଚିହ୍ନି ପାରିବ ନାହିଁ ? ଯଦୁ ପଧାନର ଦମ୍ଭିଲା କଥାରେ ଯଥେଷ୍ଟ ବଳ ଥିଲା ।

ଚପଳା ଛନ୍ଦା ସରଳ ଶାନ୍ତ ନୂଆ ବୋହୂଟିଏ ଭଳି ଦେଖା ଯାଉଥିଲା । କିନ୍ତୁ ଦୁର୍ବଳ ଛନ୍ଦା, ମନର ବଳ ଟିକିଏ ମଧ୍ୟ ହରାଇ ବସିଥିଲା । ସପ୍ତରଙ୍ଗୀ କଳ୍ପନାରୁ ତାର ରଙ୍ଗ ଛାଡ଼ି ଆସୁଥିଲା । ବାସ୍ତବ ସଙ୍ଗେ ଲଢ଼େଇ କରି କରି କ୍ଳାନ୍ତ ହୋଇ ପଡ଼ିଛି । ଯେଉଁ ସାହସ ଆଉ ଦମ୍ଭନେଇ ଆଗକୁ ଗୋଡ଼ ବଢ଼ାଇ ଥିଲା, ସେ ସାହସ ଆଉ ଦମ୍ଭ ଆଜି ନାହିଁ । ଚାଲିପଥରେ କଣ୍ଟା ପକାଇ ତାକୁ କିଏ କଣା କରାଇ ଦେଲା ।

ମଣିଷ ମୁହଁରେ ଟିକିଏ ହସ, ଆଖି ଡୋଳାରେ ଟିକିଏ ଆବେଗ ଦେଖି ଯିଏ ଦୁର୍ବଳ ହୋଇ ଉଠୁଥିଲା, ସେ ଆଜି ସେହି ମଣିଷକୁ ସନ୍ଦେହ ମିଶା ଆଖିରେ ଦେଖିବାକୁ ପଛାଉନି । ହସ ତଳର ପରିହାସ ଆଉ ଆବେଗ ଭିତରର ବୈରାଗ୍ୟକୁ ସେ ମନେମନେ ଅନୁଭବ କରୁଛି ।

ଛନ୍ଦା ଯଦୁ ପଧାନକୁ ସନ୍ଦେହ ମିଶା ଦୃଷ୍ଟିରେ ଚାହିଁଲା । ସେହି ଦୃଷ୍ଟି କହୁଥିଲା, ଛନ୍ଦା କାହାକୁ ବିଶ୍ୱାସ କରେନାହିଁ—ତୁମକୁ ମଧ୍ୟ ନୁହେଁ ।

ନୀରବ ଛନ୍ଦାର ଦ୍ୱନ୍ଦ୍ୱଭରା ମୁହଁକୁ ଗୃହ ଗୀତଟିଏ ଆଣି ଝଙ୍କୃତ ହୋଇ ଉଠୁଥିଲା । ସେ ସ୍ପଷ୍ଟ ବୁଝି ପାରୁଥିଲା, କୂଳ କିନାରା ନ ପାଇ ପାଲହୀନ ନୌକାଟି ଉଛୁଳି ମୁହଁରେ ଭାସି ଯାଉଛି । ଅଳକେ ଯାଇ ପଥରରେ ପିଟି ହେବ, ନ ହେଲେ ଗଭୀର ଜଳର କଣ୍ଠ ଭଉଁରୀରେ ମିଶିଯାଇ ବିଲୀନ ହୋଇଯିବ । ଦୁନିଆ ତା'ର ପତ୍ତା ପାଇବ ନାହିଁ । ଖୋଜିଲି ବେଳେ ସତ୍ତା ନଥିବ ।

ଯଦୁ ପଧାନ ସଂଗ୍ରହୀ ଦୃଷ୍ଟିରେ ନୀରବ ଛନ୍ଦାକୁ ଚାହିଁ ରହିଥିଲା । କିନ୍ତୁ ଉତ୍ତର ନପାଇ ମନ ତାର ବିରସ ହୋଇ ଉଠୁଥିଲା । ଦୁନିଆ ସଙ୍ଗେ ଦୀର୍ଘଦିନର ଚଳ ପ୍ରଚଳ ଭିତରେ ଅନେକ ଲୋକଙ୍କର ସଂସ୍ପର୍ଶରେ ଆସିଛି । ସାମାନ୍ୟ କଥାବାର୍ତ୍ତା ଭିତରେ ମଣିଷକୁ ସେ ସତ୍ତ୍ୱ ସଙ୍ଗେ ଚିହ୍ନି ପକାଏ । ମନଭିତରେ ତାର ପ୍ରକୃତି ଆଉ ପ୍ରବୃତ୍ତିର ଗୋଟିଏ ନିଛକ ଛବି ଅଙ୍କନ କରେ । ଆଉ ସେହି ଛବି ହୁଏ ନିର୍ଭୁଲ । ଏହା ଯଦୁ ପଧାନର ବ୍ୟକ୍ତିଗତ ଅଭିଜ୍ଞତାର ଫଳ । ସେ ସହଜରେ ଠକେ ନାହିଁ ।

କିନ୍ତୁ ଛନ୍ଦା ଆଗରେ ଠକି ଗଲା ଯଦୁ ପଧାନ । ଛନ୍ଦହରା ଛନ୍ଦାର ମନକୁ ଠିକ୍ ଭାବରେ ଚିହ୍ନି ପାରିଲା ନାହିଁ । ଆଶା କରିଥିଲା ଉପଦେଶ ଦେଇ ତାକୁ ଆକର୍ଷଣ କରିବ । ସଙ୍ଗରେ ଫେରାଇ ନେଇ ବିକାଶ ହାତରେ ସଅଁପି ଦେବ କିନ୍ତୁ ତାର କଳ୍ପନା ଭୁଲ ହେଲା । ଯଦୁ ପଧାନର ଜୀବନରେ ଏ ଗୋଟିଏ ପ୍ରଥମ ଭୁଲ !

ତଥାପି ସେ ଆଶା ଛାଡ଼ି ପାରିଲା ନାହିଁ । ମଉନ ଛନ୍ଦାର ଦ୍ୱନ୍ଦ୍ୱଭରା ମୁହଁକୁ ଅନାଇ ଅନାଇ କହିଲା—ନୀରବ ରହିଲେ ଯେ ଝିଅ ! ତେଣେ ସବୁ ବିକଳ ହେଉଛି !

ତଥାପି ଛନ୍ଦା ନିରୁତ୍ତର । ମନେ ମନେ ସେ ଗୋଟିଏ ସମାଧାନ ଖୋଜୁଥିଲା । କିନ୍ତୁ ସମାଧାନର ରାସ୍ତା ପାଉନାହିଁ । ହାତ ପାଖକୁ ଆସି ଘୁଞ୍ଚି ଯାଉଛି—ଯେମିତି ଭାସ୍କର ରାହୁ ଘୁଞ୍ଚି ଗଲେ !

[ ଅଣାଅଣି

ଯଦୁ ପଧାନ ପଣ କରି ଆସିଛନ୍ତି ଛନ୍ଦାକୁ ବାହୁଡ଼ାଇ ନେବେ । ନର୍ସ ଗୀତା ପଧାନ ଉଦ୍ଦେଶ୍ୟରେ କହିଲେ, ତୁ ଆଉ ଛୁଆ ହେଲୁ କାହିଁକି ପୁଅ ? ଛନ୍ଦାର ଜନକ ପଣ ସଜାଡ଼ି ଦେ । ଆମେ ଫେରି ଯିବୁ ଘର ।

ଗୀତା ପଧାନ ଶୋଇବା ଘର ପାଖରୁ ଗୋଡ଼ ବଢ଼ାଉ ଥିଲେ । ଛନ୍ଦା ବାଧା ଦେଇ କହିଲେ, ରହ ଗୀତ ! ଅପେକ୍ଷା କର !

ଅପେକ୍ଷା ? ଯଦୁ ପଧାନ ବିସ୍ମୃ ହୋଇ ପଚାରିଲେ !

ହଁ ମଉସା, ଅପେକ୍ଷା—ମୋତେ ଭାବିବାକୁ ସମୟ ଦିଅ ! ମୁଁ ବିକାଶ ବାବୁଙ୍କ ପାଖରୁ ଶେଷଥର ପାଇଁ ଚାଲି ଆସିଛି । ତେଣୁ ଆଉ ଥରେ ଫେରି ଯାଇ ପାରିବି ନାହିଁ । ବରଂ ଅନ୍ୟ ପନ୍ଥା କିଛି ନିର୍ଣ୍ଣୟ କରି ଆଶ୍ରୟ ନେବି ।

କାମୁଣୀ ଝା ! ମୁଁ ଆଉ ବିକାଶ ଥାଉଁ ଥାଉଁ ଆଉ ପନ୍ଥା ଖୋଜିବୁ ଝିଅ ? ସେ ଭାର ଆମ ଉପରେ ଛାଡ଼ିଦେ ।

ନିଜ ଭାର ପର ଉପରେ ଦେଇ ପାରିବି ନାହିଁ ମଉସା ! ମୁଁ ନିଜେ ହିଁ ତାକୁ ବହନ କରିବି । ଗୀତା ପଧାନର ବଦଳି ହେବା ପୂର୍ବରୁ ମୁଁ ସ୍ଥାନ ପରିତ୍ୟାଗ କରିଥିବି ।

କୁଆଡ଼େ ତୁ ଯିବୁ ? କାଲିକାର ପିଲାଟିଏ ! ଗାଲ ଚିପିଲେ ଦୁଧ ବାହାରିବ—କାହା ଉପରେ ଭରସା କରି ବାଟ ଚାଲିବୁ କହିଲୁ ? ମୋ କଥା ମାନ ଫେରିଆ ଝିଅ, ଫେରିଆ !

ଏତବଡ଼ ଦୁନିଆ ମୋ' ପାଇଁ ପଡ଼ିଛି ମଉସା ! ତୁମେ ସେଥିପାଇଁ ବ୍ୟସ୍ତ ହୁଅନାହିଁ । ମୁଁ ନିଜର ଭାର ବହନ କରି ଚାଲି ପାରିବାର ଶକ୍ତି ହରାଇ ନାହିଁ । ଅସମୟରେ ଆସି ଯେଉଁ ଆଶ୍ୱାସନା ଟିକକ ଦେଲ, ଏଥିପାଇଁ ଧନ୍ୟବାଦ ଦେଉଛି ।

ମୁଁ କଣ ଫେରିଯିବି ଛନ୍ଦା ?

ମୁଁ ମୋର ଇଚ୍ଛା ପ୍ରକାଶ କରିଛି ମଉସା ! ମୋତେ ଆଉ ବ୍ୟସ୍ତ ନକରି ଭାବିବାକୁ ଦିଅ ।

ବୃଦ୍ଧ ଯଦୁ ପଧାନ ବ୍ୟସ୍ତ ହୋଇ ତୃଷା କଣ୍ଠରେ କହିଲେ—ମୁଁ ଆଉ କରିବି କଣ ଝିଅ ? ମୋର ଆଉ ଉପାୟ ନାହିଁ । ତୁ ମୋର ସନ୍ତାନଙ୍କ କୋଡ଼ପୋଛା ଝିଅଟିଏ । ବାପ ତୋର ଥିଲେ ମୁଁ ଯାହା କହୁଛି ଠିକ୍ ସେଇଆ ହିଁ କହିଥାନ୍ତେ । ନ ଶୁଣିଲୁ ଯଦି, ଏହି ଚେକ ଖଣ୍ଡିକ ନେ, ଉଠ । ମୁଁ ଯାଉଛି ।

ଯଦୁ ପଧାନ ଫେରିଯିବାକୁ ଉଦ୍ୟତ ହେଲେ ।

ଗୀତା ପଧାନ କରୁଣ ହୋଇ କହିଲେ, ଛନ୍ଦା ଦେଇ ! ସୁଯୋଗକୁ ପାଦରେ ଠେଲି ଦଅନା । ତାହା କେବେକେବେ ଏକମୁହାଁ ହୋଇ ପାଖକୁ ଧାଏଁ । ଆଡ଼େଇ ଦେଇ ପରେ ଖୋଜିଲେ ଆଉ ମିଳେ ନାହିଁ । ମୁଁ ତ ସହଜେ ନାଡ଼ହରା ପକ୍ଷୀ । କିନ୍ତୁ ନାଡ଼ ଥାଉଁ ଥାଉଁ ତମେ କାଠ ଭୁଲୁଛ କାହିଁକି ? ବିବାହ ନ କରିଥିଲେ ନାହିଁ, କିନ୍ତୁ ବିବାହ ମିଠା ଥରେ ଚାଖି ତମେ ଅଲଣା ଶାଗରେ ମନ କରୁଛ କାହିଁକି ? ତୁମେ ମୋ' କଥା ଶୁଣ ଦେଇ ! ଯଦୁ ମଉସାକୁ ମୁଁ ଡାକି ଦେଉଛି—

ଛନ୍ଦା ଗୀତା ପଧାନର ଚାଲିବାଟରେ ଛିଡ଼ା ହୋଇ ପଥରୁଦ୍ଧ କରୁ କରୁ କହିଲା—ନାଁ ଗୀତା ! ସେ ଚାଲି ଯାଆନ୍ତୁ—

ଗୀତା ପଧାନ ଅଟକି ଯାଇ ବିସ୍ମୟ ଆଖିରେ ସ୍ଥିର ଅଟଳ ଛନ୍ଦା ଆଉ ଗଳଶୀଳ ଯଦୁ ପଧାନକୁ ଏକ ସମୟରେ ଅନାଇବାକୁ ଲାଗିଲେ ।

ଯଦୁ ପଧାନ ଯେତିକି ଦମ୍ଭରେ କ୍ୱାର୍ଟର ଭିତରେ ପାଦ ପକାଇଥିଲେ, ତା' ଅପେକ୍ଷା ଦୁଇ ଗୁଣ ଦୁର୍ବଳ ହୋଇ ନମ୍ର ସ୍ୱରକୁଦାର ଜନାକୀର୍ଣ୍ଣ ରାଜପଥ ଭିଡ଼ରେ ମିଳାଇ ଯାଉଛନ୍ତି । ଛନ୍ଦାର ହାତଧରି ଗୀତା ପଧାନ ଶୋଇବା ଘରକୁ ନେଇ ପଲଙ୍କ ଉପରେ ବସାଇଲେ ।

[ ସମାପ୍ତ

ଦୁହେଁ କିଛିକ୍ଷଣ ନୀରବ ରହିଲେ । ନୀରବତା ଭିତରେ ସେମାନେ ଅତ୍ରୁଳି ଅତୀତକୁ ଖେଳାଇ ଦେଖୁଥିଲେ । ଆସନ୍ନ ଭବିଷ୍ୟତର ଅନ୍ଧାରିଆ ପରିସ୍ଥିତି ମଧ୍ୟ ମନକୁ ତାଙ୍କର ମ୍ଳାନ କରି ଦେଉଥିଲା ।

ଏହି ଦୀର୍ଘ ନୀରବତା ଗୀତା ପ୍ରଧାନକୁ ବିବ୍ରତ କଲା । କଥାର ସୂତ୍ର ଯୋଡ଼ିବାକୁ ଆରମ୍ଭ କଲା—ତମେ ଶୁଣିଛ ବୋଧେ ! ନର୍ସ ଉମା ମହାନ୍ତିର ଝିଅଟିଏ ହେଲା । ବିଚାରୀ ପୁଅ ପାଇବ ବୋଲି କେତେ ଆଶା କରିଥିଲା । କିନ୍ତୁ ପୁଅ ପରିବର୍ତ୍ତେ ଝିଅ ହେଲା । କିନ୍ତୁ ଖୁବ୍ ସୁନ୍ଦର ହୋଇଛି ପିଲାଟି । ଦେଖିଲେ ଗେଲ କରିବାକୁ ମନ ହେଉଛି ।

ଛନ୍ଦା ସ୍ୱପ୍ନରୁ ଉଠିଲା ଭଳି ଚମକି ଉଠି ପଚାରିଲା—କାହାର ପୁଅ ହେଲା କହିଲୁ ! ଉମାର ?

ହଁ, ହଁ ଉମାର ! ପୁଅ ନୁହେଁ ଝିଅ ! ଗୀତା ଉତ୍ତର ଦେଲା ।

ଛନ୍ଦା ସେ ଖବରରେ କିଛି ହେଲେ ଆଗ୍ରହ ପ୍ରକାଶ କଲାନି । କଥାବାର୍ତ୍ତାରେ ଟିକିଏ ହେଲେ ଆତ୍ମୀୟତା ନଥିଲା ।

ଗୀତା ପ୍ରଧାନ ଛନ୍ଦାର ଆଗ୍ରହହୀନ ମନକୁ ଆକର୍ଷଣ କରିବାକୁ ଚେଷ୍ଟା କରୁଥିଲା । କହିଲା, ଶ୍ରୀମତୀ ଇଲା ତିୱାରୀ ଝିଅକୁ ଦେଖିବାକୁ ଆସିଥିଲେ । ଯିଏ ସବୁ ଦେଖିବାକୁ ଆସିଥିଲେ ଖୁସି ହୋଇ ଉମାକୁ ଶୁଭେଚ୍ଛା ଜଣାଇଲେ । କିନ୍ତୁ ଶ୍ରୀମତୀ ଇଲା ତିୱାରୀ କିଛି ନକହି କାନ୍ଦ କାନ୍ଦ ଫେରିଗଲେ ।

ଛନ୍ଦାର ଅନ୍ୟମନସ୍କ ଭାବ କଟି ଯାଇଥିଲା । ଗୀତାର କଥାରେ ଆଗ୍ରହ ପ୍ରକାଶ କରି କହିଲା—ସିଏ କାନ୍ଦିଲେ କାହିଁକି ?

ମୁଁ କେମିତି କହିବି ? କିନ୍ତୁ ଯେତେଦୂର ସମ୍ଭବ ସେ ଖୁସି ହୋଇ ପାରିଲେ ନାହିଁ ? ମୋର ଅନୁମାନ—

କଣ ସ୍ପଷ୍ଟ ହେଲା ନାହିଁ ବୋଲି ? ଛନ୍ଦା ପଚାରିଲା ।

ନାଁ ଠିକ୍ ସେଇଆ ନୁହେଁ ଯେ—ତାର କାରଣ ଅନ୍ୟପ୍ରକାର ଅଛି । କିନ୍ତୁ ମୁଁ ସଠିକ୍ ନୁହେ । ମୋର ଅନୁମାନ ମିଛ ବି ହୋଇପାରେ ।

ତଥାପି ?

ଶ୍ରୀମତୀ ଇଲା ଦେବୀଙ୍କୁ ତମେ ଚିହ୍ନିଛ । ଏକଦା ସେ ଥିଲେ ମହାନଗରୀ କଲିକତାର ଜନାକୀର୍ଣ୍ଣ ଧର୍ମତାଲା ଷ୍ଟ୍ରୀଟ୍‌ର ଗୋଟିଏ ବିଖ୍ୟାତ ହୋଟେଲ ମାଲିକର ଏକମାତ୍ର ଝିଅ । ପିତାର ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁପରେ ସେ ହେଲେ ସମଗ୍ର ହୋଟେଲ ଆଉ ଧନସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ । ସେତେବେଳେ ଦେହରେ ତାଙ୍କର ଉଚ୍ଛଳା ଯୌବନ ଲହରୀ ଭାଙ୍ଗୁଥାଏ । ଲଗାମଛଡ଼ା ଜୀବନ ଯାଙ୍କୁ ଅକଳନ ସମ୍ପତ୍ତିର ଅଧିକାର ମନକୁ ତାଙ୍କର ମାତାଲ କଲା । ଆଖପାଖର ଦଳ ତରୁଣବୃନ୍ଦ ତାଙ୍କ ଘର ଚାରିପାଖେ ଚକର କାଟୁଥାନ୍ତି । ସାମାନ୍ୟ ଇଙ୍ଗିତରେ ସେମାନେ ଆତ୍ମସମର୍ପଣ କଲେ । ସୁନ୍ଦରୀ ଇଲାର ଚଳଚଞ୍ଚଳ ମନ ଆହୁରି ପାଇ ଉପରକୁ ଉଠିଲା । କିନେ ଜଣାପଡ଼ିଲା ସେ ଅନ୍ତଃସତ୍ତ୍ୱା । ଅର୍ଥ ବିନିମୟରେ ଆସନ୍ନ ଦୁର୍ନାମରୁ ରକ୍ଷା ପାଇଲେ ମଧ୍ୟ ପିତଳ ହୋ'ଅଣୀ ଭଳି ବିବାହ ବଜାରରେ ଅଚଳ ହୋଇ ପଡ଼ିଲେ । ଗୃହିଣୀ ହେବାର ସ୍ୱପ୍ନ ବିଫଳ ହେଲା । ଦିନେ ଗୋଟିଏ ଦୁର୍ଯୋଗ ବା ସୁଯୋଗ ମୁହୂର୍ତ୍ତରେ କହି ହେଉନାହିଁ, ଜର୍ମାନ ଅଧିବାସୀ ମିଷ୍ଟର ଗିଭର୍ସ ହେଲେ ସେହି ଧରମ୍‌ତାଲା ହୋଟେଲର ସମ୍ମାନସ୍ପଦ ଅତିଥି । କୁମାରୀ ଇଲାଙ୍କ ସଙ୍ଗେ ତାଙ୍କର ସ୍ୱାଧୀନ ବିହାର, ଧରମ୍‌ତାଲା ଷ୍ଟ୍ରିଟ୍‌ରେ ଗୋଟିଏ ଉତ୍ତେଜନା ସୃଷ୍ଟି କଲା । ଦୁଇବର୍ଷପରେ ହୋଟେଲ ଆଉ ତାର ଆସବାବ ପତ୍ର ବିକ୍ରି କରି କୁମାରୀ ଇଲା ହେଲେ ଗିଭର୍ସଙ୍କ ସଙ୍ଗରେ ଦେଶାନ୍ତର । ସମଗ୍ର କଲିକତା ତାଙ୍କୁ ଭୁଲିଗଲା । କିନ୍ତୁ ଘଟଣାକ୍ରମେ ମଦ୍ୟପୀ ଗିଭର୍ସ ତାଙ୍କୁ ପାଲରେ ପକାଇ ବିବାହ କରି, ସମସ୍ତ ସମ୍ପତ୍ତିର କୂଳକିନାରା ରଖିଲେ ନାହିଁ । ଅବସ୍ଥା ଚକ୍ରରେ ପଡ଼ି ଭାରତକୁ ଫେରିଆସି ହାଇକୁଡ ଓ୍ୱାର୍କସପ୍‌ରେ ଫୋରମ୍ୟାନ୍

[ ଜ୍ୟୋତଣୀ

ଗୃହିଣୀ ଥିଲେ । ଆଜି ତାଙ୍କର ଗୃହିଣୀ ବ୍ୟତୀତ କିଛି ନାହିଁ । ଶ୍ରୀମତୀ ଇଲ୍ସ ଗିଭର୍ସ ଜନ୍ମନିୟନ୍ତ୍ରଣ କରି ମାତୃତ୍ୱ ଗର୍ବରୁ ବଞ୍ଚିତା ହୋଇଛନ୍ତି । ବୋଧହୁଏ ଉମାର ସନ୍ତାନକୁ ଦେଖି ନିଜ କଥା ଭାବି କାନ୍ଦିଥିବେ । ଏତିକି କହିସାରି ଗୀତା ପ୍ରଧାନ ଛନ୍ଦା ମୁହଁକୁ ଅନାଇଲେ । ଛନ୍ଦା ମୁଖର ପରିବର୍ତ୍ତନକୁ ସେ ନିବିଡ଼ ଭାବରେ ଅନୁଭବ କରୁଥିଲେ ।

ଛନ୍ଦା ଦୀର୍ଘନିଶ୍ୱାସ ତ୍ୟାଗ କରି କହିଲା, ବୋଧହୁଏ ସେଇଆ ହୋଇ ଥାଇପାରେ···ଶ୍ରୀମତୀ ଇଲ୍ସ ଗିଭର୍ସ ପ୍ରକୃତରେ ଦୁଃଖିନୀ !

ତାପରେ ଛନ୍ଦା ଆଉ ଗୀତା ଆଉଥରେ ନୀରବ ରହିଲେ । ଗୀତାର ଆଉ କହିବାକୁ କିଛି ନାହିଁ । ଛନ୍ଦା ମଧ୍ୟ କିଛି ହେଲେ କହି ପାରୁନି । କିନ୍ତୁ ଛନ୍ଦାର ନିଷ୍ପ୍ରଭ ଆଖି ଡୋଳା, ଫିକାଳିଆ ଗଣ୍ଡ, ଆଉ ନିସ୍ତେଜ ମୁଖ ମଣ୍ଡଳ କହୁଥିଲେ ଛନ୍ଦା କ୍ଳାନ୍ତ ଆଉ ଶ୍ରାନ୍ତ !

କ୍ଲାନ୍ତ ସୂର୍ଯ୍ୟ ଅସ୍ତାଚଳର ଶିଖରଦେଶରେ ଘାଟଲଇ ପଡ଼ିଥାଏ । ଆକାଶରେ ଅବୀର ରଙ୍ଗର ହୁରିଖେଳ । ଦିନ ବିତାଣି ଶ୍ରାନ୍ତକ୍ଲାନ୍ତ ସୁନ୍ଦର ରାତ୍ରିର ସୁଷ୍ଠୁ ଅଭିସାରକୁ ଅପେକ୍ଷା କରିଥାଏ । ଅଳ୍ପ ସମୟ ପରେ ଆସିବ ତରୁଣୀ ରାତ୍ରିର ଉଜ୍ଜ୍ୱଳ ଚନ୍ଦ୍ର । ସଙ୍ଗରେ ଆସିବେ ଅସଂଖ୍ୟ ତାରା ଆଉ ନୀହାର । ଶୀତଳ ଜ୍ୟୋତ୍ସ୍ନା ସ୍ପର୍ଶରେ ଧରଣୀ ରାଣୀ ହସି ଉଠିବ । ବାୟୁମଣ୍ଡଳର ସ୍ତରେ ସ୍ତରେ ଖେଳି ବୁଲିବ ବିଶ୍ରାମର ଇଙ୍ଗିତ, ଗୋଟିଏ ସ୍ୱପ୍ନିଳ ସଙ୍ଗୀତର ସୁମଧୁର ଆହ୍ୱାନ । ବିଶାଳ ବସୁନ୍ଧରାର ଅଗଣନ ଜନପ୍ରାଣୀ ସ୍ୱପ୍ନରେ ମାତାଲ ହୋଇ କଳ୍ପନା'ର ଖିଅ ଖୋଜିବେ । ତା'ର ସଙ୍ଗେ ଶ୍ରାନ୍ତକ୍ଲାନ୍ତ କର୍ମକ୍ଲାନ୍ତ ଅସୁମାରୀ ମଣିଷଙ୍କୁ କୋଳରେ ଶୁଆଇ ବିଶ୍ରାମ ଦେବ ।

ଛନ୍ଦା ଗବାକ୍ଷ ଅନ୍ତରାଳରେ ଛିଡ଼ା ହୋଇ ଏହି ଆସନ୍ନ ସନ୍ଧ୍ୟାକୁ ଉପଭୋଗ କରୁଥିଲା । ମନ ଭିତରେ ଖାଲି ଭାବନାର ଭେଳା । କୂଳକିନାରା ପାଉନାହିଁ । ତେଣୁ ଏହି ସୁନ୍ଦର ସନ୍ଧ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରି ପାରୁ ନଥିଲା ।

ଆଖି ଆଗରେ ପିଶାଚ କଣ୍ଟ୍ରାକ୍ଟର, ପକ୍କାବୁଢ଼ା ଡାକ୍ତର ରାୟଙ୍କର ଅବିକୃତ ପ୍ରତିଛବି ନାଚି ଉଠିଲା । ସେମାନେ ଉଭୟେ ହସୁଥାଆନ୍ତି । ଛନ୍ଦାକୁ ପରିହାସ କରିବା ସତେ ଯେମିତି ସେ ହସର ପ୍ରଧାନ ଲକ୍ଷ୍ୟ । ସେ ହସ କହୁଥାଏ, ଦେଖିଲ ଛନ୍ଦା ! ତମେ କେମିତି ହାରିଗଲ ?

[ ପଞ୍ଚିଅଣୀ

ଛନ୍ଦା ସେହି କଳ୍ପିତ ଦୃଶ୍ୟକୁ ସହ୍ୟ କରି ପାରିଲା ନାହିଁ । ପଲଙ୍କ ଉପରକୁ ଉଠିଯାଇ, ତୁଳା ତକିଆଟିକୁ ଛାତି ସନ୍ଧିରେ ଗୁଡ଼ିଧରି ଶୋଇବାକୁ ଚେଷ୍ଟାକଲା । ବାଧ୍ୟକରି ସମସ୍ତ ଭାବନାକୁ ଏଡ଼ାଇ ଦେବାକୁ ଇଚ୍ଛାକଲା । କିନ୍ତୁ ବିଗତ ଦିନର ହଜିଲା କଥାସବୁ ଆପେ ଆପେ ମନ ଭିତରେ ପଶିଲେ । ବିବାହିତ ଜୀବନର ମୂଲ୍ୟନ୍ୟୁମ ମୁହୂର୍ତ୍ତଟିଏ ଜୀବନପାଇ ଛିଡ଼ା ହେଲା ଆଖି ଆଗରେ । ସେ ନୂଆ ହୋଇ ବାହା ହୋଇଥାଏ ସେତେବେଳେ । ଦେହ ଭିତରେ ଖେଳି ବୁଲୁଥାଏ ଗୋଟିଏ ଅଭିନବ ଅନୁଭୂତି । ଲାଜ ଆଉ ସରମରେ ଗୋଟାପଣେ ବୁଡ଼ି ଯାଉଥାଏ । ସପ୍ତରଙ୍ଗୀ କଳ୍ପନାର ଖିଅକୁ ସଜାଡ଼ୁ, ସଜାଡ଼ୁ ଦେହସାରା ମାଡ଼ି ଯାଉଥାଏ ଗୋଟିଏ ଚମକ । ନିତ୍ୟନୂତନ ଛନ୍ଦରେ ଛନ୍ଦାୟିତ ହେଉଥାଏ ତାର ଭାବ ଆଉ ଭାବନା । ସରଳ ସ୍ୱାମୀର ଅମାୟିକ ବ୍ୟବହାରରେ ସେ ଭାବୁଥାଏ—ତାହାଠୁ ବଳି ଆଉ କେହି ଭାଗ୍ୟବତୀ ନଥିବେ । ଜନ୍ମତାର ସାର୍ଥକ ହୋଇଛି ।

ଛନ୍ଦା ତାର ଅତୀତର ସୁନ୍ଦର ସଂସାରକୁ ବାରମ୍ବାର ମନେ ପକାଇଲା । ଛପି ଛପିକିଆ, ମଳିଚିଆ ଅତୀତକୁ ପୋଛି ମାଜି ଜୀବନ୍ତ କରିବାକୁ ଅସମ୍ଭବ ଚେଷ୍ଟା କଲା । କିନ୍ତୁ ଯାହା କାମ୍ୟ, ତାହା ପାଖକୁ ଆସୁନାହିଁ । ହାତଛଡ଼ା ହୋଇ ଦୂରେଇ ଯାଉଛି । ପଛରେ ଧାଇଁଲେ ପବନରେ ମିଶି ଯାଉଛି । ଅଦୃଶ୍ୟ ହୋଇ ଯାଇ କହୁଛି—ମୁଁ ନାହିଁ—ମୁଁ ନୁହେଁ ? ଯାହା ଅତୀତ, ତାହା ବର୍ତ୍ତମାନ ହୋଇ ପାରେନା । ଯେଉଁ ସୁନ୍ଦର ସଂସାର ଜଳିପୋଡ଼ି ଛାରଖାର ହୋଇଗଲା ସେ ଆଉ ପାଖକୁ ଆସିବାର କାଣିଚାଏ ହେଲେ ସମ୍ଭାବନା ନାହିଁ । ତଥାପି ମଣିଷର ବେଳେବେଳେ ଅତୀତ ପ୍ରତି ମୋହ ଜାଗେ । ଆପଣାର କରିବାକୁ ଅଭିଳାଷ ଭରିଉଠେ । କିନ୍ତୁ ଅତୀତ ଅପେକ୍ଷା କରେନା । ଭାବିବାହିଁ ସାର୍ଥକ ହୁଏ ।

ଛନ୍ଦା ଅତୀତକୁ ଅଣ୍ଡାଳି ହେଉଁ ହେଉଁ ପାଇଲା ସେହି ଅବାଞ୍ଛିତ ଦୃଶ୍ୟକୁ । ରକ୍ତ ପିପାସୀ ନରରାକ୍ଷସ ଦଳ ସ୍ୱାମୀକୁ ତାର ହତ୍ୟା କରୁଛନ୍ତି । ସ୍ୱାମୀ ତାର ରକ୍ତାକ୍ତ ହୋଇ ପଡ଼ିଛନ୍ତି । ପିଣ୍ଡରେ ଆଉ ପ୍ରାଣ ନାହିଁ ।

ଆଖିଯୋଡ଼ାକ ଦୁଇଟି ସ୍ଥିର ହୋଇ ତାକୁହିଁ ଅନାଇ ରହିଛନ୍ତି । ସେ ଆଖିରେ ଛନ୍ଦା ଅମୃତର ସନ୍ଧାନ ପାଉଥିଲା । ସେ ଆଖିର ସମସ୍ତ ଇଙ୍ଗିତକୁ ସେ ବୁଝି ପାରୁଥିଲା । ତାର ସମସ୍ତ ସଙ୍କେତକୁ ଆକଣ୍ଠ ପାନ କରୁଥିଲା । କିନ୍ତୁ ଆଜି ସବୁ ନୀରବ, ନିଶ୍ଚଳ ।

ଛନ୍ଦା ପ୍ରାଣପ୍ରିୟ ପତିକୁ ହରାଇ ହେଲା ବିଭ୍ରାନ୍ତ । ବିଦଗ୍ଧ ମନ ଭାରସାମ୍ୟ ହରାଇଲା । ସେ ମନରେ ବିହାର କଲା କୋଟି କୋଟି ଲକ୍ଷ୍ୟଚ୍ୟୁତ ଭାବନା । ଆଶାହରା ମନର ଗୋଟିଏ ଅବ୍ୟବସ୍ଥିତ ପରିସ୍ଥିତି । ମନର ସମସ୍ତ ଆଶା ଅଭିଳାଷକୁ ଗୃଚ୍ଛିରଖି ସେ ହେଲା ଗୃହତ୍ୟାଗିନୀ ।

କିନ୍ତୁ ଏହି ବିତୃଷ୍ଣା ଥିଲା ସାମୟିକ । ଉଚ୍ଛୃଙ୍ଖଳତାର ବଶବର୍ତ୍ତୀ ହୋଇ ଅସମ୍ଭବକୁ ସମ୍ଭବ କରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ସୁରୀରେ ବିକାଶ ସଙ୍ଗେ ସାକ୍ଷାତ ପରେ ତା ମନର ଘୋର ପରିବର୍ତ୍ତନ ହେଲା । ବୟସର ଆହ୍ୱାନ, ଯୌବନର ଇଙ୍ଗିତକୁ ଦମନ କରିବାର ଶକ୍ତି ହରାଇ ବସିଲା ସେ । ଜୀବନର ଏକାନ୍ତ ସତ୍ୟକୁ ଏଡ଼ାଇ ଦେବାର କ୍ଷମତା ତାର ନଥିଲା । ଭବିଷ୍ୟତ ପ୍ରତି ଗୋଟିଏ ଅଦ୍ଭୁତ ଆକର୍ଷଣ, ଶରୀରର ପ୍ରତି ଶିରା ପ୍ରଶିରାରେ ଚମକ ବୁଣିଲେ । କିନ୍ତୁ ବିକାଶ ପାଖରେ ଧରାପଡ଼ିବାକୁ ସେ' ମୋଟେ ହେଲେ ପ୍ରସ୍ତୁତ ନଥିଲା । ତେଣୁ ବିକାଶ ସଙ୍ଗରେ ରହି ମଧ୍ୟ, ବିକାଶଠାରୁ ଦୂରରେ, ତାର ଚକ୍ଷୁର ଅନ୍ତରାଳରେ ସେ ଧରାଦେଲା କେତେ କଣ୍ଟ୍ରାକ୍ଟରର ପରି ନରପିଶାଚ, ଆଉ ଡାକ୍ତର ରାୟ ଭଳି ମୂର୍ଖ ପଣ୍ଡିତ ଆଗରେ । ଅସ୍ଥିର ଜୀବନକୁ ଡାକ୍ତରରାୟଙ୍କ ସଙ୍ଗରେ ମିଶାଇ ନୂତନ ଭାବରେ ଗଢ଼ିବାକୁ ସେ ଯେତେତେବେଳେ ଇଚ୍ଛା କରେ, ଡାକ୍ତରବାବୁ ଧରାଛୁଆଁ ଦେଲେ ନାହିଁ ।

ଛନ୍ଦା ଅତୀତ ଆଉ ବର୍ତ୍ତମାନକୁ ଆଜି ମନେ ପକାଇ ତୁଳନା କରୁ କରୁ ଅତି ଏକୁଟିଆ ମନେକଲା । ସେ ଆଜି ମର୍ମେ ମର୍ମେ ଅନୁଭବ କଲା ବିଶାଳ ବସୁନ୍ଧରାର ବିସ୍ତୃତ ରାଜପଥ ଉପରେ ସେଇ କେବଳ ଏକୁଟିଆ ଚାଲିଛି । ସାହା ହେବାକୁ କେହି ନାହିଁ । ବିଗତ ଅତୀତ ଭିତରେ ସବୁ

[ ସତୀଅଶୀ

ବିଲୀନ ହୋଇ ଯାଇଛି । ନିଜର ହୋଇ ପଦେ ଆଶ୍ୱାସନା ଦେବାକୁ ସଙ୍ଗରେ କେହି ନାହିଁ । ଚଲାପଥର ସମସ୍ତ ପଥିକ ନିଜ କାମରେ ନିଜେ ବ୍ୟସ୍ତ । ସମୟ ପଡ଼ିଲେ ପଦେ ପଚାରିବେ, ପୁଣି ସମୟ ଗଡ଼ିଗଲେ ଚାଲିଯିବେ ! ପଛକୁ ଫେରି ଦୂରେଇ ପଡ଼ିଥିବା ଯାହାସଙ୍ଗିନୀ ପ୍ରତି ମମତା ନାହିଁ । ଯେ' ଯାହା କାମରେ ସମସ୍ତେ ବ୍ୟସ୍ତ । ପରକଥା ବୁଝୁଛି କିଏ ? ଡାକ୍ତର ବାବୁ ସମୟ ଦେଖି ପଦେ ପଚାରିଦେଇ ଚାଲିଗଲେ । ଦୁନିଆର ନିୟମ ଏଇ । ସିଏ ବା କରିଥାନ୍ତେ କଣ ?

ଛନ୍ଦାର ସବାଶେଷକୁ ମନେ ପଡ଼ିଲା ବିକାଶବାବୁଙ୍କ କଥା । ଯଦୁ ପଧାନ ବିକାଶବାବୁଙ୍କର ସ୍ୱତନ୍ତ୍ର ପ୍ରତିନିଧି ହୋଇ ଆସିଥିଲା ତାକୁ ଫେରାଇ ନେବାକୁ । କିନ୍ତୁ ସେ ଶେଷଥର ପାଇଁ ଫେରାଇ ଦେଇଛି । ଆଉ ବୋଧହୁଏ ବିକାଶବାବୁ ଫେରିବେ ନାହିଁ । ଯଥେଷ୍ଟ ଲଜ୍ଜା ପାଇ ଭାଙ୍ଗି ପଡ଼ିଥିବେ ।

ଯାଉ, ଯାହା ହୋଇଛି ଭଲ ହୋଇଛି ! ଯଢ଼ ଗଲାକଥା ଆଉ ଫେରିବ ନାହିଁ ସେ ନେଇ ଚିନ୍ତା କରିବା ବୃଥା । ଯାହାକୁ ସେ ପ୍ରଥମରୁ ଆଡ଼େଇ ଦେଇଛି, ଶେଷଯାଏ ତାକୁ ଆଡ଼େଇ ଦେଇ ହେବ । ବିକାଶବାବୁ ହୁଏତ ତାକୁ ଅପେକ୍ଷା କରିଥିବେ । ତା'ର ପ୍ରତ୍ୟାଖ୍ୟାନ କରିବା କଥା ଶୁଣି ନିରାଶ ହେବେ । ମନ ତାଙ୍କର ଭାଙ୍ଗି ପଡ଼ିବ ।

କିନ୍ତୁ ସେଥିରେ ତାର ଯାଏ ଆସେ କେତେ ? ଯାହାକୁ ସେ ଉପେକ୍ଷା କରିବାକୁ ସ୍ଥିର ସଂକଳ୍ପ, ତାର ଅପେକ୍ଷା କରିବାର ମୂଲ୍ୟ ବା କଣ ହୋଇ-ପାରେ ? ଯିଏ ଯାହା ଚାହେଁ ଦୁନିଆରେ କଣ ସେ ତାହା ପାଇ ପାରେ ? ସିଏ ଚାହିଁଥିଲା ଡାକ୍ତର ବାବୁଙ୍କୁ । କିନ୍ତୁ ମନ କାମନା କଣ ପୂରଣ ହୋଇ ପାରିଲା ? ବିକାଶବାବୁଙ୍କର ମନ ଯଦି ଭାଙ୍ଗିଯାଏ ସେଥିପାଇଁ ଦୋଷ ତ' ତାର ନୁହେ । ସେ ସେହି ଭାଙ୍ଗିଲା ମନକୁ ନୂତନ କରି ସଜାଡ଼ନ୍ତୁ ।

ଛନ୍ଦାର ମନ ଆସ୍ତେ ଆସ୍ତେ ଚଞ୍ଚଳ ହୋଇ ଉଠିଲା । ସେ ସମସ୍ତ ଭାବନାକୁ ମନରୁ ପୋଛିଦେଇ ଶୋଇବାକୁ ଚେଷ୍ଟାକଲା । ଗୀତା ପଧାନ ଉତ୍ତରଟିକୁ ଏଯାଏ ଫେରିନାହିଁ

ଛନ୍ଦା ଶୋଇ ଶୋଇ ସ୍ୱପ୍ନ ଦେଖୁଥିଲା । ସେହି ସ୍ୱପ୍ନ ଭିତରେ ସେ ନିଜକୁ ଦେଖୁଥିଲା । ଦେଖିଲା, ସେ ନିଜେ ବୁଢ଼ୀ ହୋଇ ଯାଇଛି । ଦେହର ରଙ୍ଗ ତାର ମଉଳି ଯାଇଛି । ତୁଷାର ଶୁକ୍ଳକେଶ, ଦନ୍ତହୀନ ମୁଖ, ଗଳିତ ଚର୍ମର ପ୍ରତି ଲୋମକୂପରେ ରହିଛି ମୃତ୍ୟୁର ସଙ୍କେତ । ସେ ଚାଲି ଯାଉ ଯାଉ ଝୁଣ୍ଟି ପଡ଼ୁଛି । କିନ୍ତୁ ରାସ୍ତା କଡ଼ରେ ଗୋଟିଏ ଛନଛନିଆ ଛୋଟିଆ ପିଲାଟିଏ ଛିଡ଼ାହୋଇ ତାର ହାତକୁ ବାଡ଼ିଟିଏ ବଢ଼େଇ ଦେଉଛି । ଛନ୍ଦା ବାଡ଼ିଧରି ଚାଲିଲାବେଳକୁ ସୁନ୍ଦର ଶିଶୁଟି ଛନ୍ଦାର ପଣତ ଧରି ଧୀରେ ଧୀରେ ପାଖେଇ ପାଖେଇ ଚାଲିଛି ।

ଛନ୍ଦା ସେ ସ୍ୱପ୍ନକୁ ସହ୍ୟ କରି ନପାରି ବିଛଣା ଉପରେ ଉଠି ବସିଲା । ସୁଇଚ୍ ଟିପି ଦେଖିଲା ନୀତା ପ୍ରଧାନ କେତେବେଳୁ ଆସି ଶୋଇ ଯାଇଛି । ରାତିର ଶେଷ ପ୍ରହର ବୋଧହୁଏ । ଛନ୍ଦା ଟେବୁଲ ପାଖକୁ ଉଠିଆସି ଡ୍ରୟର ଫିଟାଇ ଦେଖିଲା ହାତ ଘଣ୍ଟାରେ ତିନିଟା ଅଧ ବାଜିଛି । ଘଣ୍ଟା ପାଖକୁ ଫୋଟୋଗ୍ରାଫ୍‌ର ସୁନ୍ଦର ଶିଶୁଟିଏ । ଓଠରେ ତାର ଖେଳୁ ହସକୁ ଧାଡ଼ିଏ । ବେକରେ ରଙ୍ଗୀନ ରୁମାଲ ବନ୍ଧା ହୋଇଛି । ନର୍ସ ନୀତା ପ୍ରଧାନର ଅଦ୍ଭୁତ ଖିଆଲ ବଢୁଛି । ସପ୍ତାହରେ ଗୋଟିଏ, ଦୁଇଟି ଝିଅ ବା ପୁଅ କଣ୍ଢେଇ ଆଣି ଦିନେ ଦି'ଦିନ ପାଖରେ ରଖି ପୁଣିଥରେ ବାଣ୍ଟି ଦେଉଛି । କଣା ଚାଲିଛି ଭଲକି ଭଲ କଣ୍ଢେଇ । କିନ୍ତୁ ଆଜିର କଣ୍ଢେଇଟି ଛନ୍ଦା ଆଖିରେ ଅତି ସୁନ୍ଦର ଦେଖାଗଲା । ସେ କଣ୍ଢେଇଟିକୁ ହାତ ପାଖକୁ ନେଇ ନାକ, ଆଖି ଆଉ ମୁହଁର ଗଢ଼ଣ ପରୀକ୍ଷା କରୁ କରୁ ନିଜ ଅଲକ୍ଷ୍ୟରେ ରଙ୍ଗ ଟକମକ ଟିକି ଗାଲରେ ତାର ସ୍ନେହ ଚୁମାଟିଏ ଢାଳିଦେଲା । ସୁଇଚ୍ ମାରି ପୁଣିଥରେ ଶୋଇଲାବେଳେ ସେ ନିତାନ୍ତ ନିର୍ଜନତା ବୋଧ କରିବାରୁ କଣ୍ଢେଇଟିକୁ ନେଇ ମୁହଁ ପାଖରେ ରଖିଲା । ଗଭୀର ରାତିର ଗହଳ ଅନ୍ଧାର ମନ ଭିତରେ ତାର ଭୟର ସଞ୍ଚାର କଲା । ପୁଣି ତାର ମନେ ପଡ଼ିଲା ଇଲା ଗିଭର୍ସ ଆଉ ଉମାର ସନ୍ତାନ କଥା । ଉମା ନର୍ସ କାମ ଛାଡ଼ି ଡ୍ରାଇଭର ରତନ ସିଂ ସଙ୍ଗରେ ରହି ହେଲା ସନ୍ତାନର ଜନନୀ । ସେହି ସ୍ନେହ ଶିଶୁଟିହିଁ ହେବ ତାର ନିଃସଙ୍ଗ

[ ଜୀବନରେ

ଜୀବନର ଛୋଟିଆ ସାଥୀଟିଏ, କାହାଡ଼ି ଆପଣାର । ନିଜ ଦେହରୁ ରକ୍ତମାଂସ ଦେଇ ଉମା ଗଢ଼ିଛି ଅମୃତର ସନ୍ତାନ । ଉମାର ସାକ୍ଷାତ ପ୍ରତିନିଧି । କିନ୍ତୁ ଶ୍ରୀମତୀ ଇଲା ଗିଭର୍ସ ? ଅସ୍ଥାୟୀ ଯୌବନର କ୍ଷଣସ୍ଥାୟୀ ମୋହରେ ପଡ଼ି ମାତୃତ୍ୱର ଗର୍ବକୁ ଜଳାଞ୍ଜଳି ଦେଲେ । କଣ ବା ଲାଭ ହେଲା ତାଙ୍କର ? ଯୌବନ ତ' ଚିରଦିନ ରହିଲା ନାହିଁ ! ସେ' ତ ରହିବା ଜିନିଷ ? ଛନ୍ଦାର ମନେ ପଡ଼ିଲା ସ୍ୱପ୍ନର ସେହି ସୁନ୍ଦର ଶିଶୁର କଥା । ଶିଶୁଟିଏ ଥିଲେ ଶ୍ରୀମତୀ ଇଲାଦେବୀ କେତେ ଖୁସି ହେଉ ନ ଥାନ୍ତେ ! ଗୀତା ପଧାନ ଇଲାଦେବୀଙ୍କର କ୍ରନ୍ଦନକୁ ଠିକ ଭାବରେ ବୁଝି ପାରିଛି । ସେ ଯାହା କହୁଛି ଯଥାର୍ଥ କହୁଛି ।

ଶ୍ରୀମତୀ ଇଲା ଗିଭର୍ସଙ୍କ କଥା ଭାବୁ ଭାବୁ ସେ ନିଜର ଇତିହାସକୁ ବିଶ୍ଳେଷଣ କଲା । ଇଲା ଗିଭର୍ସ ଆଉ ତା' ନିଜ ଭିତରେ ପ୍ରାର୍ଥକ୍ୟ କେଉଁଠି ? ଇଲା ଗିଭର୍ସ ଯାହାହେଉ ସ୍ଥିର ହୋଇ ରହିଗଲେ ଜଣକ ପାଖରେ । କିନ୍ତୁ ସେ'ତ ତାହା ବି' ଠିକଣା କରିନାହିଁ । ଆଜିର ଏହି ଅବାସ୍ତବ ସ୍ୱପ୍ନ ଦିନେ ହୁଏତ ସତ୍ୟ ହେବ । ଚାଲିପଥରେ ଚାଲି ଯାଉଁ ଯାଉଁ ସେ ପଥ ହୁଡ଼ି ଝୁଣ୍ଟିବ । ସେତେବେଳେ ପିଠିରେ ପଡ଼ି ସାହା ହେବ ବା କିଏ ସେ ?

ଛନ୍ଦା ନିଜ କଳ୍ପନାରେ ନିଜେ ଆହତ ହେଲା । ସୁଟରେଇରୁ ପେଟେ ପାଣି ପିଇ ଶୋଇବାକୁ ଯାଉଛି ଗୀତା ପଧାନର ନିଦ ଭାଙ୍ଗିଲା । ବିଛଣାରେ ଶୋଇ ଶୋଇ ଗୀତା ପଧାନ ପଚାରିଲା—ହେଇ, କଣ ନିଦ ଭାଙ୍ଗିଗଲା ? ଛନ୍ଦା ଛୋଟିଆ 'ହୁଁ'ଟିଏ କରି ଶୋଇବାକୁ ଚେଷ୍ଟା କଲାରୁ ଗୀତା ଆଉଥରେ ପଚାରିଲା—ଆଜି ଏତେ ଚଢ଼ିଲ ?

ଆଜି ଶୋଷକଲା, ଉଠିଥିଲା । ପାଣି ପିଇ ଶୋଇ ଯାଉଛି । ଛନ୍ଦା ଉତ୍ତର ଦେଲା ।

ଶୋଷ କଣ ଭାଙ୍ଗିଲା ଛନ୍ଦା ଦେଇ ?

ଛନ୍ଦା ନୀରବ ରହିଲା । ଓ୍ୱାର୍କସପ୍ ଘଣ୍ଟାରେ ପାଂଚୁଟା ବାଜିଲା । କ୍ୱାର୍ଟର ସାମନାରେ ପିଚୁଢାଳା ସଡ଼କ ଉପରେ ପଥରବୁହା ଟ୍ରକ୍ କେଇଟି

ନବେ ]

ଚାଲିଗଲେ । ରିଜାର୍ଭ ପୋଲିସ ବାରେକ୍ ଲାଇନ୍‌ରୁ ବିଗୁଲର କାନଫଟା ଆବାଜ ହୀରାକୁଦର ବାୟୁମଣ୍ଡଳକୁ ଥରାଇ ଦେଲା । ସାମନା ପାହାଡ଼ରୁ ଡିନାମାଇଟ୍‌ର ପଥର ଫଟା ଆବାଜ ରହି ରହି କାନ ପାଖରେ ପିଟି ହେଉଛି ।

ଗୀତା ପଧାନ ନିରୁତ୍ତର ଛନ୍ଦାକୁ କହିଲା, ପାହାନ୍ତା ଶୋଷ ସହଜରେ ଭାଙ୍ଗେ ନାହିଁ ଛନ୍ଦାଦେଈ ! ଏ ଶୋଷର ସ୍ଥାୟୀ ପ୍ରତିକାର ଦରକାର । ମୋ କଥା ଯଦି ମାନିବ·········

ଗୀତାର ଉପଦେଶକୁ ଶେଷ କରିବାକୁ ସମୟ ନ ଦେଇ ଛନ୍ଦା ବିଛଣା ଛାଡ଼ୁ ଛାଡ଼ୁ ଉତ୍ତର ଦେଲା—ମୁଁ ତା'ର ପ୍ରତିକାର ମଧ୍ୟ ଠିକଣା କରିଛି ଗୀତା ! ତେତେ ବ୍ୟସ୍ତ ହେବାକୁ ପଡ଼ିବ ନାହିଁ !

କଣ ଠିକଣା କରି ଦେଇଛି ! ଗୀତାର ଭାଷାରେ ଥିଲା ଉତ୍କଣ୍ଠାର ସ୍ୱର ।

ମୁଁ ହୀରାକୁଦରୁ ଚିରଦିନ ପାଇଁ ଚାଲିଯିବି ଗୀତା । ମୁଁ ଚାହେଁ ହୀରାକୁଦ ମୋତେ ସବୁଦିନ ପାଇଁ ଭୁଲିଯାଉ ?

କିନ୍ତୁ ବିକାଶବାବୁ ?

ସେ କଣ ହୀରାକୁଦ ଭିତରର ଲୋକ ନୁହନ୍ତି ? ହୀରାକୁଦର ଆଉ ପାଁଚ ଜଣଙ୍କ ଭଳି ସେ ମଧ୍ୟ ମୋତେ ଭୁଲିଯିବା ଉଚିତ !

ତାହା କିନ୍ତୁ ଭଲ ହେବନାହିଁ ଦେଈ !

ଆଉ ତୋ' ମତରେ ଭଲହେବ, ଯଦି ଗୋଟାଏ ପରେ ଗୋଟିଏ ଜୁଟି, ମୋର ନିଃସଙ୍ଗ ଜୀବନର ସୁଯୋଗ ନେଇ ମୋ ସଙ୍ଗେ ଖେଳ ଖେଳନ୍ତି; ଆଉ ମୋତେ ସବୁ ଛଡ଼ାଇ ନେଇ ଅଧବାଟରେ ଅପନ୍ତରା କରି ଛାଡ଼ିଦେଇ ତାଳି ମାରି ହସନ୍ତି ?

ମୁଁ ତ ସେଇଥା କହୁନାହିଁ ଦେଈ ! ତମେ ଭୁଲ ବୁଝୁଛ !

ଆଉ ଭଲ ବୁଝିଛୁ ତୁ ? କଣ୍ଟ୍ରାକ୍ଟରକୁ କଣ ଦେଖିନାହୁଁ ?

କିନ୍ତୁ ବିକାଶବାବୁ ତ ତା' ନୁହନ୍ତି

[ ଏକାନ୍ତେ

ମୋ ଆଖିରେ ଆଜି ସବୁ ପୁରୁଷ ସମାନ ଗୀତା ! ଅନ୍ତତଃ ଯେତିକି ପୁରୁଷଙ୍କ ସଂସ୍ପର୍ଶରେ ଆସିଛି ସମସ୍ତେ ମୋତେ ପ୍ରତାରଣା କରିଛନ୍ତି । ସମସ୍ତେ ସବୁ ନେଇ ଯିବାକୁ ଚାହାନ୍ତି—କିନ୍ତୁ ଦେବାକୁ ନୁହେଁ । ଏହି ହୀରାକୁଦର ପ୍ରତ୍ୟେକ ଧୂଳିକଣା ଆଜି କଳଙ୍କିତ । ତେଣୁ ମୋତେ ଆଉ ଏଇଠି ରହିବାକୁ ଭଲ ଲାଗୁନାହିଁ । ଅନ୍ୟତ୍ର ଚାଲିଯାଇ ଜୀବନର ଅବଶିଷ୍ଟାଂଶ କଟାଇ ଦେବାକୁ ମନସ୍ଥ କରିଛି ।

ଗୀତା ଆଉ କିଛି କହି ନ ପାରି ନୀରବ ରହିବାକୁ ଉଚିତ ମନେକଲା । ଛନ୍ଦା ମୁହଁହାତ ଧୋଇ ତା'ର ବ୍ୟବହାର କରୁଥିବା ଶାଢ଼ୀ ଆଉ ବ୍ଲାଉଜ୍ କେଇଟିକୁ ଏକତ୍ରିତ କରି ହାତ-ବାକ୍ସରେ ସଜାଡ଼ି ରଖିଲା । ଜୁଡ଼ା ଉପରେ ପାନିଆ ବୁଲାଇ ନେଇ ଦର୍ପଣ ଆଗରେ ଆଖି ଦୁଇଟିକୁ ପୋଛି ନେଲା । ତା ପରେ ଭେନିଟିବ୍ୟାଗ୍ ଦେହରୁ ଶହେ ଟଙ୍କାର ନୋଟ ଖଣ୍ଡିଏ କାଢ଼ି ଗୀତା ପଧାନର ବିଛଣା ଉପରେ ରଖି କହିଲା—ନେ, ଗୀତା, ଖର୍ଚ୍ଚ ବାବଦକୁ ଏ ଟଙ୍କା ରଖ । ଆଉ ଅସମୟରେ ସାହାଯ୍ୟ କରି ଥିବାରୁ ତୋତେ ଆନ୍ତରିକ ଧନ୍ୟବାଦ ଦେଉଛି । ଯେଉଁଠି ଯାଇ ରହିବି ଚିଠି ଦେଲେ ଉତ୍ତର ଦେଉଥିବୁ ।

ଗୀତା ପଧାନ ଆଖିରୁ ଧାରଧାର ହୋଇ ଲୁହ ବୋହିଲା । ଛନ୍ଦା ତା'ର ନିଜର ଆଖିର ଲୁହକୁ ଗୀତା ଆଖିରୁ ଲୁଚାଇ ରଖିବାକୁ କଡ଼ଭଙ୍ଗି ଛିଡ଼ା ହେଲା । ସେ ବଡ଼ ଗମ୍ଭୀର ଦେଖା ଯାଉଥିଲା ।

ସେହି ସମୟରେ ଚା' ନେଇ ହୋଟେଲ ବୟ ଆସିବାରୁ ଗୀତା ତା' ହାତରୁ ଚା ନେଇ ରିକ୍ସାଟିଏ ଡାକି ଦେବାକୁ ଆଦେଶ ଦେଲା । ହୋଟେଲ ବୟ ରିକ୍ସା ଡାକିବାକୁ ଚାଲି ଯାଇଛି, ବିକାଶବାବୁ ଯଦୁ ପଧାନ ସଙ୍ଗରେ କ୍ୱାର୍ଟର ଭିତରକୁ ପଶି ଆସିଲେ । ଆଗେ ଆଗେ ବିକାଶ-ବାବୁ ଆଉ ପଛେ ପଛେ ଯଦୁ ପଧାନ ଆସୁଥାଏ । ବିକାଶବାବୁ ଛନ୍ଦାର ଅଳ୍ପ ଦୂରରେ ଛିଡ଼ା ହୋଇ କହିଲେ—ରିକ୍ସାନେଇ ଆସିଛି । ଫେରି ଚାଲ ଛନ୍ଦା ।

ବାନ୍ଧ୍ୟାନେବ ]

ଛନ୍ଦା ଗଭୀର ଚିନ୍ତାରେ ନିମଗ୍ନ ଥିଲା । ହୋଟେଲ ବୟ ରକ୍‌ସା ନେଇ ଆସିଛି ଭାବି କହିଲା—ଟିକିଏ ଅପେକ୍ଷା କରିବାକୁ କହ । ମୁଁ ସଙ୍ଗେ ସଙ୍ଗେ ବାହାରିଲି ।

ଗୀତା ପଧାନ ଏଡ଼େବଡ଼ ଦୁଃଖରେ ମଧ୍ୟ ହସି ଉଠିଲା । ଯଦୁ ପଧାନ ବିକାଶବାବୁଙ୍କ ଉଦ୍ଦେଶ୍ୟରେ କହିଲା, ଦେଖିଲ ପୁଅ ! ମୁଁ ସେକଥା ପରି ଆଗରୁ କହିଥିଲି । ଛନ୍ଦାଟା ଟିକିଏ ଅଭିମାନିନୀ ପରି ! ତମେ କାଲି ଆସିଥିଲେ କଣ୍ଟ୍ରାକ୍ଟ ଫେରି ଯାଇଥାନ୍ତା । ମୁଁ ଯେତେ ବୁଝାଇଲି ମାନିଲା ନାହିଁ । ଆଜି ତମେ ପଦେ କହୁଛ କି ନାହିଁ, ମା ମୋର ସଙ୍ଗେ ସଙ୍ଗେ ବାହାରି ପଡ଼ୁଛି ।

ଯଦୁ ପଧାନର ସ୍ୱରଶୁଣି ଛନ୍ଦା ଚମକି ଚାହିଁଲା ପଛକୁ । କବାଟ ପାଖରେ ବିକାଶବାବୁ ଆଉଜି ଛିଡ଼ା ହୋଇଛନ୍ତି । ଯଦୁ ପଧାନ ତାଙ୍କର ପଛରେ ଛିଡ଼ାହୋଇ ଖୁସି ମନରେ ହସୁଛି ।

ଛନ୍ଦା ଅଳ୍ପ ଧିମେଇ ଗଲା । ସେ ରହି ରହି କହିଲା—ପୁଣିଥରେ କାହିଁକି ଆସିଲେ ବିକାଶବାବୁ ! ଶେଷ ବେଳକୁ ପୁଣିଥରେ ଦେଖାଦେଲ କାହିଁକି ?

ତୁମେ କଣ ଜାଣ ନାହିଁ ଛନ୍ଦା ?

କିନ୍ତୁ ମୁଁ ତ ଯଦୁ ପଧାନ ଆଗରେ ଜବାବ ଦେଇଥିଲି ।

ସେ କଣ ତମର ମନର କଥା ଛନ୍ଦା ?

ଛନ୍ଦା ମୁହଁଟେକି ବିକାଶବାବୁଙ୍କୁ ଚାହିଁଲା । ମୁହଁ ଗୋଟାକରେ ପ୍ରଶାନ୍ତ ଭାବନା ଖେଳୁଛି । ଆଖି ଦୁଇଟିରେ ସମସ୍ତ ଦୁନିଆକୁ ବଶୀଭୂତ କରି ଦେବାର ଶକ୍ତି । ସେ ଆଜି ବିକାଶବାବୁଙ୍କୁ ଯେମିତି ନୂଆକରି ଚାହିଁଲା । ଆଉ ତାଙ୍କର ହୃଦୟର ଭାବନାକୁ ପ୍ରଥମ କରି ବୁଝିଲା ।

ଏଇ ଦେବ ପ୍ରତିମା ବିକାଶବାବୁଙ୍କୁ ସେ ଘୃଣା କରି ଆସିଛି ଏଯାଏ । ମିଠା କଥାର ପରିବର୍ତ୍ତିରେ ଦେଇଛି ତିକ୍ତ ଭାଷାରେ ଉତ୍ତର ।

[ ତେଯ୍ୟାନକେ


ଛନ୍ଦାର ମନ ହେଲା ବଳାଶବାବୁ ମଣିଷ ନୁହନ୍ତି ଦେବତା । ସେ ତାଙ୍କର ପାଦତଳେ ମୁଣ୍ଡ ଲଗାଇ ସମସ୍ତ ଦୋଷ ସ୍ୱୀକାର କରିବାକୁ ଇଚ୍ଛା ହେଲା ।

ଛନ୍ଦା ମୁହଁର ପରିବର୍ତ୍ତିତ ଭାବ ଦେଖି ଗୀତା ଆଉ ଯଦୁ ପଧାନ ଖୁସି ହେଲେ ମନେ ମନେ । ଯାହା ହେଉ, ଏତେ ଦିନକେ ଯାଇ ଗୋଠଛଡ଼ା ଧେନୁ ଘରକୁ ଫେରୁଛି ।

ଛନ୍ଦା ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ । ସେ ଛୋଟ ଶିଶୁଟିଏ ଭଳି ବଳାଶବାବୁଙ୍କର ପେଶୀବହୁଳ ଛାତି ଭିତରେ ମୁହଁ ଲୁଚାଇ କାନ୍ଦି, କାନ୍ଦି କହିଲା—ମୁଁ ଆଉ ହୀରାକୁଦରେ ମୁହଁ ଟେକି ହୁଆ ରହି ପାରିବିନି ବଳାଶବାବୁ ! ଏଇ ହୀରାକୁଦରୁ ଅନ୍ୟ କେଉଁଠିକୁ ନେଇଯାଅ । ନ ହେଲେ ମୁଁ ପାଗଳ ହୋଇଯିବି ।

ବଳାଶବାବୁ ଛନ୍ଦାର ପିଠି ଉପରେ ଖୁବ୍ ସ୍ନେହରେ ହାତ ବୁଲାଉ, ବୁଲାଉ କହିଲେ—ବ୍ୟସ୍ତ ହୁଅନାହିଁ ଛନ୍ଦା ! ଆମେ ଏହି ଅପନ୍ତରା ହୀରାକୁଦରେ ଆଉ ରହିବା ନାହିଁ । ବହୁତ ଦୂରକୁ ଚାଲିଯିବା—ଯେଉଁଠିକି ହୀରାକୁଦର ଗୋଟିଏ ହେଲେ ଲୋକ ପହଞ୍ଚି ପାରିବେ ନାହିଁ । ଏବେ ଚାଲ ବସାକୁ ଫେରି ଯିବା ।

ଛନ୍ଦା, ବଳାଶବାବୁଙ୍କ ସଙ୍ଗରେ ଯାଇ ଗୋଟିଏ ରିକ୍ସାରେ ବସିଲା । ନର୍ସ ଗୀତା ପଧାନ ପଛରୁ କରି ତାର ଅଳକ ମୁଣ୍ଡ ଉପରେ ଓଢ଼ଣାଟିଏ ଟାଣିଦେଲା । ସେପଟା ଛନ୍ଦା ସରଳ, ଶାନ୍ତ ନୂଆବୋହୂଟିଏ ଭଳି ଦେଖା ଯାଉଥିଲା ।



ବଂଶୀଧର ଭୂୟାଁଙ୍କ [illegible] 'ଲିପିକା'ରେ
ସମ୍ପାଦିତ, ପ୍ରକାଶିତ ଓ ମୁଦ୍ରିତ